بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ସାପ୍ତାହିକ
ବଦର
Weekly
BADAR
କାଦିଆନ
Qadian
Odia

ଅଲ୍ଲାଃତାଲାଙ୍କ ବାଣୀ

"ଅଲ୍ଲାଃତାଲାଙ୍କର ସ୍ମରଣ ହିଁ ହୃଦୟକୁ ଶାନ୍ତି ପ୍ରଦାନ କରିଥାଏ ।"

اَلَّذِیۡنَ اٰمَنُوۡا وَتَطۡمَئِنُّ قُلُوۡبُہُمۡ بِذِکۡرِ اللّٰہِ ؕ اَلَا بِذِکۡرِ اللّٰہِ تَطۡمَئِنُّ الۡقُلُوۡبُ ○

ଅନୁବାଦ: ଅର୍ଥାତ୍ ସେହି ଲୋକମାନେ ଯେଉଁମାନେ ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ସ୍ଥାପନ କଲେ ଏବଂ ସେମାନଙ୍କର ହୃଦୟ ଅଲ୍ଲାଃଙ୍କ ସ୍ମରଣ (ଈଶ୍ୱର ଚର୍ଚ୍ଚା) ଦ୍ୱାରା ଶାନ୍ତି ଲାଭ କରିଥାଏ। ତେବେ ଜାଣିରଖ ! କେବଳ ଅଲ୍ଲାଃଙ୍କୁ ସ୍ମରଣ କରିବା ଦ୍ୱାରା ହିଁ ହୃଦୟକୁ ଶାନ୍ତି (ତୃପ୍ତି ଲାଭ) ପ୍ରାପ୍ତ ହୋଇଥାଏ। ।

(ଅର୍ ରାଆଦ୍: 29)

ସମ୍ପାଦକ: କମ୍ଟୁଲ୍ ହକ୍ ଖାନ୍ | **ସହ ସମ୍ପାଦକ:** ସୟଦ୍ ଅତାଉଲ୍ ୱାହାବ୍ **ଗ୍ରନ୍ଥଖଣ୍ଡ: 11 | ସଂଖ୍ୟା:46** 01 ଜମାଦିଉସ୍ ସାନି 1448 ହି.କ, 12 ନବୁୱତ୍ 1405 ହି.ଶ, 12 Nov 2026



ଆଁହ୍ ସ.ଅଙ୍କ ବାଣୀ

ତିନୋଟି ଗୁଣ ଯାହାଠାରେ ବିଦ୍ୟମାନ ହୋଇଯାଏ, ସେ ବିଶ୍ୱାସର ମଧୁରତାକୁ ପ୍ରାପ୍ତ କରିନିଏ ।

عَنۡ أَنَسٍ رَضِیَ اللّٰہُ عَنۡہُ، عَنِ النَّبِیِّ صَلَّی اللّٰہُ عَلَیۡہِ وَسَلَّمَ، قَالَ: «ثَلَاثٌ مَنۡ کُنَّ فِیۡہِ وَجَدَ حَلَاوَۃَ الۡإِیۡمَانِ، أَنۡ یَکُوۡنَ اللّٰہُ وَرَسُوۡلُہُ أَحَبَّ إِلَیۡہِ مِمَّا سِوَاہُمَا، وَأَنۡ یُحِبَّ الۡمَرۡءَ لَا یُحِبُّہُ إِلَّا لِلّٰہِ، وَأَنۡ یَکۡرَہَ أَنۡ یَعُوۡدَ فِی الۡکُفۡرِ کَمَا یَکۡرَہُ أَنۡ یُقۡذَفَ فِی النَّارِ۔

ଅନୁବାଦ: "ହ. ଅନସ୍ ର.ଅ ବର୍ଣ୍ଣନା କରନ୍ତି, ନବୀ କରୀମ୍ ସ.ଅ କହିଲେ: ତିନୋଟି ଗୁଣ ଯାହା ଠାରେ ବିଦ୍ୟମାନ ହୋଇଯାଏ, ସେ ବିଶ୍ୱାସର ମଧୁରତାକୁ ପ୍ରାପ୍ତ କରିନିଏ: 1. ଅଲ୍ଲାଃତାଲା ଏବଂ ତାହାଙ୍କର ବାର୍ତ୍ତାବହ ତା' ନିକଟରେ ସମସ୍ତ ବସ୍ତୁ ଅପେକ୍ଷା ଅଧିକ ପ୍ରିୟ ହୋଇଯାଆନ୍ତି । 2. ସେ କୌଣସି ମନୁଷ୍ୟକୁ କେବଳ ଅଲ୍ଲାଃତାଲାଙ୍କ ସନ୍ତୋଷ ଏବଂ ତାହାଙ୍କ ପ୍ରସନ୍ନତା ପ୍ରାପ୍ତି ସକାଶେ ହିଁ ଭଲ ପାଇଥାଏ । 3. ସେ କୁଫ୍ର (ଅର୍ଥାତ୍ ଅବିଶ୍ୱାସକାରୀତା)କୁ ପୁନର୍ବାର ଫେରିଯିବାକୁ ଏପରି ଅପ୍ରିୟ ବୋଲି ମନେକରେ ଯେପରିକି ସେ ନିଜକୁ ନିଆଁରେ ଫିଙ୍ଗି ଦିଆଯିବାକୁ ଅପ୍ରିୟ ବୋଲି ମନେକରିଥାଏ ।" **(ସହି ମୁସ୍ଲିମ୍, କିତାବୁଲ୍ ଇମାନ୍, ହଦିସ ନଂ-16)**




ହ. ମସିହ୍ ମଉଦ୍ ଅ.ସଙ୍କ ନିତୀବାଣୀ (ତବରରୁକାତେ ହ. ମସିହ୍ ମଉଦ୍ ଅ.ସ)

"ଆମର ସ୍ୱର୍ଗ ହିଁ ଆମର ଈଶ୍ୱର ଅଟନ୍ତି ।"।

ପୁଣ୍ୟଶ୍ଲୋକ ହ. ମସିହ ମଉଦ୍ ଅ.ସ କୁହନ୍ତି: "ଆମର ସ୍ୱର୍ଗ (ବେହିସ୍ତ୍) ହିଁ ଆମର ଈଶ୍ୱର ଅଟନ୍ତି । ଆମର ସର୍ବୋଚ୍ଚ ଆନନ୍ଦ ଆମର ଅଲ୍ଲାଃଙ୍କ ଠାରେ ହିଁ ନିହିତ ରହିଛି । କାରଣ ଆମେ ତାଙ୍କୁ ଦେଖିଲୁ ଏବଂ ସମସ୍ତ ସୌନ୍ଦର୍ଯ୍ୟ ତାହାଙ୍କ ଠାରେ ହିଁ ପାଇଛୁ । ଯଦିଓ ଜୀବନ ଦେଇ ଏହାକୁ ହାସଲ କରିବାକୁ ପଡ଼େ ତେବେ ମଧ୍ୟ ଏହି ସମ୍ପଦ ଗ୍ରହଣଯୋଗ୍ୟ ଅଟେ। ଯଦିଓ ନିଜର ସମଗ୍ର ଅସ୍ତିତ୍ୱ ହରାଇ ଏହା ପ୍ରାପ୍ତ ହୁଏ ତେବେ ମଧ୍ୟ ଏହି ମାଣିକ୍ୟ (ହୀରା) କ୍ରୟଯୋଗ୍ୟ ଅଟେ । ହେ ବଞ୍ଚିତ ଲୋକମାନେ ! ଏହି ଝରଣା ଆଡ଼କୁ ଧାଇଁ ଆସ । କାରଣ ଏହା ତୁମକୁ ତୃପ୍ତ କରିବ । ଏହା ଜୀବନର ଝରଣା ଅଟେ ଯାହା ତୁମକୁ ରକ୍ଷା କରିବ । ମୁଁ କ'ଣ କରିବି ଏବଂ କିପରି ଏହି ଶୁଭସମ୍ବାଦକୁ ତୁମ ହୃଦୟରେ ଆସନ୍ନିତ କରି (ବସାଇ) ଦେବି ? କେଉଁ ଢୋଲ ବଜାଇ ମୁଁ ହାଟ ବଜାରରେ ପ୍ରଚାର କରିବି ଯଦ୍ଦ୍ୱାରାକି ଲୋକମାନେ ଶୁଣିପାରିବେ ଯେ, ଏ ହିଁ ତୁମର ଅଲ୍ଲାଃ ଅଟନ୍ତି ଏବଂ କେଉଁ ଔଷଧ ଦ୍ୱାରା ମୁଁ ଚିକିତ୍ସା କରିବି ଯେ, ଶୁଣିବା ପାଇଁ ଲୋକଙ୍କ କାନ ଖୋଲିଯିବ (ଫିଟିବ) । **(କଷ୍ତିଏ ନୁହ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-19, ପୃଷ୍ଠା-21-22)**

ପୁନଶ୍ଚ ଆପଣ ଅ.ସ କୁହନ୍ତି: "ଯେତେବେଳେ ଚରମ ସୀମା ପର୍ଯ୍ୟନ୍ତ କାହାର ଅସ୍ତିତ୍ୱ ଅତ୍ୟାବଶ୍ୟକ ବୋଲି ମନେକରାଯାଏ ସେତେବେଳେ ସେ ପୂଜନୀୟ (ମାଆବୁଦ୍) ହୋଇଯାଏ । ଏହା କେବଳ ଓ କେବଳ ଅଲ୍ଲାଃତାଆଲାଙ୍କର ହିଁ ଅସ୍ତିତ୍ୱ ଯାହାର କୌଣସି ବିକଳ୍ପ ନାହିଁ । କୌଣସି ମନୁଷ୍ୟ କିମ୍ବା ଅନ୍ୟ ସୃଷ୍ଟି ପାଇଁ ଏପରି କୁହାଯାଇପାରିବ ନାହିଁ ।"

(ମଲ୍ଫୁଜାତ୍, ଗ୍ରନ୍ଥଖଣ୍ଡ-8, ପୃଷ୍ଠା165, ସଂସ୍କରଣ ବର୍ଷ-1984 ମସିହା) ☆☆☆



ତଫ୍ସିର୍ କବିର୍ରୁ ଉଦ୍ଧୃତ ଆଲେଖ୍ୟ (ତବରରୁକାତେ ହ. ମୁସ୍ଲେହ୍ ମଉଦ୍ ର.ଅ)

"ମାନବ ସୃଷ୍ଟିର ପ୍ରକୃତ ଉଦ୍ଦେଶ୍ୟ ହେଉଛି ଅଲ୍ଲାଃତାଆଲାଙ୍କୁ ସ୍ମରଣ କରିବା ଓ ତାହାଙ୍କର ଚର୍ଚ୍ଚା କରିବା ।"

ସୟେଦିନା ହ. ଖଲିଫତୁଲ୍ ମସିହ୍ ସାନି ତଥା ହ. ମୁସ୍ଲେହ୍ ମଉଦ୍ ର.ଅ କୁହନ୍ତି: "ଯେହେତୁ ମାନବ ସୃଷ୍ଟିର ପ୍ରକୃତ ଉଦ୍ଦେଶ୍ୟ ହେଉଛି କେବଳ ଅଲ୍ଲାଃତାଲାଙ୍କୁ ସ୍ମରଣ କରିବା ଏବଂ ତାହାଙ୍କର ଚର୍ଚ୍ଚା (ଚିନ୍ତନ) କରିବା । ଯେତେବେଳେ ଈଶ୍ୱର (ଅର୍ଥାତ୍ ଅଲ୍ଲାଃତାଲା) ପ୍ରାପ୍ତ ହୋଇଯାଆନ୍ତି ସେତେବେଳେ ମନରେ କୌଣସି ଜଳା ପୋଡ଼ା (ବ୍ୟାଧି) ଏବଂ ବ୍ୟାକୁଳତା ରହେ ନାହିଁ । କେବଳ ଶାନ୍ତି ହିଁ ରହିଥାଏ । ଯେଉଁ ଲୋକମାନେ କେବଳ ସାଂସାରିକତା ଅନ୍ୱେଷଣରେ ଥାଆନ୍ତି ସେମାନଙ୍କୁ ଯେଉଁ ପରିମାଣରେ ଉନ୍ନତି ମିଳିଥାଏ ତାହା ସେମାନଙ୍କର ଅଶାନ୍ତି ଓ ଜଳା ପୋଡ଼ା (ବ୍ୟାଧି ବା ଈର୍ଷା) ସେହି ଅତି ମାତ୍ରାରେ ହିଁ ବଢ଼ିଚାଲେ । ମାତ୍ର ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ଆଡ଼କୁ ଅଗ୍ରସର ହୁଏ ଏବଂ ଯେତେ ମାତ୍ରାରେ ସେ ତାହାଙ୍କ ଆଡ଼କୁ ମନୋନିବେଶ କରେ ସେହି ପରିମାଣରେ ତା'ର ହୃଦୟର ଶାନ୍ତି ବୃଦ୍ଧି ପାଇଥାଏ । ଏଥିରୁ ପ୍ରମାଣିତ ହୁଏ ଯେ, ଈଶ୍ୱର ନିଜେ ନିଜର ଅନ୍ୱେଷଣକୁ ହିଁ ଆମ ଜୀବନର ପ୍ରକୃତ ଉଦ୍ଦେଶ୍ୟ ରୂପେ ଧାର୍ଯ୍ୟ କରିଛନ୍ତି । ତେଣୁ ଯେତେବେଳେ ସେହି ଉଦ୍ଦେଶ୍ୟ ପୂରଣ ହୋଇଯାଏ ସେତେବେଳେ ମନୁଷ୍ୟକୁ ପୂର୍ଣ୍ଣ ଶାନ୍ତି ମିଳିଯାଏ ।

ଆମ ରାଜା ମହାରାଜାମାନଙ୍କୁ ହିଁ ଦେଖି ନିଅନ୍ତୁ ! ଯଦିଓ ସରକାରଙ୍କ ଜରିଆରେ ସେମାନଙ୍କର ସୁରକ୍ଷା କରାଯାଏ ତଥାପି କେତେକ ରାଜାଙ୍କର ଭୟର ଅବସ୍ଥା ଏପରି ଥାଏ ଯେ, ବାହାରୁ (ବିଦେଶରୁ) ଠିପି ବନ୍ଦ୍ ହୋଇ ପାଣି ଆସିଥାଏ । ସେମାନଙ୍କ ସମ୍ମୁଖରେ (ପାଣି ବୋତଲ) ଖୋଲାଯାଏ । ତଥାପି ପ୍ରଥମେ ଅନ୍ୟମାନଙ୍କୁ ପାନ କରିବାକୁ ଦିଆଯାଏ ଏବଂ ତା'ପରେ ରାଜା ସାହେବ ନିଜେ ଜଳପାନ କରନ୍ତି । ଠିକ୍ ସେହିପରି ସେମାନଙ୍କ ଖାଦ୍ୟ କ୍ଷେତ୍ରରେ ମଧ୍ୟ ହଜାର ହଜାର ସତର୍କତା ଅବଲମ୍ବନ କରାଯାଇଥାଏଏ । ତା'ପରେ ଯାଇ ସେହି ଖାଦ୍ୟକୁ ପ୍ରଥମେ ସେହି ବ୍ୟକ୍ତି ଖାଇଥାଏ ଯିଏ ତାହାକୁ ରାନ୍ଧିଥାଏ । ପୁନଶ୍ଚ ତାହାକୁ (ଅର୍ଥାତ୍ ସେହି ଖାଦ୍ୟକୁ) ଡାକ୍ତର ସ୍ୱାଦ କରି ପରୀକ୍ଷା କରନ୍ତି, ତା'ପରେ ଯାଇ ତାହା ରାଜାଙ୍କ ସମ୍ମୁଖରେ ପରିବେଷଣ କରାଯାଏ । ଅର୍ଥାତ୍ ପ୍ରତି ମୁହୂର୍ତ୍ତରେ ବିପଦ ଥାଏ ଏବଂ ସତର୍କତା ମଧ୍ୟ ଅବଲମ୍ବନ କରାଯାଇଥାଏ । ପ୍ରତି ମୁହୂର୍ତ୍ତରେ ଅସ୍ଥିରତା ଲାଗି ରହିଥାଏ । ମାତ୍ର ଆମର ପ୍ରିୟାବତାର, ମହାବତାର ତଥା ପ୍ରିୟ ମୁନିବ ହ. ମୁହମ୍ମଦ ରସୁଲୁଲ୍ଲାଃ ସ.ଅଙ୍କୁ ହିଁ ଦେଖନ୍ତୁ ! ଚତୁର୍ଦ୍ଦିଗରେ କେବଳ ଶତ୍ରୁ ଆଉ ଶତ୍ରୁ । କିନ୍ତୁ କୌଣସି ପ୍ରକାରର ଭୟ ନାହିଁ । ବରଂ ପୂର୍ଣ୍ଣ ଶାନ୍ତି ଓ ଆନନ୍ଦ ରହିଛି । ଶତ୍ରୁ ଯଦି ଖାଦ୍ୟ ପାଇଁ ନିମନ୍ତ୍ରଣ କରେ ତେବେ ଆପଣ ସ.ଅ ବିନା ସନ୍ଦେହରେ ସେଠାକୁ ଚାଲିଯାଉଥଲେ । ଥରେ ଜଣେ ଇହୁଦୀ ମହିଳା ଆପଣ ସ.ଅଙ୍କ ଖାଦ୍ୟରେ ବିଷ ମଧ୍ୟ ଦେଇଥିଲା । କିନ୍ତୁ ଅଲ୍ଲାଃତାଆଲା ଐଶୀବାଣୀ ଦ୍ୱାରା ଆପଣ ସ.ଅଙ୍କୁ ଏହି ବିଷୟରେ ଅବଗତ କରାଯାଇଥିଲା ଏବଂ ଆପଣ ସ.ଅ ସେଥିରୁ ସୁରକ୍ଷିତ ରହିଥିଲେ । **(ସୀରତୁନ୍ ନବୀ ସ.ଅ ଲିଇବ୍ନି ହିଶ୍ଶାମ୍, ଶୀର୍ଷକ: ଅମ୍ରେ ଖୈବର୍)**।

ଆପଣ ସ.ଅଙ୍କର ଏତେ ମାତ୍ରାରେ ଶାନ୍ତ ରହିବାର କାରଣ କ'ଣ ଥିଲା ? କେବଳ ଏହି କାରଣରୁ ଯେ, ଆପଣ ସ.ଅ ଏପରି ଏକ ସତ୍ତାଙ୍କ (ଈଶ୍ୱରଙ୍କ) ସହିତ ସମ୍ପର୍କ ସ୍ଥାପନ କରିଥିଲେ ଯିଏ ଅଦୃଶ୍ୟ (ଗୈବ୍ ଓ ଆଦୃଷ୍ଟ)କୁ ଜାଣନ୍ତି ଏବଂ ଯେତେବେଳେ କାହାର ସେହି ପରମସତ୍ତା (ପରମେଶ୍ୱରଙ୍କ) ସହିତ ସମ୍ପର୍କ **ଅବଶିଷ୍ଟାଂଶ... ପୃ-8 ରେ**

ଅହମଦିୟା ଖବର

ଅଲ୍‌ହମଦୁଲିଲ୍ଲାଃ ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍[ଅ.ବ] ସକୁଶଳେ ଅଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍[ଅ.ବ]ଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍[ଅ.ବ]ଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍[ଅ.ବ]ଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । **ଆମିନ୍** ।

ସମ୍ପାଦକୀୟ

2026 ମସିହାର ଅଖିଳ ଭାରତୀୟ ବାର୍ଷିକ ସମ୍ମିଳନୀ (ଇଜତିମା) ଉପଲକ୍ଷେ ହୁଜୁର ଅନୱର୍ لَا إِلٰهَ إِلَّا اللهُ مُحَمَّدٌ رَّسُوْلُ اللهِ ଅ.ବଙ୍କ ମଜଲିସ୍ ଅନସାରୁଲ୍ଲାଃଙ୍କୁ ସନ୍ଦେଶ !

"ମଜ୍‌ଲିସ୍ ଅନ୍‌ସାରୁଲ୍ଲାହ ଭାରତର ପ୍ରିୟ ସଦସ୍ୟଗଣ,

ଅସ୍ସଲାମୁ ଅଲୈକୁମ୍ ୱ ରହ୍‌ମତୁଲ୍ଲାହ୍ ୱ ବରକାତୁହୁ

ଅଲ୍ଲାଃଙ୍କ ଅପାର କୃପାରୁ ଆପଣମାନଙ୍କୁ ନିଜର ବାର୍ଷିକ ସମ୍ମିଳନୀ (ଇଜ୍‌ତିମା) ଆୟୋଜନ କରିବାର ସୌଭାଗ୍ୟ ପ୍ରାପ୍ତ ହେଉଛି । ଅଲ୍ଲାଃତାଲା ଏହାକୁ ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ଏବଂ କଲ୍ୟାଣପୂର୍ଣ୍ଣ କରନ୍ତୁ । **ଆମିନ୍** ।

ଇତ୍ୟବସରରେ (ଏହି ଅବସରରେ) ମୁଁ ଆପଣମାନଙ୍କୁ କେତେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରତି ଧ୍ୟାନ ଆକର୍ଷିତ କରିବାକୁ ଚାହୁଁଛି । ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃର ସଦସ୍ୟମାନଙ୍କୁ ନିଜର ଆତ୍ମସମୀକ୍ଷା କରିବା ଉଚିତ୍ ଯେ, କ'ଣ ଆମେମାନେ ହ. ମସିହ୍ ମଉଦ୍ ଅ.ସଙ୍କ ଇଚ୍ଛା ଅନୁଯାୟୀ ଆମର ଜୀବନକୁ ଗଢ଼ିବା ପାଇଁ ପ୍ରୟାସ କରୁଛେ କି? ଯଦି ଆମେମାନେ ନିଜର ସମୀକ୍ଷା କରିବା ତେବେ 'ଅନ୍‌ସାରୁଲ୍ଲାଃ' କୁହାଯିବା ସତ୍ତ୍ୱେ ଆମର ଅବସ୍ଥା ଚିନ୍ତାଜନକ ଅଟେ । ଆପଣ ଅ.ସ ତ' ଜମାଅତର ପ୍ରତ୍ୟେକ ବ୍ୟକ୍ତିଙ୍କ ଠାରୁ ଉଚ୍ଚ ସ୍ତର (ମାନଦଣ୍ଡ)ର ଆଶା କରନ୍ତି । ଆପଣମାନେ ନିଜକୁ ଅନ୍‌ସାରୁଲ୍ଲାଃ ବୋଲାଇ ଯେତିକି ଧ୍ୟାନ ଦେବାର ଅଧିକାର ଓ ଆବଶ୍ୟକତା ରହିଛି ସେତିକି ଧ୍ୟାନ ସେହି ଦିଗ ପ୍ରତି ନ ଦିଅନ୍ତି ତେବେ ଅନସାର ହେବାର କୌଣସି ଲାଭ ନାହିଁ (କି ଅନସାର ?) ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆମମାନଙ୍କୁ ଆମର ଘରଗୁଡ଼ିକର ପରିବେଶକୁ ଏପରି ଏକ ସ୍ଥାନରେ ପରିଣତ କରିବାକୁ ହେବ ଯେଉଁଠାରେ ପବିତ୍ର ଆଦର୍ଶ ପ୍ରତିଷ୍ଠିତ ହୋଇପାରିବ । ନିଜ ସ୍ତ୍ରୀ ଏବଂ ସନ୍ତାନମାନଙ୍କ ସମ୍ମୁଖରେ ତଥା ନିଜ ସମାଜ ଓ ପରିବେଶରେ ସେହି ଆଦର୍ଶଗୁଡ଼ିକୁ ସ୍ଥାପିତତ କରିବାକୁ ହେବ ଯାହା ସମାଜର କଲ୍ୟାଣ ଏବଂ ଉନ୍ନତି ପାଇଁ ଏକ ଅପରିହାର୍ଯ୍ୟ ମାର୍ଗଦର୍ଶକ ସାଜି ପାରିବ। ଆମର ସନ୍ତାନ ସନ୍ତତିମାନଙ୍କର ସଂଶୋଧନ ପାଇଁ ଆମର ସନ୍ତାନମାନଙ୍କୁ ରକ୍ଷା କରିବା ପାଇଁ, ଆମର ସନ୍ତାନମାନଙ୍କ ମଧ୍ୟରେ ଧର୍ମ ପ୍ରତି ଭାବନା ସୃଷ୍ଟି କରିବା ପାଇଁ, ଆମର ସନ୍ତାନମାନଙ୍କୁ ଅଲ୍ଲାଃତାଲାଙ୍କ ସହିତ ଯୋଡ଼ିବା ପାଇଁ ଏବଂ ଆମର ସନ୍ତାନମାନଙ୍କ ମଧ୍ୟରେ ଜମାତୀୟ ଆଦର ଓ ସମ୍ପର୍କ ସୃଷ୍ଟି କରିବା ପାଇଁ ଆମକୁ ଏପରି ଆଦର୍ଶ ପ୍ରତିଷ୍ଠିତ କରିବା ଉଚିତ୍ ଯାହାକି ଏକ ଦୃଷ୍ଟାନ୍ତ ହୋଇପାରିବ । ପିଲାମାନଙ୍କର ସଂସ୍କାର, ପ୍ରଶିକ୍ଷଣ ପାଇଁ ହ. ମସିହ୍ ମଉଦ୍ ଅ.ସ ଏକ ପଥ୍ୟ (ନୁସଖା) କହିଛନ୍ତି । ତାହା ହେଉଛି ସେମାନଙ୍କ ପାଇଁ ଦୁଆ (ପ୍ରାର୍ଥନା) କରିବା ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଯେପରିକି ଆପଣ ଅ.ସ କୁହନ୍ତି ଯେ,"'ପଥପ୍ରଦର୍ଶନ ଏବଂ ସଂସ୍କାର ପ୍ରକୃତରେ ଅଲ୍ଲାଃତାଲାଙ୍କର ହିଁ କାର୍ଯ୍ୟ ଅଟେ । ଘୋର ପିଛା କରିବା ଏବଂ ଗୋଟିଏ ବିଷୟ ପାଇଁ ଅତିମାତ୍ରାରେ ଜିଦ୍ କରିବା ଅର୍ଥାତ୍ ବାରମ୍ବାର ପିଲାମାନଙ୍କୁ ବାଧା ଦେବା ଏବଂ ଟୋକିବା, ଏହା ଦର୍ଶାଏ ଯେ ଯେପରି ଆମେ ହିଁ ପଥପ୍ରଦର୍ଶନର ମାଲିକ ଅଟୁ । ଆମେ ହିଁ ସେମାନଙ୍କୁ ଆମର ଇଚ୍ଛା ଅନୁଯାୟୀ ଏକ ମାର୍ଗରେ ପରିଚାଳିତ କରିବୁ। ଏହା ଏକ ପ୍ରକାରର ଲୁକ୍କାୟିତ ଶିର୍କ (ଅଂଶୀସ୍ଥାପନ ଅର୍ଥାତ୍ ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିବା) ଅଟେ । ଆମ ଜମାଅତ୍ ଏଥିରୁ ଦୂରେଇ ରହିବା ଉଚିତ୍। ମୁଁ ତ' କେବଳ ମୋର ପିଲାମାନଙ୍କ ପାଇଁ ଦୁଆ କରିଥାଏ ଏବଂ ଉପରିସ୍ଥ (ଉପର ଠଉରିଆ) ଭାବରେ ଶିକ୍ଷାର ନିୟମ ଓ ଆଚରଣକୁ ପାଳନ କରାଇଥାଏ । ବାସ୍ ଏହାଠାରୁ ଅଧିକ ଆଉ କିଛି ନୁହେଁ ଏବଂ ତା'ପରେ ଆମର ସମ୍ପୂର୍ଣ୍ଣ ଭରସା ଅଲ୍ଲାଃତାଲାଙ୍କ ଉପରେ ରହିଥାଏ ଯାହାଙ୍କ ଭିତରେ ସୌଭାଗ୍ୟର ବୀଜ ଥିବ ସେ ସଠିକ୍ ସମୟରେ ସବୁଜ ହୋଇ ଉଠିବ ।" **(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-2, ପୃଷ୍ଠା-5)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ତେଣୁଉ ଉତମଆଦର୍ଶ ଏବଂ ଦୁଆର ସନ୍ତାନଙ୍କ ସଂସ୍କାର ସହିତ ଗଭୀର ସମ୍ପର୍କ ରହିଛି । ତେଣୁ ଏଥି ପ୍ରତି ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ପାଞ୍ଚବେଳା ନମାଜକୁ ନିୟମିତ ଭାବେ ପାଠ କରନ୍ତୁ ଏବଂ 'ତାଲ୍ଲୁକ୍ ବିଲ୍ଲାଃ' (ଆଲ୍ଲାଃତାଲାଙ୍କ ସହିତ ସମ୍ପର୍କ)ରେ ଉନ୍ନତି କରିବା ପାଇଁ ପ୍ରୟାସ କରନ୍ତୁ । ବାସ୍ତବରେ ଯେତେବେଳେ ଜଣେ ବିଶ୍ୱାସକାରୀ, ଧର୍ମପରାୟଣ ବ୍ୟକ୍ତି ନିଜକୁ ଅଲ୍ଲାଃତାଲାଙ୍କୁ ହସ୍ତାନ୍ତର କରିଦିଏ ସେତେବେଳେ ଅଲ୍ଲାଃତାଲା ସ୍ୱୟଂ ତା'ର ଦାୟିତ୍ୱ ଗ୍ରହଣ କରିନିଅନ୍ତି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ ଏକ ସ୍ଥାନରେ କୁହନ୍ତି ଯେ: "ଅଲ୍ଲାଃତାଲା ଏପରି ବ୍ୟକ୍ତିମାନଙ୍କର ଅଭିଭାବକ (ମୁତୱଲ୍ଲୀ) ହୋଇଯାଆନ୍ତି ଯେପରି ସେ କୁହନ୍ତି: وَهُوَ يَتَوَلَّى الصّٰلِحِيْنَ **(ସୁରାଃ ଅଲ୍ ଆରାଫ୍: 197)**। ଅର୍ଥାତ୍ ସେ ସଚ୍ଚୋଟ୍ ଲୋକଙ୍କ ସାଥି ଦିଅନ୍ତି (ସଚ୍ଚୋଟ୍ ଲୋକଙ୍କୁ ସମର୍ଥନ ଜଣାନ୍ତି) । ସେମାନଙ୍କର ଅଭିଭାବକ ହୋଇଯାଆନ୍ତି । ହାଦିସ୍ ଶରୀଫ୍‌ରେ ଆସିଛି ଯେ, ଅଲ୍ଲାଃତାଆଲା ସେମାନଙ୍କର ହସ୍ତ (ହାତ) ହୋଇଯାଆନ୍ତି ଯାହା ଦ୍ୱାରା ସେମାନେ ଧରନ୍ତି । ଅଲ୍ଲାଃତାଲା ସେମାନଙ୍କର ଚକ୍ଷୁ (ଆଖି) ହୋଇଯାଆନ୍ତି ଯାହା ଦ୍ୱାରା ସେମାନେ ଦେଖନ୍ତି । ଅଲ୍ଲାଃତାଲା ସେମାନଙ୍କର କର୍ଣ୍ଣ (କାନ) ହୋଇଯାଆନ୍ତି ଯାହା ଦ୍ୱାରା ସେମାନେ ଶୁଣନ୍ତି । ଅଲ୍ଲାଃତାଲା ସେମାନଙ୍କର ପାଦ ହୋଇଯାଆନ୍ତି ଯାହା ଦ୍ୱାରା ସେମାନେ ଚଲାବୁଲା କରନ୍ତି । ସେହିପରି ଅନ୍ୟ ଏକ ହଦିସରେ ବର୍ଣ୍ଣିତ ଅଛି ଯେ, ମୋର ଓଲି (ପ୍ରିୟଜନ) ସହିତ ଯିଏ ଶତ୍ରୁତା କରେ ମୁଁ ତାକୁ କହେ ଯେ, ହେ ଅମକ ବ୍ୟକ୍ତି ! ତୁ ମୋର ମୁକାବିଲା ପାଇଁ ପ୍ରସ୍ତୁତ ରହିଥା । ସେହିପରି ଅନ୍ୟ ଏକ ସ୍ଥାନରେ ଏହା କୁହାଯାଇଛି ଯେ, ଯେତେବେଳେ କେହି ଅଲ୍ଲାଃଙ୍କ ଓଲି (ବନ୍ଧୁ) ଉପରେ ଆକ୍ରମଣ କରେ ସେତେବେଳେ ଅଲ୍ଲାଃତାଆଲା ତା' ଉପରେ ଏପରି ଭାବରେ ଝାମ୍ପି ପଡ଼ନ୍ତି ଯେପରି ଜଣେ ସିଂହୀଠାରୁ କେହି ତାର ଶାବକକୁ ଛଡ଼ାଇ ନେଲେ ସେ କ୍ରୋଧରେ ଝାମ୍ପି ପଡ଼ିଥାଏ ।" **(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-2, ପୃଷ୍ଠା-680-681)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ତେଣୁ କେତେ ଭାଗ୍ୟବାନ ସେହି ଲୋକମାନେ ଯେଉଁ ଲୋକମାନଙ୍କର ଅଭିଭାବକ ଅଲ୍ଲାଃତାଲା ହୋଇଯାଆନ୍ତି । ଯାହାଙ୍କର ଅଭିଭାବକ ଈଶ୍ୱର ହୋଇଯାଆନ୍ତି ତେବେ ସେମାନଙ୍କର ଦୁଃଖ ଓ ଭୟ କ୍ରମଶଃ ଦୂର ହୋଇଯାଇଥାଏ ଏବଂ ଭବିଷ୍ୟତ ପାଇଁ ସତ୍‌କର୍ମ କରିବା ପ୍ରତି ସେମାନଙ୍କର ଧ୍ୟାନ କୈନ୍ଦ୍ରିତ ହୋଇଥାଏ। ମନେରଖନ୍ତୁ ସଦସ୍ୟବୃନ୍ଦ ! ଯେତେବେଳେ ଆମର ଅଲ୍ଲାଃତାଲାଙ୍କ ସହିତ ଏପରି ସମ୍ବନ୍ଧ ସ୍ଥାପନ ହେବ ଏବଂ ଦୁଆ ଉପରେ ଏତେ ଦୃଢ଼ ବିଶ୍ୱାସ ରହିବ ଯେ, ଆମେ ଏହା ଅନୁଭବ କରିବା ଯେ, ଦୁଆ ନକଲେ ଆମର କିଛି ହେବା ନାହିଁ ଏବଂ ଆମର ପାଞ୍ଚବେଳା ନମାଜରେ ଆନ୍ତରୀକତା (ରିକ୍କତ୍) ଓ ବ୍ୟାକୁଳତା ସୃଷ୍ଟି କରିବା ପାଇଁ ପ୍ରୟାସ କରିବା ଉଚିତ୍ । ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ଦୁଆ କରିବା ପାଇଁ ଚେଷ୍ଟା କରିବା ଉଚିତ୍ । ଅତଏବ୍ ସେତେବେଳେ ଅଲ୍ଲାତାଲାଙ୍କ କୃପାରୁ ଆମର ସନ୍ତାନ ସନ୍ତତିମାନେ ରକ୍ଷା ପାଇଯିବେ । ସେମାନେ ସର୍ବଦା ଧର୍ମ ସହିତ ଜଡ଼ିତ ରହିବେ ଏବଂ ଅଲ୍ଲାଃତାଲାଙ୍କ ସହିତ ସେମାନଙ୍କର ସମ୍ପର୍କ ମଧ୍ୟ ଅଧିକ ଦୃଢ଼ ହେବାରେ ଲାଗିବ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା ଆପଣମାନଙ୍କୁ ଏହି ସୌଭାଗ୍ୟ ପ୍ରଦାନ କରନ୍ତୁ ଯେ, ଆପଣମାନେ ନିଜର ଅବସ୍ଥାକୁ ପରିବର୍ତ୍ତନକାରୀ ବ୍ୟକ୍ତି ରୂପେ ପରିଗଣିତ ହୁଅନ୍ତୁ । ନିଜର ସନ୍ତାନମାନଙ୍କ ଅବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ପ୍ରୟାସ କରୁଥିବା ବ୍ୟକ୍ତି ହୁଅନ୍ତୁ ଏବଂ ଆପଣମାନଙ୍କ ଘରଗୁଡ଼ିକର ପରିବେଶକୁ ଶାନ୍ତିପୂର୍ଣ୍ଣ ରଖୁଥିବା ବ୍ୟକ୍ତି ରୂପେ ପରିଗଣିତ ହୁଅନ୍ତୁ । **ଆମିନ୍** ।"

☆☆☆

ସୟେଦିନା ଅମୀରୁଲ୍ ମୁମିନିନ୍ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଜର୍ମାନୀ ଗସ୍ତ (30 Aug 2023 ଗୁରୁବାର ଦିନ) ଅବିଶିଷ୍ଟାଂଶ... ।

ଯେପରିକି ଆମର ଅମୀର୍ ସାହେବ କହିଲେ ଏବଂ ଏହି ବିରୋଧ ସମ୍ଭବତଃ ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ଯଥାର୍ଥ ମଧ୍ୟ ଥିଲା । କାରଣ ଯେପରିକି ମୁଁ ପୂର୍ବରୁ କହିଛି ଯେ, ସେମାନେ ମୁସଲମାନମାନଙ୍କର ଆଚରଣ ଦେଖିଥିଲେ । ସେମାନେ ଦେଖିଥିଲେ ଯେ, ମୁସଲମାନମାନଙ୍କ ଭିତରେ ଚରମପନ୍ଥୀ ମନୋଭାବ ଦେଖିବାକୁ ମିଳିଥାଏ । ସେମାନେ ଦେଖିଲେ ଯେ, ଅଧିକାଂଶ ମୁସଲମାନମାନ ଦେଶରେ ପରସ୍ପରର ଅଧିକାର ସମ୍ପାଦନ କରାଯାଉ ନାହିଁ । ତେଣୁ ସମ୍ଭବତଃ ଏହି କାରଣରୁ ସେମାନଙ୍କୁ ଆପତ୍ତି ହୋଇଥିବ । କିନ୍ତୁ ଯେତେବେଳେ ସେମାନେ ଆମର ମସଜିଦ୍ ଦେଖିବେ, ଆମମାନଙ୍କର ଆଚରଣ ଦେଖିବେ, ପ୍ରକୃତ ଇସଲାମ ଧର୍ମର ଆଦର୍ଶ ଦେଖିବେ, ସେତେବେଳେ ସେମାନଙ୍କର ସନ୍ଦେହ ଏବଂ ଦ୍ୱନ୍ଦ୍ୱ ଦୂର ହୋଇଯିବ । ଯେପରିକି ଲୋକମାନଙ୍କର ନିଜସ୍ୱ କାର୍ଯ୍ୟରୁ ପ୍ରମାଣିତ ହେଲା ଯେ, ସେହି ଲୋକମାନେ ଯେଉଁମାନେ ଆମର ବିରୋଧୀ ଥିଲେ, ଆଜି ସେମାନେ ଆମର ବନ୍ଧୁ ମଧ୍ୟ ଅଟନ୍ତି ଏବଂ ସେମାନେ ବିରୋଧ କରିବା ବନ୍ଦ କରିଦେଲେ। ଧୀରେ ଧୀରେ ଏହି ବିରୋଧରେ ଆହୁରି ହ୍ରାସ ଘଟିବ ଏବଂ ଲୋକମାନଙ୍କୁ ଇସଲାମ୍ ଧର୍ମ ସମ୍ବନ୍ଧରେ ଅଧିକ ପରିଚୟ ମିଳି ଚାଲିବ । ଏହି ବନ୍ଧୁତାର ପରିସର କ୍ରମଶଃ ବୃଦ୍ଧି ପାଇ ଚାଲିବ ବୋଲି ଆମେ ଆଶା କରୁଛୁ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ: ସେହିପରି ସରକାରଙ୍କ ପକ୍ଷରୁ ସଂଖ୍ୟାଲଘୁ (minority)ଙ୍କ ପ୍ରତିନିଧି ମଧ୍ୟ ଆସିଥିଲେ । ସେ ଏକ ବହୁତ ଭଲ କଥା ମଧ୍ୟ କହିଲେ ଯେ, ଧାର୍ମିକ ସ୍ୱାଧୀନତା ରହିବା ଉଚିତ୍ ଏବଂ ସେମାନଙ୍କ ଦେଶ ଜର୍ମାନୀର ଯେଉଁ ଆଇନ ରହିଛି ତାହା ସମ୍ପୂର୍ଣ୍ଣ ରୂପରେ ଧାର୍ମିକ ସ୍ୱାଧୀନତା ପ୍ରଦାନ କରିଥାଏ । ଏଥିପାଇଁ ଆମେ ସରକାରଙ୍କ ପ୍ରତି କୃତଜ୍ଞ ମଧ୍ୟ ଅଟୁ । କାରଣ ଏହା ହେଉଛି ଧାର୍ମିକ ସ୍ୱାଧୀନତା ଯାହା ଫଳରେ ଅନେକ ପାକିସ୍ତାନୀ ଲୋକ ଏଠାକୁ ଆସି ଏଇଥିପାଇଁ ବସବାସ କଲେ ଯେ, ସେମାନଙ୍କୁ ସେମାନଙ୍କ ନିଜ ଦେଶରେ ଧାର୍ମିକ ସ୍ୱାଧୀନତା ନଥିଲା । ଏଠାକୁ ଆସି ସେମାନଙ୍କୁ ସରକାରଙ୍କ ଆଶ୍ରୟରେ ଶାନ୍ତିରେ ରହିବାର ସୌଭାଗ୍ୟ ମିଳିଲା, ଯାହାଫଳରେ ସେମାନେ ବିନା କୌଣସି ବାଧାବିଘ୍ନରେ ଧାର୍ମିକ ସ୍ୱାଧୀନତାର ଅଧିକାରକୁ ସଠିକ୍ ଭାବରେ ଉପଭୋଗ କରିପାରିବେ । ଏହି ଦୃଷ୍ଟିରୁ ଯେକୌଣସି ପ୍ରକାରେ ଆମେ ସରକାରଙ୍କର କୃତଜ୍ଞ ଅଟୁ । କାରଣ ଯେଉଁ ଦେଶଗୁଡ଼ିକରେ ଲୋକମାନଙ୍କର ଧାର୍ମିକ ସ୍ୱାଧୀନତାକୁ କ୍ଷୁର୍ଣ୍ଣ କରାଯାଏ କିମ୍ବା ଯେକୌଣସି ସ୍ୱାଧୀନତାକୁ କ୍ଷୁର୍ଣ୍ଣ କରାଯାଏ ତେବେ ସେହି ଦେଶମାନଙ୍କରେ ଏମାନଙ୍କୁ ସ୍ୱାଗତ କରାଯାଇଥାଏ । ନିଜ ଭିତରେ ଆପଣେଇବାର ଅନୁମତି ଦିଆଯାଏ । ଏହା ମଧ୍ୟ ଏକ ବହୁତ ଆନନ୍ଦଦାୟକ କଥା କହିଲେ ଯେ, ଏଠାରେ ବିଭିନ୍ନ ଧର୍ମର ଲୋକମାନେ ପ୍ରେମ ଏବଂ ସ୍ନେହରେ ରୁହନ୍ତି ଏବଂ ଏହା ହିଁ ସେହି ଶିକ୍ଷା ଯାହାକୁ ଆରମ୍ଭରେ ମୁଁ ଉଲ୍ଲେଖ କରିଥିଲି ଯେ, ପ୍ରତ୍ୟେକ ଧର୍ମର ପ୍ରତିଷ୍ଠାତା ଏହି ଶିକ୍ଷା ନେଇ ଆସିଥିଲେ ଯେ, ଯେଉଁଠାରେ ତମେ ନିଜର ସୃଷ୍ଟିକର୍ତ୍ତାଙ୍କର ଉପସାନା କର ସେଠାରେ ପରସ୍ପରର ଅଧିକାରଗୁଡ଼ିକୁ ସମ୍ପାଦନ କର ଏବଂ ପରସ୍ପର ସହିତ ଭଦ୍ର ତଥା ଉତ୍ତମ ଆଚରଣ ପ୍ରଦର୍ଶନ କର । ହୁଜୁର୍ ଅନୱର୍ ଅ.ବ କହିଲେ: ଅଧିକାର ସମ୍ପାଦନ କରିବା ହେଉଛି ଇସଲାମ୍ ଧର୍ମର ମୌଳିକ ଆଦେଶ ଅଟେ । ଇସଲାମ୍ ଧର୍ମ ଏହି ଶିକ୍ଷା ଦିଏ ନାହିଁ ଯେ, କେବଳ ନିଜର ଅଧିକାର ପାଇଁ ଲଢ଼ । ଇସଲାମ୍ ଧର୍ମ ଏହା କହେ ଯେ ଅନ୍ୟମାନଙ୍କର ଅଧିକାରଗୁଡ଼ିକୁ ପୂରଣ କରିବାକୁ ଚେଷ୍ଟା

ଅବଶିଷ୍ଟାଂଶ... ପୃ-9ରେ

(ଖୁତ୍‌ବା ଜୁମା)



ତୱକ୍କୁଲ୍ ଅଲଲ୍ଲାଃ (ଅଲ୍ଲାଃଙ୍କ ଉପରେ ଅଗାଧ ଭରସା ଓ ବିଶ୍ୱାସ) ସଂପର୍କରେ ଆଁହ. ସ.ଅଙ୍କ ସତ୍ୟବାଦୀ ଦାସ ହ. ମସିହ୍ ମଉଦ୍ ଅ.ସଙ୍କ ପବିତ୍ର ଜିବନୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

ଖୁତ୍‌ବା ଜୁମା 09 Oct 2026 ମସିହା ଅନୁଯାୟୀ ୦୯ ଇଖା ୧୪୦5 ହିଜ୍ରୀ ଶମ୍ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

بِسۡمِ اللّٰہِ الرَّحۡمٰنِ الرَّحِیۡمِ ۔ اَلۡحَمۡدُ لِلّٰہِ رَبِّ الۡعٰلَمِیۡنَ ۔ اَلرَّحۡمٰنِ الرَّحِیۡمِ ۔ مٰلِکِ یَوۡمِ الدِّیۡنِ ۔ اِیَّاکَ نَعۡبُدُ وَ اِیَّاکَ نَسۡتَعِیۡنُ ۔ اِہۡدِنَا الصِّرَاطَ الۡمُسۡتَقِیۡمَ ۔ صِرَاطَ الَّذِیۡنَ اَنۡعَمۡتَ عَلَیۡہِمۡ ۔ غَیۡرِ الۡمَغۡضُوۡبِ عَلَیۡہِمۡ وَ لَا الضَّآلِّیۡنَ ۔ اٰمِیۡن ۔

ତଶହୁଦ୍, ତଉଜ୍ ଏବଂ ସୁରାଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଆଁହ. ସ.ଅଙ୍କ ତୱକ୍କୁଲ୍ ଅଲଲ୍ଲାଃ ଅର୍ଥାତ୍ ଅଲ୍ଲାଃତାଲାଙ୍କ ଉପରେ ଅଗାଧ ଭରସା ସମ୍ପର୍କରେ ଗତ ଶୁକ୍ରବାର ଦିନ ମୁଁ ମଦ୍ଦାରେ ଆପଣ ସ.ଅଙ୍କ ଜୀବନୀ ସମ୍ପର୍କିତ କେତେକ ଘଟଣାବଳୀ ବର୍ଣ୍ଣନା କରିଥିଲି। ହେଲେ ଆଜି ମୁଁ ହ. ମସିହ୍ ମଉଦ୍ ଅ.ସଙ୍କ ପବିତ୍ର ଜୀବନୀର ଘଟଣାବଳୀ ସଂପର୍କରେ ଚର୍ଚ୍ଚା କରିବି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସଙ୍କ ତୱକ୍କୁଲ୍ (ଭରସା ବା ବିଶ୍ୱାସ)ର ଘଟଣାବଳୀ ବର୍ଣ୍ଣନା କରି ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ ଉଲ୍ଲେଖ କରିଛନ୍ତି ଯେ, "ଡାକ୍ତର ମୀର୍ ମୁହମ୍ମଦ ଇସ୍ମାଇଲ୍ ସାହେବ ର.ଅ ମୋତେ କହିଲେ ଯେ, ଚିକିତ୍ସା ପ୍ରସଙ୍ଗରେ ହ. ମସିହ୍ ମଉଦ୍ ଅ.ସଙ୍କର ପଦ୍ଧତି (ଆଚରଣ ପଛା) ଥିଲା ଯେ, ଆପଣ ଅ.ସ କେବେ ବି ଗୋଟିଏ ପ୍ରକାରର ଚିକିତ୍ସା କରୁ ନଥିଲେ। ବରଂ ଗୋଟିଏ ରୋଗରେ ଆପଣ ଅ.ସ ଇଂରାଜୀ ଔଷଧ ଦେଉଥିଲେ ଏବଂ ଆଉ କେତେବେଳେ ତତସହିତ ୟୁନାନୀ (ପାରମ୍ପରିକ) ଔଷଧ ମଧ୍ୟ ଦେଇ ଯାଉଥିଲେ । ପୁନଶ୍ଚ ଯେକୌଣସି ବ୍ୟକ୍ତି ଯଦି ଉପକାରୀ କଥା କହିଦେଉଥିଲା ସେତେବେଳେ ଆପଣ ସ.ଅ ତାହା ଉପରେ ମଧ୍ୟ କାର୍ଯ୍ୟାନୁସରଣ କରୁଥିଲେ ଏବଂ ଯଦି କାହାକୁ ସ୍ୱପ୍ନରେ କିଛି ଜଣାପଡୁଥିଲା, ତେବେ ତାହା ଉପରେ ମଧ୍ୟ କାର୍ଯ୍ୟାନୁସରଣ କରୁଥିଲେ । ସେହିପରି ବେଳେବେଳେ କେତେକ ସାଧୁ ବ୍ୟକ୍ତିଙ୍କୁ ସ୍ୱପ୍ନରେ ମଧ୍ୟ ଔଷଧର ଫର୍ମୁଲା ଅର୍ଥାତ୍ ପଥ୍ୟ (ନୁସଖା) ଦୃଶ୍ୟମାନ ହୋଇଯାଇଥାଏ। ପୁନଶ୍ଚ ତତସହିତ ଆପଣ ଅ.ସ ଦୁଆ (ପ୍ରାର୍ଥନା) ମଧ୍ୟ କରୁଥିଲେ ଏବଂ ଏକ ସମୟରେ ଡାକ୍ତର ଓ ହକିମମାନଙ୍କଠାରୁ ମଧ୍ୟ ଆପଣ ଅ.ସ ପରାମର୍ଶ ଲୋଡୁଥିଲେ ଓ ଚିକିତ୍ସା ପୁସ୍ତକ ଦେଖି ମଧ୍ୟ ଚିକିତ୍ସାରେ ସହାୟତା ନେଉଥିଲେ। ସଂକ୍ଷେପରେ କହିବାକୁ ଗଲେ ଚିକିତ୍ସାକୁ ଏକ ଅଦ୍ଭୁତ ରୂପର ମିଶ୍ରଣ କରି ଦେଉଥିଲେ ଏବଂ ଆପଣ ଅ.ସଙ୍କର ପ୍ରକୃତ ଭରସା କେବଳ ଓ କେବଳ ଅଲ୍ଲାଃତାଲାଙ୍କ ଉପରେ ହିଁ ହେଉଥିଲା ।"

(ସିରତୁଲ୍ ମହ୍‌ଦୀ, ଗ୍ରନ୍ଥଖଣ୍ଡ-1, ତୃତୀୟାଂଶ, ପୃ- 786, ବର୍ଣ୍ଣନା ସଂଖ୍ୟା-906)

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଲୋକମାନେ ପ୍ରଶ୍ନ କରନ୍ତି ଯେ, ବ୍ୟାକୁଳତା ସୃଷ୍ଟି ହୁଏ, କାହାକୁ ହୁଏ ? କାହିଁକି ହୁଏ? ଏହାର ଶାସ୍ତି କ'ଣ ? କାରଣ କ'ଣ ? ତେଣୁ ସେ ଯାହାହେଉ, ଅବତାରମାନଙ୍କ ବ୍ୟାକୁଳତା ଏବଂ ସାଧାରଣ ବ୍ୟକ୍ତିର ବ୍ୟାକୁଳତା ମଧ୍ୟରେ ପାର୍ଥକ୍ୟ ସ୍ପଷ୍ଟ କରି ଆପଣ ଅ.ସ କୁହନ୍ତି: "ଯଦିଓ ମନୁଷ୍ୟକୁ ମାଅବତାରୟ ଆବଶ୍ୟକତା କାରଣରୁ ବ୍ୟାକୁଳତା (ଅସ୍ଥିରତା) ହୋଇଥାଏ (ଏହା ଏକ ସ୍ୱାଭାବିକ କଥା ଯେ, ମନୁଷ୍ୟକୁ ଅସ୍ଥିରତା ହୋଇଥାଏ ଓ ବ୍ୟାକୁଳତା ହୋଇଥାଏ) । କିନ୍ତୁ ତାହା ମାଅବତାରୟ ସ୍ୱଭାବ ଅଟେ ଏବଂ ସମସ୍ତ ଅବତାରମାନେ ମଧ୍ୟ ଏଥିରେ ସାମାମିଲ ଥାଆନ୍ତି । ଯେପରିକି ବଦର ଯୁଦ୍ଧରେ ଆଁହ. ସ.ଅଙ୍କୁ ବ୍ୟାକୁଳତା ହୋଇଥିଲା ।" ସାଧାରଣ ଲୋକମାନଙ୍କ ମଧ୍ୟରେ ଏବଂ ଅବତାରମାନଙ୍କ ମଧ୍ୟରେ ପାର୍ଥକ୍ୟ ଏହା ଯେ, ସାଧାରଣ ଲୋକଙ୍କ ପରି ଅବତାରମାନଙ୍କ ବ୍ୟାକୁଳତାରେ କେବେ ମଧ୍ୟ ନୈରାଶ୍ୟ ହୋଇ ନଥାଏ (ନିରାଶ ହୁଅନ୍ତି ନାହିଁ) । ସେମାନଙ୍କର ଏହି ବିଷୟରେ ପୂର୍ଣ୍ଣ ବିଶ୍ୱାସ ଥାଏ ଯେ, ଅଲ୍ଲାଃତାଲା କେବେ ମଧ୍ୟ ସେମାନଙ୍କୁ ବ୍ୟର୍ଥ ହେବାକୁ ଦେବେ ନାହିଁ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣ ଅ.ସ କହିଲେ ଯେ: "ମୋର ଏହି ଅବସ୍ଥା ରହିଛି ଯେ, ଯଦି ମୋତେ ଜଳୁଥିବା ନିଆଁରେ ମଧ୍ୟ ପକାଇ ଦିଆଯାଏ ତେବେ ମଧ୍ୟ ମୋର ଏହି ବିଶ୍ୱାସ ତଥା ଧାରଣା ରହିବ ଯେ, ମୁଁ ନଷ୍ଟ ହେବି ନାହିଁ । ବ୍ୟାକୁଳତା ତ' ନିଶ୍ଚୟ ହେବ ଯେ, ଏହା ନିଆଁ ଅଟେ, ଏହାଦ୍ୱାରା ମନୁଷ୍ୟ ଜଳିଯାଇଥା । କିନ୍ତୁ ଏହି ଆଶା ଥାଏ ଯେ, ଏବେ (ବର୍ତ୍ତମାନେ) (ଅଲ୍ଲାଃତାଲାଙ୍କ କରଫରୁ) ସ୍ୱର ଆସିବ:'یٰنَارُ کُوۡنِیۡ بَرۡدًا وَّسَلٰمًا عَلٰۤی اِبۡرٰہِیۡمَ' (ହେ ନିଆଁ ! ତୁ ଇବ୍ରାହିମ ଅ.ସଙ୍କ ପାଇଁ ଥଣ୍ଡା ହୋଇଯା ଏବଂ ତାଙ୍କ ପାଇଁ ଶାନ୍ତିର କାରଣ ପାଲଟିଯା।) "କିନ୍ତୁ ଅନ୍ୟ ଲୋକମାନଙ୍କର ବ୍ୟାକୁଳତାରେ ନୈରାଶ୍ୟ ଥାଏ ।" ଯେଉଁମାନଙ୍କର ବିଶ୍ୱାସ ନଥାଏ ସେହିମାନେ ନିରାଶ୍ୟବାଦୀ ଅଟନ୍ତି । ଅଲ୍ଲାଃତାଲାଙ୍କ ଉପରେ ତ' ସେମାନଙ୍କର ଆଶା ହିଁ ନଥାଏ ଏବଂ ଏହା କୁଫ୍ର ଅର୍ଥାତ୍ ଅବିଶ୍ୱାସ ଅଟେ ।"

(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-4, ପୃ-271, ବି.ଦ୍ର, ସଂସ୍କରଣ ବର୍ଷ-2022 ମସିହା)

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏହି ଯେଉଁ ଅବସ୍ଥା ଅଟେ ତା ଏହା କୁଫ୍ର (ଅବିଶ୍ୱାସକାରୀତା) ଅଟେ । ତେଣୁ: ବ୍ୟାକୁଳତାରେ ଯେପରି ଅଲ୍ଲାଃତାଲାଙ୍କ ଉପରେ ତୱକ୍କୁଲ୍ (ଭରସା ତଥା ବିଶ୍ୱାସ) କରିବା ଅବତାରମାନଙ୍କର ସ୍ୱଭାବ ଅଟେ । ଠିକ୍ ସେହିପରି ଜଣେ ବିଶ୍ୱାସକାରୀ ପକ୍ଷେ ମଧ୍ୟ ଏହା ଉଚିତ୍ ଯେ, ସେ ଅବତାରମାନଙ୍କର ଏବଂ ବିଶେଷ କରି ଆଁହ. ସ.ଅଙ୍କ ସୁନ୍ନତ୍ ଉପରେ ପରିଚାଳିତ ହୋଇ ନୈରାଶ୍ୟକୁ ନିଜ ନିକଟକୁ ଆସିବାକୁ ନଦେଉ। ବ୍ୟାକୁଳତାରେ ମଧ୍ୟ ଅଲ୍ଲାଃତାଲାଙ୍କ ଉପରେ ଭରସା ରହିବା ଉଚିତ୍। ପାର୍ଥିବ କାରଣଗୁଡ଼ିକ ଅର୍ଥାତ୍ ସାଧନର ବ୍ୟବହାର ମଧ୍ୟ ହେବା ଉଚିତ୍ । ଦୁଆଗୁଡ଼ିକ ଉପରେ ଜୋର ଦିଆଯିବା ଉଚିତ୍ । ପୁନଶ୍ଚ ଅଲ୍ଲାଃତାଲାଙ୍କ ଉପରେ ଭରସା ରହିବା ଉଚିତ୍ । ଆପଣ ଅ.ସ ବିଶ୍ୱାସକାରୀମାନଙ୍କୁ ମଧ୍ୟ ଏହି ଉପଦେଶ ଦେଇଥିଲେ ଯେ ବିଶ୍ୱାସକାରୀର ମଧ୍ୟ ଏହି କାମ ଅଟେ ଯେ, ତାହାର ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ରହିବା ଉଚିତ୍ ଏବଂ ଅଲ୍ଲାଃତାଲାଙ୍କ ପ୍ରତି ନୈରାଶ୍ୟ ଭାବ ଆସିବା ଉଚିତ୍ ନୁହେଁ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, "ଆମମାନଙ୍କ ମଧ୍ୟରୁ ବିଶାଧିକ ଲୋକ ଉକ୍ତ କଥାର ଜୀବନ୍ତ ସାକ୍ଷୀ ଅଟନ୍ତି ଯେ, ହ. ଖଲିଫା ଅୱଲ୍ ର.ଅ ଯେତେବେଳେ 'କିତାବ୍ ନୁରୁଦ୍ଦୀନ୍' ଲେଖୁଥିଲେ ସେତେବେଳେ ସେଥିରେ ସେ ଲେଖିଥିଲେ ଯେ, ହ. ଇବ୍ରାହିମ ଅ.ସଙ୍କୁ ନିଆଁରେ ପକାଇବାର ଯେଉଁ ଉଲ୍ଲେଖ ରହିଛି ସେଥିରୁ ଯୁଦ୍ଧର ନିଆଁ ତାତ୍ପର୍ଯ୍ୟ ଅଟେ । ଆପଣ ଅ.ସ ଏହି ଚିନ୍ତା କଲେ ଯେ, ନିଆଁରେ ପଡ଼ି ଜୀବନ୍ତ ବଞ୍ଚିବା ତ' ବହୁତ କଷ୍ଟକର ତେଣୁ ନିଆଁରୁ ତାତ୍ପର୍ଯ୍ୟ ଯୁଦ୍ଧର ନିଆଁ ବୋଲି ଗ୍ରହଣ କଲେ । ହ. ମସିହ୍ ମଉଦ୍ ଅ.ସ ସେହି ଦିନଗୁଡ଼ିକରେ 'ବସରାୱାଁ' (କାଦିୟାନର ନିକଟସ୍ଥ ଏକ ଗ୍ରାମ) "ଆଡ଼କୁ ଭ୍ରମଣ (ସୈର୍) କରିବାକୁ ଯାଉଥିଲେ ।" ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ମୋର ମନେ ଅଛି ଯେ, ମୁଁ ମଧ୍ୟ ସାଙ୍ଗରେ ଥିଲି । କିଏ ଜଣେ ଚାଲିବା ଅବସ୍ଥାରେ କହିଲା, ହୁଜୁର୍ ! ବଡ଼ ମୌଲବୀ ସାହେବ ର.ଅ" (ଅର୍ଥାତ୍ ହ. ଖଲିଫା ଅୱଲ୍ ଅର୍ଥାତ୍ ହ. ମୌଲାନା ହକିମ୍ ନୁରୁଦ୍ଦୀନ ସାହେବ ର.ଅ" ଏକ ବଡ଼ ସୂକ୍ଷ୍ମ ନୀତି ବର୍ଣ୍ଣନା କରିଛନ୍ତି। ଆପଣ ର.ଅ ଉଲ୍ଲେଖ କରନ୍ତି:"(ଯେଉଁ ଲୋକମାନେ ସାଧାରଣତଃ ବୌଦ୍ଧିକ କଥାଗୁଡ଼ିକ ପ୍ରତି ଅଧିକ ଆକର୍ଷିତ ହୁଅନ୍ତି ସେହିମାନେ ହିଁ ଏପରି କଥାଗୁଡ଼ିକୁ ବହୁତ ପସନ୍ଦ କରନ୍ତି) କିନ୍ତୁ ହ. ମସିହ ମଉଦ୍ ଅ.ସ ପ୍ରାୟ ସମସ୍ତ ଭ୍ରମଣ ସମୟରେ ଉକ୍ତ କଥାର ଖଣ୍ଡନ କରି କହିଲେ, "ମୋ ପକ୍ଷରୁ ମୌଲବୀ ସାହେବ ର.ଅଙ୍କୁ କହି ଦିଅନ୍ତୁ ଯେ, ଏହି ବିଷୟବସ୍ତୁଟି କାଟି ଦିଅନ୍ତୁ । ମୋତେ ଐଶୀବାଣୀ ହୋଇଛି ଯେ "ନିଆଁ ଆମର କେବଳ ଦାସ ନୁହେଁ ବରଂ ଦାସାନୁଦାସ (ଦାସମାନଙ୍କର ଦାସ) ଅଟେ" । ତେଣୁ ହ. ଇବ୍ରାହିମ ଅ.ସଙ୍କ ସହିତ ଯଦି ଅଲ୍ଲାଃତାଲା ଏପରି ଆଚରଣ ପ୍ରଦର୍ଶନ କଲେ, ତେବେ ଏଥିରେ ଅସମ୍ଭବ କ'ଣ ?" ପୁନଶ୍ଚ ଆପଣ ଅ.ସ କହିଲେ: "କ'ଣ ମହାମାରୀ (ତାଉନ୍) ନିଆଁଠାରୁ କମ୍ ଅଟେ ? ଦେଖିନିଅ କ'ଣ ଏହା କମ୍ ଚମତ୍କାର ଅଟେ ଯେ, ଚତୁର୍ଦ୍ଦିଗରେ ମହାମାରୀ ବ୍ୟାପିଗଲା । କିନ୍ତୁ ଆମ ଘରକୁ ଅଲ୍ଲାଃତାଲା ଏଥିରୁ ସୁରକ୍ଷିତ ରଖିଲେ । ତେଣୁ ଯଦି ହ. ଇବ୍ରାହିମ ଅ.ସଙ୍କୁ ଅଲ୍ଲାଃତାଲା ନିଆଁରୁ ରକ୍ଷା କରିଛନ୍ତି ତେବେ ଏଥିରେ ଅସମ୍ଭବ କ'ଣ ? ଆମ ପକ୍ଷରୁ ମୌଲବୀ ସାହେବ ର.ଅଙ୍କୁ କହି ଦିଅନ୍ତୁ ଯେ ସେ ଉକ୍ତ ବିଷୟବସ୍ତୁଟିକୁ କାଟି ଦିଅନ୍ତୁ ।" ତେଣୁ ଆପଣ ର.ଅ (ହ. ମୌଲାନା ହକିମ୍ ନୁରୁଦ୍ଦୀନ ସାହେବ ର.ଅ) ଉକ୍ତ ବିଷୟବସ୍ତୁ "ଅର୍ଥାତ୍ ଏତିକି ବାକ୍ୟ କାଟି ଦେଲେ" ।

(ଖୁତ୍‌ବାତେ ମହମୁଦ୍, ଗ୍ରନ୍ଥଖଣ୍ଡ-19, ପୃଷ୍ଠା-617) (ରୋଜ୍‌ନାମା 'ଅଲ୍‌ଫଜ୍‌ଲ୍' କାଦିୟାନ ନଂ-209 ଗ୍ରନ୍ଥଖଣ୍ଡ-26, ତାରିଖ: 10 ସେପ୍ଟେମ୍ବର 1938, ପୃଷ୍ଠା-5-6)

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏହା ହେଉଛି ଆପଣ ଅ.ସଙ୍କର ଅଲ୍ଲାଃତାଲାଙ୍କ ଉପରେ ତୱକ୍କୁଲ୍ (ଅଗାଧ ଭରସା ଓ ବିଶ୍ୱାସ)ର ଏକ ଅଦ୍ଭୁତ ମହିମା ଅଟେ । ଯେତେବେଳେ ଅଲ୍ଲାଃତାଲା ନିଆଁରୁ ରକ୍ଷା କରିବା କଥା କହିଦେଲେ ସେତେବେଳେ ଏହି ପ୍ରଶ୍ନ ହିଁ ଉଠୁ ନାହିଁ ଯେ, ପ୍ରତ୍ୟୁତ୍ତରରେ ଭରସା କରାଯିବ ନାହିଁ ଏବଂ ପୂର୍ଣ୍ଣ ବିଶ୍ୱାସ ରହିବ ନାହିଁ । ପୂର୍ଣ୍ଣ ବିଶ୍ୱାସର ସହିତ ଆପଣ ଅ.ସ କହିଲେ ଯେ, ମୁଁ କହୁଛି ମୋତେ ନିଆଁ ଜାଳିବ ନାହିଁ, କାରଣ ଅଲ୍ଲାଃତାଲା (ଏହା) କହି ଦେଇଛନ୍ତି।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ ଉଲ୍ଲେଖ କରିଛନ୍ତି ଯେ ମୁନସୀ ଜଫର ଅହମଦ ସାହେବ ର.ଅ କପୁରଥଲୱୀ ର.ଅ ବର୍ଣ୍ଣନା କରିଛନ୍ତି ଯେ, ଥରେ ଜଲସା ସାଳାନା (ବାର୍ଷିକ ସମ୍ମିଳନୀ) ଅବସରରେ (ଖର୍ଚ୍ଚ ପାଇଁ) ଅର୍ଥ ନଥିଲା । ସେହି ଦିନଗୁଡ଼ିକରେ ଜଲସା ସାଳାନା ପାଇଁ ଚାନ୍ଦା (ଦାନ) ସଂଗ୍ରହ ହେଉ ନଥିଲା । ହ. ମସିହ୍ ମଉଦ୍ ଅ.ସ୍ ନିଜ ପାଖରୁ ହିଁ ଖର୍ଚ୍ଚ କରୁଥିଲେ । ସ୍ୱର୍ଗତ ମୀର୍ ନାସିର୍ ନୱାବ୍ ସାହେବ ର.ଅ ଆସି କହିଲେ ଯେ, ରାତିରେ ଅତିଥିମାନଙ୍କ ପାଇଁ କୌଣସି ଖାଦ୍ୟ ସାମଗ୍ରୀ ନାହିଁ । ଆପଣ ଅ.ସ କହିଲେ, ପତ୍ନି ମହୋୟଦା ର.ଅଙ୍କଠାରୁ କୌଣସି ଅଳଙ୍କାର ନେଇ ଯାହା ଯଥେଷ୍ଟ ହୋଇପାରିବ ତାହା ବିକ୍ରି କରିଦିଅନ୍ତୁ । ତେଣୁ ଅଳଙ୍କାର ବିକ୍ରି କରାଗଲା ବା ବନ୍ଧକ ରଖାଗଲା ଏବଂ ମୀର୍ ସାହେବ ର.ଅ ଟଙ୍କା ନେଇ ଆସିଲେ । ଅତିଥିମାନଙ୍କୁ ଖାଦ୍ୟ ଯୋଗାଇଲେ ।

ଦୁଇ ଦିନ ପରେ ପୁଣି ମୀର୍ ସାହେବ ର.ଅ ଆସିଲେ ଏବଂ (ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ କୁହନ୍ତି ଯେ,) ରାତିରେ ମୋର ଉପସ୍ଥିତିରେ କହିଲେ, ହୁଜୁର୍! ଆସନ୍ତାକାଲି ପାଇଁ ପୁଣି କିଛି ନାହିଁ । ପ୍ରତ୍ୟୁତ୍ତରରେ ହ. ମସିହ୍ ମଉଦ୍ ଅ.ସ କହିଲେ ଯେ ଆମେ ପାର୍ଥିବ କାରଣଗୁଡ଼ିକୁ ଦୃଷ୍ଟିରେ ରଖି ବ୍ୟବସ୍ଥା କରିଦେଇଥିଲୁ । ବର୍ତ୍ତମାନ ଆମକୁ ଆବଶ୍ୟକତା ନାହିଁ । ଯାହାଙ୍କର ଅତିଥି ଅଟନ୍ତି, ସେ ନିଜେ ହିଁ ବ୍ୟବସ୍ଥା କରିବେ। ପରଦିନ ସକାଳ ଆଠ ବା ନ'ଟା ସମୟରେ ଯତେବେଳେ ଡାକବାଲା ଡାକଘରରୁ ଆସିଲା ସେତେବେଳେ ହୁଜୁର୍ ଅ.ସ ମୀର୍ ସାହେବ ର.ଅ ଏବଂ ମୋତେ ଡାକିଲେ ଏବଂ ସେହି ଡାକବାଲା ହାତରେ ପ୍ରାୟ ଦଶ ପନ୍ଦରଟି ମନିଅର୍ଡର ଥିଲା ଯାହା ବିଭିନ୍ନ

ସ୍ଥାନରୁ ଆସିଥିଲା । ଏକଶହ, ପଚାଶ ଟଙ୍କା ଲେଖାଏଁ ଏବଂ ସେଥିରେ ଲେଖାଥିଲା ଯେ ଆମେ (ସମ୍ମିଳନୀରେ) ଉପସ୍ଥିତ ହେବାରେ ଅସମର୍ଥ ଅଟୁ । ତେଣୁ ଅତିଥିମାନଙ୍କ ଖର୍ଚ୍ଚ ପାଇଁ ଏହି ଟଙ୍କାଗୁଡ଼ିକ ପଠାଯାଉଛି । ତାହା ଆପଣ ଅ.ସ ଗ୍ରହଣ କରି ତୱକ୍କୁଲ୍ (ଭରସା) ସଂପର୍କରେ ଏକ ଭାଷଣ ଦେଲେ । ଅନ୍ୟ କେତେକ ଲୋକମାନେ ମଧ୍ୟ ଥିଲେ, ଯେଉଁଠାରେ ଆପଣ ଅ.ସ ଉପବେଶନ (ସଭା ବା ଯେଉଁ ଆପଣ ଅ.ସ ବସିଥିଲେ) କରିଥିଲେ । ସେହି ସ୍ଥାନର କଥା (ଚର୍ଚ୍ଚା) ଅଟେ । ଆପଣ କହିଲେ: "ଯେପରି ଜଣେ ସାଂସାରିକ ବ୍ୟକ୍ତିକୁ ନିଜର ବାକ୍ସରେ ରଖାଯାଇଥିବା ଟଙ୍କାଗୁଡ଼ିକ ଉପରେ ଭରସା ଥାଏ ଯେ ଯେତେବେଳେ ଚାହିଁବି ବାହାର କରିନେବି । ତା' ଠାରୁ ଅଧିକ ସେହି ଲୋକମାନଙ୍କର ଯେଉଁମାନେ ଅଲ୍ଲାଃତାଲାଙ୍କ ଉପରେ ଭରସା କରନ୍ତି, ଅଲ୍ଲାଃତାଲାଙ୍କ ଉପରେ ସେମାନଙ୍କର ବିଶ୍ୱାସ ଥାଏ ଏବଂ ଏହିପରି ହିଁ ହୋଇଥାଏ ଯେ, ଯେତେବେଳେ ଆବଶ୍ୟକତା ହୁଏ ସେତେବେଳେ ତତକ୍ଷଣାତ୍ ସ୍ୱୟଂ ଅଲ୍ଲାଃତାଲା ପଠାଇ ଦିଅନ୍ତି ।" **(ସିରତୁଲ୍ ମହଦୀ', ଗ୍ରନ୍ଥଖଣ୍ଡ-2, ଚତୁର୍ଥ ଭାଗ, ପୃ-97-98, ଘଟଣା ବର୍ଣ୍ଣନା ସଂଖ୍ୟା-1124ରୁ ଉଦ୍ଧୃତ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲାଙ୍କ ଉପରେ ହ. ମସିହ୍ ମଉଦ୍ ଅ.ସଙ୍କର ଭରସା ଏବଂ ଅଲ୍ଲାଃତାଲାଙ୍କର ଆପଣ ଅ.ସ ଙ୍କ ପ୍ରତି (ସହିତ) କିପରି ବ୍ୟବହାର ଥିଲା ଉକ୍ତ କଥାକୁ ବର୍ଣ୍ଣନା କରି ହ. ମସିହ୍ ମଉଦ୍ ଅ.ସଙ୍କର ଜଣେ ସେବକ ହ. ହାଫିଜ୍ ହାମିଦ୍ ଅଲୀ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, "ମିଆଁ ନଜମୁଦ୍ଦୀନ୍ ସାହେବ ର.ଅ ଭୈରୱୀ ର.ଅ ଲଙ୍ଗରଖାନା (ଭୋଜନାଳୟ)ର ପ୍ରଶାସକ ଥିଲେ । ଥରେ ମିଆଁ ନଜମୁଦ୍ଦୀନ ସାହେବ ର.ଅ ହ. ସାହେବ ଅ.ସଙ୍କ ଦରବାରରେ ଉପସ୍ଥିତ ହେଲେ ଏବଂ କହିଲେ, ହୁଜୁର୍ ! ଲଙ୍ଗରଖାନାର ଆବଶ୍ୟକତା ପାଇଁ ଆଟା ଇତ୍ୟାଦି କ୍ରୟ କରିବା ନିମନ୍ତେ କିଛି ଅର୍ଥ ଦୟାକରି ପ୍ରଦାନ କରନ୍ତୁ । ତେଣୁହ. ସାହେବ ଅ.ସ କହିଲେ, "ବର୍ତ୍ତମାନ ମୋ ପାଖରେ କୌଣସି ଅର୍ଥ ନାହିଁ (କିଛି ପଇସା ନାହିଁ) । ଯେଉଁ ଈଶ୍ୱରଙ୍କର ଏମାନେ ଅତିଥି ଅଟନ୍ତି ଏବଂ ଯାହାଙ୍କ ପାଇଁ ଏହି ଲଙ୍ଗର ଅଟେ, ସେ ନିଜେ ହିଁ ବ୍ୟବସ୍ଥା କରିଦେବେ । ପ୍ରତ୍ୟୁତ୍ତରରେ ମିଆଁ ନଜମୁଦ୍ଦୀନ ର.ଅ ଫେରିଗଲେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, କିଛି ସମୟ ପରେ ଜଣେ ଛିଣ୍ଡା ପୁରୁଣା ପୋଷାକ ପିନ୍ଧିଥିବା ବ୍ୟକ୍ତି ହ. ସାହେବ ଅ.ସଙ୍କ ଦରବାରରେ ଉପସ୍ଥିତ ହେଲା । ଭିତରେ ଖବର ଦିଆଗଲା । ଆପଣ ଅ.ସ ବାହାରକୁ ଆସିଲେ । ସେହି ବ୍ୟକ୍ତି ଆପଣ ଅ.ସଙ୍କ ହାତରେ ଏକ ପୋଷାକର ପୁଟୁଳିରେ ବନ୍ଧାଯାଇଥିବା ଟଙ୍କା ପୁଟଳିଟିଏ ଦେଇଦେଲା ଏବଂ ନିଜେ ଚାଲିଗଲା । ଯେତେବେଳେ ହ. ସାହେବ ଅ.ସ ସେହି ପୁଟଳିଟି ଖୋଲିଲେ ସେତେବେଳେ ସେଥିରେ ଯଥେଷ୍ଟ ପରିମାଣର ଟଙ୍କା ଥିଲା । ହ. ସାହେବ ଅ.ସ ଭିତରୁ ଫେରିଆସି ସେହି ବ୍ୟକ୍ତିଙ୍କୁ ଡାକିବା ପାଇଁ ଏବଂ ଠିକଣା ଜାଣିବା ପାଇଁ ଚେଷ୍ଟା କଲେ କିନ୍ତୁ ସେହି ଦୀନ ବ୍ୟକ୍ତି ମିଳିଲା ନାହିଁ। ମିଆଁ ନଜମୁଦ୍ଦୀନ ସାହେବ ର.ଅ ଙ୍କୁ ହ. ସାହେବ ଅ.ସ ଡାକି ସେହି ସମସ୍ତ ଟଙ୍କା ଦେଇଦେଲେ । **(ରୋଜ୍‌ନାମା 'ଅଲ୍‌ଫଜ୍‌ଲ୍' ରବ୍‌ୱା, ଗ୍ରନ୍ଥଖଣ୍ଡ-46-81, ନଂ-214, ତାରିଖ: 21 ସେପ୍ଟେମ୍ବର 1996, ପୃଷ୍ଠା-3ରୁ ଉଦ୍ଧୃତ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ ବର୍ଣ୍ଣନା କରନ୍ତି ଯେ: "ଆମ ହ. ସାହେବ କହୁଥିଲେ ଯେ, କେହି ଆନନ୍ଦିତ ଅଛି ଯେ, ମୋ ପାଖରେ ଧନ ଅଛି । କେହି ଆନନ୍ଦିତ ଅଛି ଯେ, ମୋର ସନ୍ତାନସନ୍ତତି ବହୁତ ଅଛନ୍ତି ଏବଂ କେହି ଆନନ୍ଦିତ ଅଛି ଯେ, ମୋର ଦଳ (ସମର୍ଥକ) ବହୁତ ଅଛନ୍ତି । କିନ୍ତୁ ମୁଁ ଆନନ୍ଦିତ ଯେ ମୋର ଯେଉଁ ଈଶ୍ୱର ଅଛନ୍ତି ସେ କାଦିରେ ମୁତ୍‌ଲକ୍ (ସର୍ବଶକ୍ତିମାନ) ଅଟନ୍ତି ।"

(ହକାଏକୁଲ୍ ଫୁର୍କାନ୍, ଗ୍ରନ୍ଥଖଣ୍ଡ-2, ପୃ-171)

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ୍ କୁହନ୍ତି ଯେ: "ପ୍ରକୃତ ରାଜିକ୍ (ଜୀବିକା ଦାତା ବା ପ୍ରଦାନକାରୀ) ଅଲ୍ଲାଃତାଲା ଅଟନ୍ତି । ଯେଉଁ ବ୍ୟକ୍ତି ତାହାଙ୍କ ଉପରେ ଭରସା କରେ ତେବେ ସେ କେବେ ବି ଜୀବିକାରୁ ବଞ୍ଚିତ ହୋଇପାରିବ ନାହିଁ । ସେ ପ୍ରତ୍ୟେକ ପ୍ରକାରରେ ଏବଂ ପ୍ରତ୍ୟେକ ସ୍ଥାନରୁ ତାହାଙ୍କ ଉପରେ ଭରସା କରୁଥିବା ବ୍ୟକ୍ତି ପାଇଁ ଜୀବିକା ପହଞ୍ଚାଇଥାଆନ୍ତି । ଅଲ୍ଲାଃତାଲା କୁହନ୍ତି ଯେ, ଯିଏ ମୋ ଉପରେ ଭରସା କରେ ଏବଂ ମୋ ଉପରେ ବିଶ୍ୱାସ କରେ ମୁ ତାହା ପାଇଁ ଆକାଶରୁ (ରିଜକ୍ ଅର୍ଥାତ୍ ଜୀବିକା) ବର୍ଷାଏ ଏବଂ ପାଦତଳୁ (ରିଜକ୍ ଅର୍ଥାତ୍ ଜୀବିକା) ବାହାର କରିଥାଏ। ତେଣୁ ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ଏହା ଉଚିତ୍ ଯେ, ସେ ଅଲ୍ଲାଃତାଲାଙ୍କ ଉପରେ ଭରସା କରୁ।" **(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-9, ପୃ-240-241, ସଂସ୍କରଣ-2022)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଶେଖ୍ ୟାକୁବ୍ ଅଲୀ ସାହେବ ର.ଅ ଇର୍‌ଫାନୀ ର.ଅ ବର୍ଣ୍ଣନା କରନ୍ତି ଯେ "ହ. ମିର୍ଜା ବଶୀରୁଦ୍ଦୀନ ମହମୁଦ ଅହମଦ ସଲମହୁଲ୍ଲାହୁ... କହିଲେ ଯେ, ଜନାବ୍ ଇମାମେ ହମାମ୍ ଅଲୈହି ସଲାତୁ ୱସ୍ସଲାମ୍ 5 ସେପ୍ଟେମ୍ବର 1898 ମସିହାରେ ଆସର୍ ନମାଜ୍ ପରେ ମୋର ଅନୁରୋଧ କ୍ରମେ" (ଅର୍ଥାତ୍ ହ. ମିର୍ଜା ବଶୀରୁଦ୍ଦୀନ୍ ମହମୁଦ ଅହମଦ ର.ଅଙ୍କ ଅନୁରୋଧ କ୍ରମେ, ଯେତେବେଳେ ଆପଣ ଶିଶୁ ଥିଲେ ସେତେବେଳେ ଏକ...ଗପ ଶୁଣାଇଲେ ଏବଂ ସେହି ଗପଟି ଏହା ଥିଲା ଯେ, ସେ କୁହନ୍ତି ଯେ, ଉକ୍ତ ଗପରୁ ଜଣାପଡ଼େ ଯେ ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ଏବଂ ଭରସା କରିବା ତଥା ସତ୍ୟ ଈଶ୍ୱରଭୀରୁତା ମନୁଷ୍ୟକୁ ଏପରି ଯୋଗ୍ୟ କରିଦିଏ ଯେ, ସ୍ୱୟଂ ଅଲ୍ଲାଃତାଲା ତା'ର ଜାମିନ୍ (ରକ୍ଷକ) ହୋଇଯାଆନ୍ତି ଏବଂ ଏପରି ଭାବରେ ତା'ର ଆବଶ୍ୟକତାଗୁଡ଼ିକୁ ପୂର୍ଣ୍ଣ କରନ୍ତି ଯେ, କାହାକୁ ଖବର ମଧ୍ୟ ହୁଏ ନାହିଁ ।" ହୁଜୁର୍ ଅନୱର୍ ଅ.ବ କହିଲେ, ଉକ୍ତ ବିଷୟବସ୍ତୁ ଉପରେ ଆପଣ ଅ.ସ ଏହି ଗଳ୍ପଟି ବର୍ଣ୍ଣନା କଲେ । "ତେଣୁ ହ.... କହିଲେ ଯେ ଜଣେ ମୁରବୀ ବ୍ୟକ୍ତି କେଉଁଆଡ଼େ ଯାତ୍ରାକୁ ଯାଉଥିଲେ ଏବଂ ଏକ ଜଙ୍ଗଲ ଦେଇ ସେ ଅତିକ୍ରମ କଲେ । ସେହି ଜଙ୍ଗଲଠାରେ ଜଣେ ଚୋର ରହୁଥିଲା ଏବଂ ଯିଏ ପ୍ରତ୍ୟେକ ଯିବା ଆସିବା କରୁଥିବା ଯାତ୍ରୀକୁ ଲୁଟି ନେଉଥିଲା । ନିଜର ଅଭ୍ୟାସ ଅନୁଯାୟୀ ସେହି ମୁରବୀ ବ୍ୟକ୍ତିଙ୍କୁ ମଧ୍ୟ ଲୁଟିବାକୁ ଲାଗିଲା । ଉକ୍ତ ସାଧୁ ମୁରବୀ ବ୍ୟକ୍ତି ଜଣକ ସେହି ଚୋରକୁ କହିଲେ: 'وَفِي السَّمَاءِ رِزْقُكُمْ وَمَا تُوعَدُونَ' (ଅଜ୍ ଜାରିଆତ୍: 23) (ଏବଂ ଆକାଶରେ ତୁମ୍ଭର ଜୀବିକା ମଧ୍ୟ ଅଛି ଏବଂ ଯାହା କିଛି ଏହା ବ୍ୟତୀତ ପ୍ରତିଶ୍ରୁତି ଦିଆଯାଏ ତାହା ମଧ୍ୟ ଅଛି।) "ତୁମ୍ଭର ଜୀବିକା ଆକାଶରେ ବିଦ୍ୟମାନ ଅଛି, ତୁମ୍ଭେ ଅଲ୍ଲାଃତାଲାଙ୍କ ଉପରେ ଭରସା କର ଏବଂ ସଂଯମତା ଅର୍ଥାତ୍ ଧର୍ମପରାୟଣତା ଅବଲମ୍ବନ କର ଏବଂ ଚୋରି କରିବା ଛାଡ଼ିଦିଅ । ଅଲ୍ଲାଃତାଲା ତୁମ୍ଭର ଆବଶ୍ୟକତାଗୁଡ଼ିକୁ ସ୍ୱୟଂ ପୂର୍ଣ୍ଣ କରିଦେବେ ।" ଚୋରର ହୃଦୟ ଉପରେ ଏହାର ଗଭୀର ପ୍ରଭାବ ପଡ଼ିଲା। ସେ ଉକ୍ତ ସାଧୁ ମୁରବୀ ବ୍ୟକ୍ତିଙ୍କୁ ଛାଡ଼ିଦେଲା ଏବଂ ତାଙ୍କ କଥା ଉପରେ କାର୍ଯ୍ୟାନୁସରଣ କଲା । ଏପରିକି ତାକୁ ସୁନା ରୂପାର ବାସନରେ ସୁନ୍ଦର ସୁନ୍ଦର ଖାଦ୍ୟ ମିଳିବାକୁ ଲାଗିଲା। ସେ ସେହି ଖାଦ୍ୟ ଖାଇକି ବାସନଗୁଡ଼ିକୁ କୁଡ଼ିଆ ବାହାରକୁ ଫୋପାଡ଼ି ଦେଉଥିଲା ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଭାଗ୍ୟବଶତଃ ସେହି ସାଧୁ ମୁରବୀ ବ୍ୟକ୍ତି ଜଣେ ଯେତେବେଳେ ସେହି ବାଟଦେଇ ଯାତ୍ରା କରୁଥିଲେ ସେତେବେ ସେହି ଚୋର ଯିଏ ବର୍ତ୍ତମାନ ଜଣେ ବହୁତ ଭାଗ୍ୟବାନ ଏବଂ ଈଶ୍ୱରଭୀରୁ ହୋଇଯାଇଥିଲା ସେହି ସାଧୁ ମୁରବୀ ବ୍ୟକ୍ତି ନିକଟରେ ସମସ୍ତ ଅବସ୍ଥା (ବୃତ୍ତାନ୍ତ) ବର୍ଣ୍ଣନା କଲା ଏବଂ କହିଲା ଯେ, ମୋତେ ମହୋଦୟ ! ଆପଣ ଆହୁରି ଏକ ଆୟତ୍ କହି ଦିଅନ୍ତୁ । ତେଣୁ ଉକ୍ତ ବୁଦ୍ଧିଜ୍ଞ ଜଣକ କହିଲେ ଯେ: 'فَوَرَبِّ السَّمَاءِ وَالْأَرْضِ إِنَّهُ لَحَقٌّ' (ତେଣୁ ଆକାଶ ଏବଂ ପୃଥିବୀର ପ୍ରଭୁଙ୍କର ଶପଥ, ଅର୍ଥାତ୍ ଯେତେବେଳେ ଏହି କଥାଗୁଡ଼ିକ ପୂର୍ଣ୍ଣ ହେବ ସେତେବେଳେ ଜଣାପଡ଼ିବ ଯେ, ଏହି ପବିତ୍ର କୁରଆନ୍ ସେହିପରି ଏକ ସତ୍ୟତା ଅଟେ।)" ଏହି ପବିତ୍ର ଶବ୍ଦଗୁଡ଼ିକୁ ଶୁଣି" ସେହି ଚୋର ଉପରେ "ସେହି" ବ୍ୟକ୍ତି ଉପରେ ଯିଏ କି ବର୍ତ୍ତମାନ ଚୋରି କରିବା ଛାଡ଼ି ଦେଇଥିଲା ଏବଂ ଭଲ କାମ କରିବା ଆଡ଼କୁ ଆକର୍ଷିତ ଥିଲା, ବରଂ ସେ ଭଲ କାମ ମଧ୍ୟ କରୁଥିଲା । "ଏପରି ପ୍ରଭାବ ପଡ଼ିଲା ଯେ, ଅଲ୍ଲାଃତାଲାଙ୍କ ମହାନତା ତା' ହୃଦୟରେ ବସିଗଲା ।" ଧର୍ମପରାୟଣତାରେ ଆହୁରି ବୃଦ୍ଧି ପାଇଲା ଏହି ଚିନ୍ତା ସହିତ ପରେ ମନ ଅସ୍ଥିର ଏବଂ ବ୍ୟାକୁଳ ହୋଇ ଉଠିଲା ଓ ସେହିଥିରେ ହିଁ ପ୍ରାଣତ୍ୟାଗ କରିଦେଲା । ତାକୁ ସେତିକି ଅଧ୍ୟାତ୍ମଜ୍ଞାନ (ମାଆରିଫତ୍) ପ୍ରାପ୍ତ ହୋଇଯାଇଥିଲା। ଅତଏବ୍ ହେ ମୋର ଜମାଅତର ପ୍ରିୟତମ ସଦସ୍ୟବୃନ୍ଦ ! ତୁମେମାନେ ଯାହା ଦେଖିଲ ଯେ, ଅଲ୍ଲାଃତାଲାଙ୍କ ଉପରେ ଭରସା କରିବା ଦ୍ୱାରା କ'ଣ କ'ଣ ଆଶୀର୍ବାଦ ମିଳିଥାଏ ଏବଂ ସଂଯମତା (ଧର୍ମପରାୟଣତା) ଅବଲମ୍ବନ କରିବା ଦ୍ୱାରା କିପରି ସମ୍ପଦ ମିଳିଥାଏ ତାହା ବିଚାର କରି ଦେଖ ! ସେହି ଅଲ୍ଲାଃତାଲା ଯିଏ ପୃଥିବୀ ଓ ଆକାଶର ବାସିନ୍ଦାମାନଙ୍କର ପ୍ରତିପାଳନ କରନ୍ତି, କ'ଣ ତାଙ୍କର ଅସ୍ତିତ୍ୱରେ କୌଣସି ସନ୍ଦେହ ବା ସଂଶୟ ରହିପାରିବ ? ସେହି ପବିତ୍ର ଏବଂ ସତ୍ୟ ଈଶ୍ୱର ହିଁ ଅଟନ୍ତି ଯିଏ ଆମକୁ, ତୁମକୁ ଏବଂ ସମସ୍ତଙ୍କୁ ପ୍ରତିପାଳନ (ଲାଳନ ପାଳନ) କରିଥାଆନ୍ତି । ତେଣୁ କେବଳ ଅଲ୍ଲାଃତାଲାଙ୍କୁ ହିଁ ଭୟ କର, ତାଙ୍କରି ଉପରେ ଭରସା କର ଏବଂ ସତ୍‌କର୍ମକୁ ଆପଣାଅ ।" **(ହୟାତେ ଅହମଦ, ଗ୍ରନ୍ଥଖଣ୍ଡ-1, ଭାଗ-2, ପୃ-242-243) (ଅଲ୍ ହକମ୍ ନଂ-26 ଓ 27, ଗ୍ରନ୍ଥଖଣ୍ଡ-2, ତାରିଖ: 6 ରୁ 13 ସେପ୍ଟେମ୍ବର 1898, ପୃଷ୍ଠା-11)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଲୋକମାନେ ସାଧାରଣତଃ କୁହନ୍ତି ଯେ, ଛୋଟ ପିଲାମାନେ ଅଧିକ ଗଭୀର କଥାଗୁଡ଼ିକୁ ବୁଝିପାରନ୍ତି ନାହିଁ କିନ୍ତୁ ହ. ମସିହ୍ ମଉଦ୍ ଅ.ସ ହ. ମୁସ୍‌ଲେହ୍ ମଉଦ୍ ର.ଅ ହ. ମିର୍ଜା ବଶୀରୁଦ୍ଦୀନ ମହମୁଦ ଅହମଦ ର.ଅ ଙ୍କୁ ସେମାନଙ୍କର ବୟସ ଯେତେବେଳେ କେବଳ ନଅ ବର୍ଷ ଥିଲା, ଏହି ଗଳ୍ପଟି ଶୁଣାଇଥିଲେ। ନିଶ୍ଚିତ ଭାବରେ ହ. ମସିହ୍ ମଉଦ୍ ଅ.ସ ହ. ମିର୍ଜା ବଶୀରୁଦ୍ଦୀନ ମହମୁଦ ଅହମଦ ର.ଅଙ୍କର ବୁଦ୍ଧିମତ୍ତା ଅନୁଯାୟୀ ମଧ୍ୟ ଏହି ଗଳ୍ପଟି ଶୁଣାଇଥିବେ। ଆପଣଙ୍କୁ ଜ୍ଞାତ (ଜଣା)ଥିବ ଯେ, ପିଲାଟି ବୁଝିଯିବ । କିନ୍ତୁ ଏହା ମଧ୍ୟ ଆପଣଙ୍କ ଦୃଷ୍ଟି ସମ୍ମୁଖରେ ଥିବ ଯେ, ପିଲାଦିନରୁ ହିଁ ଆପଣ ର.ଅଙ୍କ ମଧ୍ୟରେ, ପିଲାମାନଙ୍କ ମଧ୍ୟରେ ତୱକ୍କୁଲ୍ (ଭରସା)ର ମହତ୍ତ୍ୱ ସୃଷ୍ଟି କରାଯିବା ଉଚିତ୍ । ତେଣୁ ସଂସ୍କାରର ଏହି ନୀତିଗୁଡ଼ିକ ଆମ ସମସ୍ତଙ୍କ ପାଇଁ ମାର୍ଗଦର୍ଶକ ଅଟନ୍ତି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ହ. ମସିହ୍ ମଉଦ୍ ଅ.ସ ଜଣେ ସାଧୁ ପୁରୁଷଙ୍କର କାହାଣୀ ଶୁଣାଉଥିଲେ ଯେ, ସେହି ସାଧୁ ପୁରୁଷ କୌଣସି ଏକ କୋଣରେ ବସି ଧର୍ମୋପଦେଶ ଦେଉଥାଆନ୍ତି ଏବଂ ଅଲ୍ଲାଃତାଲା ତାଙ୍କୁ ସେହିଠାରେ ଜୀବିକା ପହଞ୍ଚାଇ ଦେଉଥିଲେ । ସହର ଠାରୁ ବାହାରେ ଦୂରବର୍ତ୍ତୀ ସ୍ଥାନ ଥିଲା ଯେଉଁଠାରେ ସେହି ସାଧୁ ପୁରୁଷ ରହୁଥିଲେ । ଥରେ ଅନେକ ଦିନ ବିତିଗଲା ଏବଂ ଖାଇବାକୁ କିଛି ଆସିଲା ନାହିଁ । ବୋଧ ହୁଏ ଏହା ଅଲ୍ଲାଃତାଲାଙ୍କ ପକ୍ଷରୁ ଏକ ପରୀକ୍ଷା ଥିଲା । ସେହି ସାଧୁ ପୁରୁଷ କହିଲେ, "ବର୍ତ୍ତମାନ ସହରକୁ ଯାଇ କୌଣସି ବନ୍ଧୁ ଠାରୁ କିଛି ମାଗିବା ଉଚିତ୍ ।" ଭୋକରେ ଉପାସରେ ରହି ଅନେକ ଦିନ ହୋଇଗଲାଣି। ତେଣୁ ସେ ଗଲେ ଏବଂ ଜଣେ ବନ୍ଧୁଙ୍କୁ କହିଲେ, ହେ ବନ୍ଧୁ ! ମୋତେ କିଛି ଖାଇବାକୁ ଦିଅନ୍ତୁ। ସେ ଦୁଇ ତିନିଟି ରୁଟି ଏବଂ କିଛି ତରକାରୀ ରୁଟି ଉପରେ ହିଁ ପକାଇ ଦେଇଦେଲେ। ଏହାକୁ ଧରି ସେ ଯେତେବେବଳେ ଚାଲିବାକୁ ଲାଗିଲେ ସେତେବେଳେ ତତସହିତ ସେହି ବନ୍ଧୁଙ୍କ କୁକୁର ମଧ୍ୟ ପଛେ ପଛେ ଚାଲିବାକୁ ଲାଗିଲା। ସେ ଲାଞ୍ଜ ହଲାଇ ହଲାଇ ଯାଉଥିଲା ଏବଂ ପଛେ ପଛେ ଚାଲୁଥିଲା । ସେହି ସାଧୁ ପୁରୁଷ ଜଣକ ଭାବିଲେ ଯେ, ଏହି ରୁଟି ଉପରେ ଏହାର (ଏହି କୁକୁରର) ମଧ୍ୟ ଅଧିକାର ଅଛି । କାରଣ ଏହି ଘରର ସେ

ଜଗୁଆଳି କରୁଛି । ଯେଉଁ ଘରର ମାଲିକ ଠାରୁ ମୁଁ ଏହି ରୁଟି ଆଣିଛି, ଏହି କୁକୁରଟି ସେହି ଘରର କୁକୁର ଅଟେ । ଏହାର ମଧ୍ୟ ଅଧିକାର ଥିବ । କାରଣ ଏହି କୁକୁର ସେଠାରେ ଘରର ଜଗୁଆଳି (ପ୍ରହରା ଦେଉଛି) କରୁଛି । ଘରର ଜଗୁଛି ଏବଂ ସେ ଗୋଟିଏ ରୁଟିରେ ତରକାରୀର ତୃତୀୟ ଭାଗ ପକାଇ ତାହା ଆଗକୁ ଫୋପାଡ଼ି ଦେଲେ । କାରଣ ଏହା ମଧ୍ୟ କୁକୁରର ଅଧିକାର ଅଟେ । ତେଣୁ ସେ ମାଲିକ ଠାରୁ ଯେଉଁ ରୁଟି ଆଣିଥିଲେ ତାହାର ତୃତୀୟ ଭାଗ ସେ କୁକୁରକୁ ଦେଇଦେଲେ । କୁକୁରଟି ତାହା ଖାଇନେଲା ଏବଂ ପୁଣି ତାଙ୍କ ପଛେ ପଛେ ଚାଲିବାକୁ ଲାଗିଲା । ସାଧୁ ପୁରୁଷ ଜଣକ ଭାବିଲେ ଯେ, ନିଶ୍ଚିତ ଭାବରେ ଏହାର ଅଧିକାର ଅଧିକ ଅଟେ । କାରଣ ଏହା ଏହି ଘରର ସୁରକ୍ଷାକାରୀ ଅଟେ ଏବଂ ଗୋଟିଏ ରୁଟିରେ ତରକାରୀର ଆଉ ଏକ ଭାଗ ପକାଇ କୁକୁର ଆଗକୁ ରୁଟି ଫୋପାଡ଼ି ଦେଲେ । କିନ୍ତୁ କୁକୁରଟି ତାହା ଖାଇକି ମଧ୍ୟ ପଛେ ପଛେ ଚାଲିବାକୁ ଲାଗିଲା । ଏପଟେ ସେହି ସାଧୁ ମୁରବୀ ବ୍ୟକ୍ତି ଜଣକୁ ଜୋରରେ ଭୋକ ଲାଗିଥିଲା । ସେ ଏହା କହିବାକୁ ଲାଗିଲେ ଯେ, ହେ କୁକୁର ତୁ ତ'ବଡ଼ ନିର୍ଲଜ୍ଜ ଅଟୁ । ବର୍ତ୍ତମାନ କୁକୁର ସହିତ ହିଁ କଥା ସେ ହେଉଛନ୍ତି "ମୁଁ ତିନୋଟିରୁ ଦୁଇଟି ରୁଟି ତୋତେ ଦେଇସାରିଛି କିନ୍ତୁ ତଥାପି ତୁ ମୋର ପିଛା ଛାଡୁ ନାହଁ । ଏହା କହିବା ଥିଲା କି ତତକ୍ଷଣାତ୍ କଶ୍‌ଫ୍ (ଆଧ୍ୟାତ୍ମିକ ସ୍ୱପ୍ନ ଦର୍ଶନ)ର ଅବସ୍ଥା ସୃଷ୍ଟି ହେଲା ସେ ସଂସାରର ଅବସ୍ଥାକୁ ସମ୍ପୂର୍ଣ୍ଣ ଭାବରେ ଭୁଲିଗଲେ। କୁକୁରର ଆତ୍ମା ରୂପ ନେଇ ତାଙ୍କ ସାମ୍ନାକୁ ଆସିଲା ଏବଂ କହିଲା ଯେ, ହେ ବ୍ୟକ୍ତି! ତୁମେ ମୋତେ ନିର୍ଲଜ କହୁଛ, ଯଦିଓ ମୁଁ ତ' କେବଳ କୁକୁର ଅଟେ ଏବଂ ତୁମେ ମନୁଷ୍ୟ ଅଟ । ମୋତେ ସାତ ସାତ ଦିନ ଏହି ଘରୁ ଉପବାସ (ଭୋକିଲା) ରହିଛିଛି ଏବଂ ମୁଁ ଏହି ଦୁଆର କୁ ଛାଡ଼ିନାହିଁ । କିନ୍ତୁ ତୁମକୁ ତିନି ଦିନର ଉପବାସ ମିଳିଲା ଏବଂ ତୁମେ ନିଜର ଦୁଆ ଛାଡ଼ିକି ସହରକୁ ଚାଲିଆସିଲ ? କୁହ, ନିର୍ଲଜ କିଏ, ମୁଁ ନା ତୁମେ ? ଏହି କଥା ଶୁଣି ତାଙ୍କର ଆଖି ଖୋଲିଗଲା ଏବଂ ତୃତୀୟ ରୁଟି ମଧ୍ୟ ତରକାରୀ ସହିତ କୁକୁର ଆଗକୁ ଫୋପାଡ଼ି ଦେଲେ । ଯେତେବେଳେ ନିଜର ସ୍ଥାନକୁ ଫେରିଲେ ସେତେବେଳେ ଦେଖିଲେ ଯେ, ଜଣେ ବ୍ୟକ୍ତି ଅତ୍ୟନ୍ତ ସୁସ୍ୱାଦୁ ଖାଦ୍ୟ ଧରି ବସିଛନ୍ତି ଏବଂ କହୁଛନ୍ତି ଯେ, ହେ ମହାପୁରୁଷ ! ଆପଣ କୁଆଡ଼େ ଚାଲିଯାଇଥିଲେ ମୁଁ ପରା ଆପଣଅଙ୍କୁ ଏଠାରେ ଅପେକ୍ଷା କରିଥିଲି । ତେଣୁ ତୱକ୍କୁଲ୍‌ର (ଭରସା ଓ ବିଶ୍ୱାସର) ସ୍ଥାନ ଏହା ହିଁ ଯେ, ମନୁଷ୍ୟ ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କାହା ଉପରେ ଦୃଷ୍ଟି ନରଖୁ । ତୱକ୍କୁଲ୍ (ଭରସା) ର ଏହି ଅର୍ଥ ମଧ୍ୟ ନୁହେଁ ଯେ, ଅଲ୍ଲାଃତାଲାଙ୍କୁ ଖୋଜୁଥିବା ଲୋକମାନଙ୍କ ପାଇଁ ସାମଗ୍ରୀ (ବ୍ୟବସ୍ଥା) କରିବା ନିଷେଧ ଅଟେ । ଅଲ୍ଲାଃତାଲା ତହିଁରୁ ମଧ୍ୟ ମନା କରି ନାହାନ୍ତି । ସାମଗ୍ରୀ ଓ ସାଧନ ମଧ୍ୟ ଅବଲମ୍ବନ କରାଯାଇପାରିବ ।"

(ଖୁତ୍‌ବାତେ ମହମ୍ମଦ୍, ଗ୍ରନ୍ଥଖଣ୍ଡ-20, ପୃ-511-512)

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲାଙ୍କର ପ୍ରତ୍ୟେକ ବ୍ୟକ୍ତିଙ୍କ ସହିତ ବିଭିନ୍ନ ବ୍ୟବହାର ରହିଛି। ସେହି ସାଧୁ ମୁରବୀ ବ୍ୟକ୍ତିସହିତ ଏକ ପ୍ରକାରର ବ୍ୟବହାର ଥିଲା, ତାଙ୍କର ପରୀକ୍ଷା ଏହିପରି ଭାବରେ ଅଲ୍ଲାଃତାଲା ନେଇଥିଲେ, କିନ୍ତୁ ଏହା ମଧ୍ୟ ସତ୍ୟ ଯେ ପାର୍ଥିବ କାରଣଗୁଡ଼ିକର ବ୍ୟବହାର ହେବା ଉଚିତ୍ । ଏହି ବିଷୟରେ ମଧ୍ୟ ଅଲ୍ଲାଃତାଲାଙ୍କର ଏବା ହିଁ ନିର୍ଦ୍ଦେଶ ଅଟେ ଏବଂ ଏହାକୁ ମଧ୍ୟ ହ. ମସିହ୍ ମଉଦ୍ ଅ.ସ ଅନେକ ସ୍ଥାନରେ ବର୍ଣ୍ଣନା କରିଛନ୍ତି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମୁଫତି ମୁହମ୍ମଦ ସାଦିକ୍ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ ହ. ମସିହ୍ ମଉଦ୍ ଅ.ସ କହୁଥିଲେ ଯେ "ମୋ ଦୃଷ୍ଟିରେ ସବୁଠାରୁ ବଡ଼ ମୁଶ୍ରିକ୍ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରୁଥିବା ବ୍ୟକ୍ତି) କିମିଆଗର (ରସାୟନବିତ୍) ମାନେ ଅଟନ୍ତି ଯେ, ଏମାନେ ଜୀବିକାର ସନ୍ଧାନରେ ଏହିପରି ଦିଗ ବିଦିଗ (ଏଣେ ତେଣେ) ବୁଲୁଥାଆନ୍ତି ଏବଂ ସେହି ସାଧନଗୁଡ଼ିକୁ ବିନିଯୋଗ କରନ୍ତି ନାହିଁ ଯାହା ଅଲ୍ଲାଃତାଲା ଜୀବିକା ଅର୍ଜନ ପାଇଁ ବୈଧ ଭାବରେ ନିର୍ଦ୍ଧାରିତ କରିଛନ୍ତି । ପୁନଶ୍ଚ ତୱକ୍କୁଲ୍ (ଈଶ୍ୱରଙ୍କ ଉପରେ ଅଗାଧ ଭରସା) ମଧ୍ୟ କରନ୍ତି ନାହିଁ । ହେଲେ ଅଲ୍ଲାଃତାଲା କୁହନ୍ତି ଯେ: 'وَفِي السَّمَآءِ رِزْقُكُمْ وَمَا تُوعَدُوْنَ' **(ଆଜ୍ ଜାରିଆତ୍: 23)** ଅର୍ଥାତ୍ ଆକାଶରେ ତୁମ୍ଭର ଜୀବିକା ରହିଅଛି ଏବଂ ଯାହା କିଛି ତୁମକୁ ପ୍ରତିଶ୍ରୁତି ଦିଆଯାଏ । ମୁଁ ଏପରି ମୁହୱିସ୍‌ମାନଙ୍କୁ" (ଅର୍ଥାତ୍ ଗଛର ଚେରମୂଳିରୁ ସୁନା ରୂପା ତିଆରି କରୁଥିବା ନାମକୁମାତ୍ର କିମିଆଗର) ଏକ କିମିଆର ନୁସଖା (ଫର୍ମୁଲା ବା ପଥ୍ୟ) ବତାଇଥାଉ । କିନ୍ତୁ ସର୍ତ୍ତ ଏହିକି ଯେ, ସେମାନେ ପ୍ରତ୍ୟୁତ୍ତରରେ କାର୍ଯ୍ୟାନୁସରଣ କରନ୍ତୁ ।" କେବଳ ଏହିପରି କିମିଆଗିରି କରୁଛ, ତୁମକୁ କିଛି ମିଳୁ ନାହିଁ । ମୁଁ ତୁମକୁ ନୁସଖା (ପଥ୍ୟ ବା ଫର୍ମୁଲା) ବତାଉଛି ଏବଂ ନୁସଖା ଏପରି ହେବ ଯେ, ଉପକାରୀ ମଧ୍ୟ ହେବ, ଯଦି ତୁମେ ପ୍ରତ୍ୟୁତ୍ତରରେ କାର୍ଯ୍ୟାନୁସରଣ କର । ଆପଣ ଅ.ସ କୁହନ୍ତି "ଅଲ୍ଲାଃତାଲା କୁହନ୍ତି ଯେ: 'وَمَنْ يَّتَّقِ اللّٰهَ يَجْعَلْ لَّهٗ مَخْرَجًا وَّيَرْزُقْهُ مِنْ حَيْثُ لَا يَحْتَسِبُ' **(ଅତ୍ ତଲାକ୍: 3-4)** ଏବଂ ଯିଏ ଅଲ୍ଲାଃତାଲାଙ୍କୁ ଭୟ କରେ, ତାହା ପାଇଁ ସେ (ଅଲ୍ଲାଃତାଲା) ମୁକ୍ତିର କୌଣସି ନା କୌଣସି ପନ୍ଥା ସୃଷ୍ଟି କରିଦିଅନ୍ତି ଏବଂ ତାହାକୁ ସେହି ସ୍ଥାନରୁ ଜୀବିକା ପ୍ରଦାନ କରନ୍ତି ଯେଉଁଠାରୁ ସେ କଳ୍ପନା ମଧ୍ୟ କରିପାରେ ନାହିଁ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ,"ତେଣୁ ସଂଯମତା ବା ଧର୍ମପରାୟଣତା ଏପରି ଏକ ବସ୍ତୁ ଅଟେ ଯେ, ଯଦି କୌଣସି ବ୍ୟକ୍ତିକୁ ଏହା ପ୍ରାପ୍ତ ହୁଏ ତେବେ ତାହାକୁ ଯେପରି ସମସ୍ତ ବିଶ୍ୱର ଆଶୀର୍ବାଦ ପ୍ରାପ୍ତ ହୋଇଗଲା । ମନେରଖ ! ଈଶ୍ୱରଭୀରୁ (ଧର୍ମପରାୟଣ ବ୍ୟକ୍ତି) ବ୍ୟକ୍ତି କେବେ ମଧ୍ୟ କାହା ଉପରେ ନିର୍ଭରଶୀଳ ହୁଏ ନାହିଁ (ଅଭାବି ହୁଏ ନାହିଁ)। ବରଂ ସେ ସେହି ସ୍ଥାନରେ ଥାଏ ଯେ ଯାହା ଚାହେଁ, ଈଶ୍ୱର ତାହା ପାଇଁ ତା'ର ମାଗିବା ପୂର୍ବରୁ ପ୍ରସ୍ତୁତ କରିଦିଅନ୍ତି ।" ହୁଜୁର୍ ଅନୱର୍ ଅ.ବ କହିଲେ, ଆପଣ କୁହନ୍ତି: "ମୁଁ ଏକ କଶ୍‌ଫ୍ (ଆଧ୍ୟାତ୍ମିକ ସ୍ୱପ୍ନ ଦର୍ଶନ)ରେ ଅଲ୍ଲାଃତାଲାଙ୍କୁ ଉପମା (ତମସୁଲ୍) ରୂପରେ ଦେଖିଲି ଯେ ମୋର ବେକରେ ହାତ ପକାଇ କହିଲେ: 'ହେ (ପ୍ରତିଶ୍ରୁତ ମସିହ୍) ତୁ ଯଦି ମୋର ହୋଇଗଲୁ ତେବେ ସମସ୍ତ ଜଗତ୍ ତୋର ହୋଇଯିବ ।' ବାସ୍ ଏହା ସେହି ନୁସଖା (ଫର୍ମୁଲା ବା ପଥ୍ୟ) ଅଟେ ଯାହା ସମସ୍ତ ଅବତାରମାନେ ଅ.ସ, ଓଲିଆମାନେ (ସନ୍ଥମାନେ) ଏବଂ ସାଧୁମାନଙ୍କର ବହୁ ପରୀକ୍ଷିତ ପଥ୍ୟ ଅଟେ । ଅଜ୍ଞାନ ଲୋକମାନେ ଏହି କଥାକୁ ଛାଡ଼ି ଗଛର ମୂଳ (ଚେରମୂଳି) ସନ୍ଧାନରେ ଦିଗ ବିଦିଗ ବୁଲୁଥାଆନ୍ତି । ଏତେ ପରିଶ୍ରମ ଯଦି ସେମାନେ ସେହି ଚେରମୂଳିଗୁଡ଼ିକର ସୃଷ୍ଟିକର୍ତ୍ତାଙ୍କ ପାଇଁ କରନ୍ତେ..." ଅର୍ଥାତ୍ ଚେରମୂଳିଗୁଡ଼ିକୁ ତ' ଅଲ୍ଲାଃତାଲା ହିଁ ସୃଷ୍ଟି କରିଛନ୍ତି ନା ! ତାହାକୁ ପ୍ରାପ୍ତ କରିବାର ପରିଶ୍ରମ କରନ୍ତେ, ତକ୍ୱା (ଧର୍ମପରାୟଣତା) ପ୍ରାପ୍ତ କରନ୍ତେ ତେବେ ଯାଇ ସମସ୍ତ ମନବାଞ୍ଛିତ ଆଶା ପୂର୍ଣ୍ଣ କରି ନିଅନ୍ତେ ।"

(ଜିକ୍ରେ ହବୀବ୍, ହ. ମୁଫ୍‌ତି ମୁହମ୍ମଦ ସାଦିକ୍ ସାହେବ ର.ଅଙ୍କ କୃତ, ପୃ-207-208)

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସଙ୍କ ଅଗାଧ ଈଶ୍ୱର ବିଶ୍ୱାସର ଏକ ଘଟଣା ବର୍ଣ୍ଣନା କରି ହ. ମୁନସୀ ଅରୋଡ଼େ ଖାନ୍ ସାହେବ ର.ଅ ଉଲ୍ଲେଖ କରିଛନ୍ତି ଯେ "ହୁଜୁର୍ ଅ.ସ ଦିଲ୍ଲୀକୁ ଗଲେ । ଯିବା ସମୟରେ ବିଶିଷ୍ଟ ବନ୍ଧୁମାନଙ୍କୁ ପତ୍ର ଲେଖିଲେ ଯେ, ଯେଉଁ ବନ୍ଧୁକୁ ମୋର ପତ୍ର ମିଳିବ, ଯଦି ସମ୍ଭବ ହୁଏ ତେବେ ସେମାନେ ଯଥାଶୀଘ୍ର ଦିଲ୍ଲୀ ପହଞ୍ଚନ୍ତୁ । ଆମର ଶାସ୍ତ୍ରାର୍ଥ (ମୁବାହିସା) ମୌଲବୀ ନଜୀର୍ ହୁସେନ୍ ଦେହେଲୱୀଙ୍କ ସହିତ ହେବ ।" ଶାସ୍ତ୍ରାର୍ଥ (ମୁବାହିସା) ହେବାର ଥିଲା ମୌଲବୀ ନଜୀର୍ ହୁସେନ୍‌ଙ୍କ ସହିତ। "ତେଣୁ ହୁଜୁର୍ ଅ.ସ କୁହନ୍ତି ଯେ, ମୁଁ ମଧ୍ୟ ଦିଲ୍ଲୀ ପହଞ୍ଚିଲି । ସେଠାରେ ଜଣାପଡ଼ିଲା ଯେ, ମୌଲବୀ ସାହେବ ର.ଅ (ମୌଲବୀ ନଜୀର୍ ହୁସେନ୍) ଉପଦ୍ରବ ସୃଷ୍ଟି କରିବାର ଉଦ୍ଦେଶ୍ୟ ରଖିଛନ୍ତି । ଏବେ ଆମେ ଅମୀର ଅଲୀ ଶାହାଙ୍କ ସହିତ ଯିଏ ସମ୍ଭବତଃ ପୋଲିସ୍ ଇନସପେକ୍ଟର ଥିଲେ କିମ୍ବା ଅନ୍ୟ କୌଣସି ପଦାଧିକାରୀ ଥିଲେ, ଆଲୋଚନା କଲୁ । ସେ କହିଲେ ଯେ, ଆମେ ଶାନ୍ତିର ଉତ୍ତମ ବ୍ୟବସ୍ଥା ରଖିବୁ ।" ପୋଲିସ୍ ଫୋର୍ସ (ବଳ) ପର୍ଯ୍ୟାପ୍ତ ସଂଖ୍ୟାରେ ପଠାଇଦେବି, ତୁମେ ଚିନ୍ତା କର ନାହିଁ। ଏପରି କୌଣସି ସମସ୍ୟା ଉପୁଜିବ ନାହିଁ । ଅତଏବ୍ ଯେଉଁଦିନ ଶାସ୍ତ୍ରାର୍ଥ ହେବାର ଥିଲା, ମୁଁ ଏବଂ ଚୌଧୁରୀ ନୱାବ୍ ଖାନ୍ ଅମୀର ଅଲୀ ଶାହାଙ୍କ ନିକଟକୁ ଗଲୁ। କିନ୍ତୁ ସେ କହିଲେ ଯେ, ଦୁଃଖର କଥା ଆମେ କୌଣସି ବ୍ୟବସ୍ଥା କରିପାରିବୁ ନାହିଁ। ମୌଲବୀ ମୁହମ୍ମଦ ହୁସେନ୍ ବଟାଲୱୀ ଡେପୁଟି କମିଶନର ସାହେବ ବାହାଦୁରଙ୍କ ନିକଟରେ ଅଭିଯୋଗ କଲେ ଯେ, ମୌଲବୀମାନେ ପ୍ରତିଦିନ ଆଲୋଚନା କରନ୍ତି, କ'ଣ ଆପଣ ପ୍ରତିଦିନ ଏହି ସାଧାରଣ କଥାଗୁଡ଼ିକର ବ୍ୟବସ୍ଥା କରିବେ ? "ପୋଲିସର ବଡ଼ ବଡ଼ ଫୋର୍ସ ପଠାଇବେ।" ତେଣୁ ସେ କହିଦେଲେ ଯେ, ବ୍ୟବସ୍ଥା କରିବାର କୌଣସି ଆବଶ୍ୟକତା ନାହିଁ" (ଡେପୁଟି କମିଶନର ସାହେବ)।" ପୋଲିସ୍ ଇନସପେକ୍ଟର କହିଲେ, ଆମେ ଅସହାୟ ଅଟୁ, ଆମେ କିଛି କରିପାରିବୁ ନାହିଁ । ଏହିପରି ଭାବରେ କଥାବାର୍ତ୍ତାରେ ବହୁତ ସମୟ ବିତିଗଲା । ମୁଁ ନୱାବ୍ ଖାନ୍‌ଙ୍କୁ କହିଲି, ମହୋଦୟ ! ଚାଲନ୍ତୁ ସମୟ ହୋଇ ଗଲାଣି । ହୁଜୁର୍ ତ' ଆମର ପ୍ରତୀକ୍ଷା (ଅପେକ୍ଷା) କରିବେ ନାହିଁ । ସମୟରେ ଶାସ୍ତ୍ରାର୍ଥ (ମୁବାହିସା) ସ୍ଥାନରେ ପହଞ୍ଚିଯିବେ । ଆମେ ଶୀଘ୍ର ଶୀଘ୍ର ସେଠାରେ ପହଞ୍ଚିଲୁ । ଦେଖିଲୁ ଯେ, ହୁଜୁର୍ ଅ.ସ ବାହନ ଉପରେ ଆରୋହଣ ହେଇଛନ୍ତି (ଗାଡ଼ିରେ ବସୁଛନ୍ତି) । ଅତଏବ୍ କୁହାଗଲା ଯେ, ହୁଜୁର୍ ! ପୋଲିସର ବ୍ୟବସ୍ଥା ତ' ନାହିଁ । ଯେପରି ବ୍ୟବସ୍ଥା ଏମାନେ ଚାହୁଁଥିଲେ ସେପରି ବ୍ୟବସ୍ଥା ନଥିଲା । ତଥାପି ଅଳ୍ପ ବହୁତ ପୋଲିସ୍ ତ' ସେଠାରେ ଥିଲା । ଆପଣ ଅ.ସ କହିଲେ ଯେ, ଆମେ କାହିଁକି ବା ଭ୍ରୁକ୍ଷେପ କରିବୁ । ହ. ମସିହ୍ ମଉଦ୍ ଅ.ସ କହିଲେ ଯେ, ମୁଁ କାହିଁକି ଚିନ୍ତା କରିବି? ଆମର ବ୍ୟବସ୍ଥା ଈଶ୍ୱର କରିବେ । ଆମେ ନିଶ୍ଚୟ ଯିବୁ ଅଟକି ରହିପାରିବୁ ନାହିଁ ।" "ଆପଣ ଅ.ସ ସେଠାରେ ପହଞ୍ଚିଲେ । ହୁଜୁର୍ ଅ.ସଙ୍କ ସହିତ ଏଗାର ଜଣ ଏବଂ ଜଣେ ବାଳକ, ଅର୍ଥାତ୍ କେବଳ ବାର ଜଣ ବ୍ୟକ୍ତି ଥିଲେ ।" ସେପଟେ ବିରୋଧୀ ଲୋକମାନେ ହଜାର ହଜାର ସଂଖ୍ୟାରେ ଥିଲେ ଏବଂ ଉପଦ୍ରବର ମଧ୍ୟ ଘୋର ଆଶଙ୍କା ଥିଲା । କିନ୍ତୁ ହୁଜୁର୍ ଅ.ସଙ୍କ ଚେହେରାରେ ଟିକିଏ ହେଲେ ବି ଭୟ ଓ ବିଷାଦ ଜଣାପଡୁ ନଥିଲା। ଆପଣ ଅ.ସ ଜଣେ ବୀର ପୁରୁଷଙ୍କ ପରି ସେମାନଙ୍କ ମଧ୍ୟରେ ଯାଇ ପହଞ୍ଚିଲେ । କୌଣସି ବିରୋଧୀର କୌଣସି କୁଚକ୍ର ଚାଲିଲା ନାହିଁ । ଈଶ୍ୱର ପ୍ରତ୍ୟେକ ଅତ୍ୟାଚାରୀର କୁଚକ୍ରରୁ ହୁଜୁର୍ ଅ.ସଙ୍କୁ ରକ୍ଷା କଲେ ।"

(ସିରତେ ଅହମଦ, କୁଦ୍ରତୁଲ୍ଲାଃ ସନୱରୀଙ୍କ କୃତ, ପୃ-8-9)

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣ ଅ.ସଙ୍କର ଅଲ୍ଲାଃତାଲାଙ୍କ ଉପରେ ସମ୍ପୂର୍ଣ୍ଣ ତୱକ୍କୁଲ୍ (ଭରସା) ଥିଲା । ଆପଣ ଅ.ସଙ୍କର ଭରସା କେବଳ ଓ କେବଳ ଅଲ୍ଲାଃତାଲାଙ୍କ ଉପରେ ହିଁ ରହିଥିଲା । ହ. ମୁସ୍‌ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ: "ବିଶ୍ୱାସକାରୀର କାମ ଅଲ୍ଲାଃତାଲାଙ୍କ ଉପରେ ଭରସା କରିବା ଅଟେ । କାମ ତ' ଅଲ୍ଲାଃତାଲା ହିଁ କରନ୍ତି। କିନ୍ତୁ ଆମମାନଙ୍କର କର୍ତ୍ତବ୍ୟ ଏହିକି ଯେ ଆମେମାନେ ତାହା ହିଁ କରିବୁ, ଆମେମାନେ ସେତିକି ହିଁ ଚିନ୍ତା କରିବୁ ଏବଂ ଆମେମାନେ ସେତିକି ହିଁ କହିବୁ ଯାହା ଅଲ୍ଲାଃତାଲା କହିଛନ୍ତି ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମସିହ ମଉଦ୍ ଅ.ସ ଆଥମ୍ (ଅବଦୁଲ୍ଲାଃ ଆଥମ୍) ସମ୍ପର୍କରେ ଭବିଷ୍ୟବାଣୀ କରିଥିଲେ ଏବଂ ଭବିଷ୍ୟବାଣୀର ସମୟସୀମା ଅତିକ୍ରମ ହୋଇଗଲା । ଆପଣ ର.ଅ (ହ. ମୁସ୍‌ଲେହ୍ ମଉଦ୍ ର.ଅ) ଉଲ୍ଲେଖ କରନ୍ତି ଯେ, "ମୁଁ ସେହି ସମୟରେ ଛଅ ସାତ ବର୍ଷ ବୟସର ଥିଲି । ମୋତେ ସେହି ଦୃଶ୍ୟଟି ଭଲଭାବରେ ମନେ ଅଛି..." ହ. ମୁସ୍‌ଲେହ୍ ମଉଦ୍ ର.ଅ ବିସ୍ତାରିତ ଭାବରେ କୋଠରୀ ଇତ୍ୟାଦିର ମାନଚିତ୍ର ମଧ୍ୟ ବର୍ଣ୍ଣନା କରିଛନ୍ତି । ନକ୍ସା ଅଙ୍କନ କରିଛନ୍ତି ଯେ, କେଉଁ କେଉଁ କୋଠରୀ

ସେତେବେଳେ କେଉଁ କାର୍ଯ୍ୟ ପାଇଁ ବ୍ୟବହୃତ ହେଉଥିଲା । ପରବର୍ତ୍ତୀ ସମୟରେ କେଉଁଠି ବ୍ୟବହୃତ ହେଉଥିଲା । ସେ ଯାହାହେଉ ସବିଶେଷ ବିବରଣୀ ପ୍ରଦାନ କରିବା ପରେ ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି ଯେ, "ମୋର ଭଲ ଭାବରେ ସ୍ୱପ୍ନ ମନେ ଅଛି ଯେ, ମୁଁ ବହୁତ ଛୋଟ ଥିଲି ଯେତେବେଳେ ଆଥମ୍‌ର ଭବିଷ୍ୟବାଣୀର ସମୟ ସଂପୂର୍ଣ୍ଣ ହେଲା। ସମ୍ଭବତଃ ଏହା 1894 ମସିହାର ଶେଷ କିମ୍ବା 1895 ମସିହାର ପ୍ରାରମ୍ଭର କଥା ଅଟେ । ମୁଁ ସେହି ସମୟରେ ସାଢ଼େ ପାଞ୍ଚ ବା ଛଅ ବର୍ଷ ବୟସର ଥିଲି। ମୋତେ ସେହି ଦୃଶ୍ୟଟି ଏପର୍ଯ୍ୟନ୍ତ ମନେଅଛି । ସେହି ସମୟରେ ତ' ମୁଁ ତାହାକୁ ବୁଝୁ ନଥିଲି । କାରଣ ମୋର ବୟସ ବହୁତ ଛୋଟ ଥିଲା । କିନ୍ତୁ ବର୍ତ୍ତମାନ ଘଟଣାଗୁଡ଼ିକରୁ ମୁଁ ବୁଝୁଛି ଯେ, ଯେଉଁଦିନ ଆଥମ୍‌ର ଭବିଷ୍ୟବାଣୀ ସଂପୂର୍ଣ୍ଣ ହେବାର ଶେଷ ଦିନ ଥିଲା, ଅର୍ଥାତ୍ ପନ୍ଦର ମାସ ସମାପ୍ତ ହେବାର ଥିଲା, ସେହିଦିନ ଏତେ ହାହାକାର ହୋଇଯାଇଥିଲା ଯେ, ଲୋକମାନେ କାନ୍ଦି କାନ୍ଦି ଚିତ୍କାର କରୁଥିଲେ ଏବଂ ପ୍ରାର୍ଥନା କରୁଥିଲେ ଯେ, ହେଇଶ୍ୱର! ଆଥମ୍ ମରିଯାଉ ।" ଏହା ଆସର୍ (ଅପରାହ୍ନ) ପରେ ଏବଂ ମଗ୍ରିବ (ସନ୍ଧ୍ୟା) ପୂର୍ବର କଥା ଅଟେ । "ପୁନଶ୍ଚ ନମାଜର ସମୟ ହେଲା, ହ. ମସିହ ମଉଦ୍ ଅ.ସ ନମାଜ୍ ପାଠ କଲେ ଏବଂ ନମାଜ୍ ପରେ ଆପଣ ଅ.ସ ମଜଲିସ୍ (ସଭା)ରେ ବସିଗଲେ । ଯଦିଓ ଏହି ବୟସରେ ମୁଁ ନିୟମିତ ଭାବରେ ମଜଲିସ୍‌ରେ (ସଭାରେ) ଉପସ୍ଥିତ ହେଉ ନଥିଲି। କିନ୍ତୁ କେବେ କେବେ ମଜଲିସ୍‌ରେ ବସିଯାଉଥିଲି । ସେହିଦିନ ମୁଁ ମଧ୍ୟ ମଜଲିସ୍‌ରେ ବସିଗଲି। ସେହିଦିନ ଯେଉଁ ଲୋକମାନେ କାନ୍ଦି କାନ୍ଦି ଦୁଆ (ପ୍ରାର୍ଥନା) କରୁଥିଲେ, ହ. ମସିହ ମଉଦ୍ ଅ.ସ ସେମାନଙ୍କର ଏହି କାର୍ଯ୍ୟ ଉପରେ କ୍ରୋଧ ପ୍ରକାଶ କଲେ ଏବଂ କହିଲେ: "କ'ଣ ଅଲ୍ଲାଃତାଲାଙ୍କ ଠାରୁ ମଧ୍ୟ ଅଧିକ କୌଣସି ମନୁଷ୍ୟକୁ ତାହାଙ୍କ ବାଣୀ ପାଇଁ ଅଭିମାନ (ଗୈରତ୍) ହୋଇପାରିବା ? ଯେତେବେଳେ ଅଲ୍ଲାଃତାଲା ଏହି କଥା କହିଛନ୍ତି ଯେ, ଏପରି ହେବ ସେତେବେଳେ ଆମମାନଙ୍କର ଅଲ୍ଲାଃତାଲାଙ୍କ ବାଣୀ ଉପରେ ବିଶ୍ୱାସ ରଖିବା ଉଚିତ୍ ଯେ, ଏପରି ନିଶ୍ଚୟ ହେବ ଯଦି ଆମେମାନେ ଅଲ୍ଲାଃତାଲାଙ୍କ କଥାକୁ ଭୁଲ୍ ଭାବରେ ବୁଝିଛୁ ।" (ହୋଇପାରେ ଅନ୍ୟ କିଛି ତାତ୍ପର୍ଯ୍ୟ ଥାଇପାରେ) "ତେବେ ଅଲ୍ଲାଃତାଲା ଏହି କଥାର ବାଧ୍ୟ ନୁହଁନ୍ତି ଯେ, ସେ ଆମର ଭୁଲ୍ ଅନୁଯାୟୀ ନିଷ୍ପତ୍ତି ନିଅନ୍ତୁ। ଆମର କାମ କେବଳ ଏତିକି ଯେ, ଯେତେବେଳେ ଆମେମାନେ ଜଣେ ବ୍ୟକ୍ତିଙ୍କୁ ସତ୍ୟବାଦୀ (ରାସ୍ତବାଜ୍) ବୋଲି ମାନି ନେଇଛୁ ସେତେବେଳେ ତା'ର କଥାଗୁଡ଼ିକ ଉପରେ ବିଶ୍ୱାସ ରଖିବା ଉଚିତ୍ ।" ଯେତେବେଳେ ତୁମେମାନେ ମୋତେ ମସିହ ମଉଦ୍ ଅ.ସ ଅ.ସ ବୋଲି ସ୍ୱୀକାର କରିଛ ସେତେବେଳେ ତୁମେମାନେ ମୋ କଥାଗୁଡ଼ିକ ଉପରେ ବିଶ୍ୱାସ ରଖ । କେଉଁ ପଦ୍ଧତିରେ ଅଲ୍ଲାଃତାଲା କାର୍ଯ୍ୟ କରିବେ ତାହା ସେ ନିଜେ ଭଲଭାବରେ ଜାଣନ୍ତି।" ସୁତରାଂ ବିଶ୍ୱାସକାରୀରର କାମ ଏହା ଯେ, ସେ ଅଲ୍ଲାଃତାଲାଙ୍କ ଉପରେ ତୱକ୍କୁଲ୍ (ଭରସା) କରୁ। ଅଲ୍ଲାଃତାଲାଙ୍କ କଥା ଯେକୌଣସି ପ୍ରକାରେ ପୂର୍ଣ୍ଣ ହୋଇଥାଏ ।" **(ଖୁତ୍‌ବାତେ ମହମୁଦ୍, ଗ୍ରନ୍ଥଖଣ୍ଡ-30, ପୃ-109-110)**

ହୁଜୁର୍ ଅନୱର୍ ଅ.ବ କହିଲେ, କେଉଁ ପଦ୍ଧତିରେ କଥା ସମ୍ପୂର୍ଣ୍ଣ ହୁଏ ଏବଂ କେଉଁ ଶୈଳୀରେ ତାହାଙ୍କ କାର୍ଯ୍ୟ ସୂମ୍ପୂର୍ଣ୍ଣ ହୁଏ ତାହା ସେ (ଅଲ୍ଲାଃତାଲା) ଭଲଭାବରେ ଜାଣନ୍ତି । ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ "ମୁନସୀ ଜଫର ଅହମଦ ସାହେବ ର.ଅ ମୋତେ କହିଲେ ଯେ, ଆଥମ୍‌ର ଶାସ୍ତ୍ରାର୍ଥ (ମୁବାହିସା) ସମୟରେ ଆଥମ୍ ଏକଦା ଏପରି ପ୍ରଶ୍ନଗୁଡ଼ିକ ପଚାରିଲା ଯେ, ଆମର କେତେକ ବନ୍ଧୁ ଆଶ୍ଚର୍ଯ୍ୟ ହୋଇଗଲେ ଯେ, ଏହାର ଉତ୍ତର ତତକ୍ଷଣାତ୍ ଦିଆଯାଇପାରିବ ନାହିଁ ଏବଂ କେତେକ ବନ୍ଧୁମାନେ ଏକ କମିଟି ଗଠନ କଲେ" (ଅର୍ଥାତ୍ ଏକ ବୈଠକ କଲେ, ଏକାଠି ହୋଇଗଲେ) ଏବଂ ପବିତ୍ର କୋରଆନ୍ କରୀମ୍ ଏବଂ ବାଇବଲ୍ (ଇଞ୍ଜିଲ୍)ର ଉଦ୍ଧୃତି ଦ୍ୱାରା ପ୍ରମାଣ ଦେବାକୁ ଚାହିଁଲେ ଯେ, ହ. ସାହେବ ଅ.ସଙ୍କୁ ସାହାଯ୍ୟ କରନ୍ତୁ (କିଛି ପ୍ରାମାଣ୍ୟ ପ୍ରଦାନ କରନ୍ତୁ)। ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ କୁହନ୍ତି "ମୁଁ ମୌଲବୀ ଅବଦୁଲ୍ କରୀମ ସାହେବ ର.ଅଙ୍କୁ ହସିହସି କହିଲି ଯେ, ମୁନସୀ ଜଫର ସାହେବ ର.ଅ ! କ'ଣ ନବୁଅତ୍ (ଅବତାରତ୍ୱ) (ଭବିଷ୍ୟବାଣୀ) ଗୁଡ଼ିକ ମଧ୍ୟ ପରାମର୍ଶ ଦ୍ୱାରା ହୋଇଥାଏ କି ?" ଯଦି ହ. ମସିହ୍ ମଉଦ୍ ଅ.ସଙ୍କୁ ଆବଶ୍ୟକ ହେବ ତେବେ ଆପଣ ଅ.ସ ନିଜେ ହିଁ ପ୍ରାମାଣ୍ୟ ମାଗିନେବେ । ତୁମମାନଙ୍କୁ ଯାଇ ପ୍ରାମାଣ୍ୟ ଦେବାର କ'ଣ ଆବଶ୍ୟକତା ରହିଛି ? "ଏତିକିରେ ହ. ସାହେବ ଅ.ସ ଆସିଲେ ଏବଂ ହୁଜୁର୍ ଅ.ସ କିଛି କଥାବାର୍ତ୍ତା ହୋଇ ଚାଲିବାକୁ ଲାଗିଲେ, ତେବେ ସ୍ୱର୍ଗତ ମୌଲବୀ ଅବଦୁଲ୍ କରୀମ ସାହେବ ର.ଅ ର.ଅ ଠିଆ ହୋଇ କହିଲେ ଯେ, ହୁଜୁର୍ ! ଯଦି ଆସନ୍ତାକାଲିର ଉତ୍ତର ପାଇଁ ପରାମର୍ଶ କରି ନିଆଯାଏ, ତେବେ କୌଣସି ଅସୁବିଧା ନାହିଁ । ହୁଜୁର୍ ଅ.ସ କହିଲେ, ହଉ ପରାମର୍ଶ କରି ନିଅନ୍ତୁ କେଉଁ କେଉଁ ପ୍ରକାରରେ ଉତ୍ତର ଦେବାକୁ ହେବ, ପ୍ରାମାଣ୍ୟଗୁଡ଼ିକୁ ଏକତ୍ରିତ କରି ନିଅନ୍ତୁ । ପ୍ରତ୍ୟୁତ୍ତରରେ ହ. ସାହେବ ଅ.ସ ହସି ହସି କହିଲେ ଯେ, ଆପଣ ଅ.ସଙ୍କର ଦୁଆ (ପ୍ରାର୍ଥନା) ଯଥେଷ୍ଟ ଅଟେ । ଆପଣ ଦୁଆ କରନ୍ତୁ, ବାସ୍ ଏହା ହିଁ ଯଥେଷ୍ଟ ଅଟେ। ଆପଣ ଅ.ସ ତତକ୍ଷଣାତ୍ ପ୍ରସ୍ଥାନ କଲେ..." ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ ଉଲ୍ଲେଖ କରିନ୍ତି ଯେ, "ଅବତାରମାନେ ଅଧିକାଂଶ କାର୍ଯ୍ୟରେ ପରାମର୍ଶ ନେଇଥା'ନ୍ତି ଏବଂ ସେମାନଙ୍କ ଠାରୁ ଅଧିକ କେହି ପରାମର୍ଶ ନିଅନ୍ତି ନାହିଁ । କିନ୍ତୁ ବେଳେବେଳେ ଏପରି ସମୟ ଆସିଥାଏ ଯେଉଁଥିରେ ସେମାନେ ଅନ୍ୟ ମାଧ୍ୟମଗୁଡ଼ିକୁ ଛାଡ଼ି କେବଳ ଈଶ୍ୱରଙ୍କ ସହାୟତା ଉପରେ ହିଁ ଭରସା କରିବାକୁ ପସନ୍ଦ କରିଥାଆନ୍ତି । ଏହାବ୍ୟତୀତ ପରାମର୍ଶର ମଧ୍ୟ ସମୟ ଓ ସ୍ଥାନ ଥାଏ ଏବଂ କୌଣସି ଶତ୍ରୁ ପକ୍ଷରୁ ଶୈକ୍ଷିକ ବା ବୌଦ୍ଧିକ ଆପତ୍ତି (ଇଲ୍‌ମି ଏତରାଜ୍) ହେଲେ ଅବତାରମାନେ ସାଧାରଣତଃ କେବଳ ଈଶ୍ୱରଙ୍କ ସହାୟତା ଉପରେହିଁ ଭରସା କରନ୍ତି । ତେଣୁ ଇତ୍ୟବସରରେ ଈଶ୍ୱର ଖ୍ରୀଷ୍ଟିଆନମାନଙ୍କୁ ଅପମାନିତ କଲେ ।"

(ସିରତୁଲ୍ ମହ୍‌ଦୀ, ଗ୍ରନ୍ଥଖଣ୍ଡ-1, ତୃତୀୟ ଭାଗ, ପୃଷ୍ଠା-523, ଘଟଣା ନଂ-515)

ହୁଜୁର୍ ଅନୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ "ମୁଁ ଅନେକ ଥର ଶୁଣେଇଛି ଯେ, ହ. ମସିହ ମଉଦ୍ ଅ.ସ ଯେତେବେଳେ ଭୂମିକମ୍ପ (ଜଲଜଲା)ର ଐଶୀବାଣୀଗୁଡ଼ିକ କାରଣରୁ ବଗିଚାକୁ ପ୍ରସ୍ଥାନ କଲେ ସେତେବେଳେ ଦିନେ ଆପଣ ଅ.ସ ଘରେ ହ. ଅମ୍ମା ଜାନ ର.ଅଙ୍କ ସହିତ କଥାବାର୍ତ୍ତା ହେଉ ହେଉ କହିଲେ, ଶ୍ରୀମତୀ ! ଟଙ୍କା ଆଦୌ ନାହିଁ। ମୋର ଧାରଣା ଅଛି ଯେ, କେତେକ ବନ୍ଧୁଙ୍କ ଠାରୁ ଧାର (କର୍ଜ) ନିଆଯାଉ । କିନ୍ତୁ ପୁଣି ଆପଣ ଅ.ସ କହିଲେ ଯେ, ଏହା ମଧ୍ୟ ତୱକ୍କୁଲ୍ (ଭରସା)ର ବିରୁଦ୍ଧୀୟ ଅଟେ ଯେ ମୁଁ ଲୋକଙ୍କ ଠାରୁ ଋଣ ନେବି ।" ପୁନଶ୍ଚ ଆପଣ ଅ.ସ ମସଜିଦ୍‌କୁ ଗଲେ ଏବଂ ନମାଜ୍ ହେଲା । ଯେତେବେଳେ ଆଫଣ ଅ.ସ ନମାଜ ପାଠ କରିସାରି ଫେରିଲେ ସେତେବେଳେ ଆପଣ ଅ.ସ ଏକ ପୁଟଳି ବାହାର କଲେ ଏବଂ ତାହାକୁ ଖୋଲିଲେ ଏବଂ ପୁଣି ତାହାକୁ ଦେଖି କହିବାକୁ ଲାଗିଲେ ଯେ, (ମୁଁ ମଧ୍ୟ ସେହି ସମୟରେ ପାଖରେ ହିଁ ଠିଆ ହୋଇଥିଲି)" ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି ମୁଁ ପାଖରେ ହିଁ ଠିଆ ହୋଇଥିଲି ଯେତେବେଳେ ଆପଣ ଅ.ସ ପକେଟରୁ ପୁଟଳି ବାହାର କଲେ ଏବଂ ଯେତେବେଳେ ଆପଣ ଅ.ସ ସେହି ପୁଟୁଳିକୁ ଖୋଲିଲେ । ମୁଁ ନମାଜ୍ ପାଇଁ ଯେତେବେଳେ ବାହାରକୁ ଗଲି ସେତେବେଳେ ଜଣେ ଗରିବ ବ୍ୟକ୍ତି ଯାହାର ପୋଷାକ ଛିଣ୍ଡା ଓ ପୁରୁଣା ଥିଲା ସେ ଏହି ପୁଟଳିଟି ଆମର ପକେଟରେ ପକାଇଦେଲା । ଯେହେତୁ ଏହା ଓଜନିଆ ଥିଲା, ମୁଁ ଭାବିଲି ଯେ ଏଥିରେ ପଇସା ଇତ୍ୟାଦି ଥିବ (ମୁଦ୍ରା ଥିବ) କିନ୍ତୁ ଯେତେବେଳେ ଘରକୁ ଆସି ମୁଁ ଏହି ପୁଟଳିଟି ଖୋଲିଲି ସେତେବେଳେ ସେଥିରୁ ଟଙ୍କା ଏବଂ ନୋଟ୍ ବାହାରିଲା । ଆପଣ ଅ.ସ ସେହି ଟଙ୍କା ଏବଂ ନୋଟ୍‌ଗୁଡ଼ିକୁ ଗଣିଲେ,। ତେବେ ସେଗୁଡ଼ିକ ଚାରି-ପାଞ୍ଚ ଶହ ଟଙ୍କା ପାଖାପାଖି ବାହାରିଲା । ଆପଣ ଅ.ସ କହିଲେ, "ଯଦି ମୁଁ ଋଣ ନେଇଥାଆନ୍ତି ତେବେ ଏହା ଭରସା ବିରୁଦ୍ଧ ହୋଇଥାଆନ୍ତା। ଏପଟେ ମୋତେ ଆବଶ୍ୟକତା ଦେଖାଦେଲା ଏବଂ ସେପଟେ ଅଲ୍ଲାଃତାଲା ଏପରି ଏକ ମାଧମ ଦ୍ୱାରା ଟଙ୍କା ଯୋଗାଇଦେଲେ ଯାହାର ମୋତେ କଳ୍ପନା ମଧ୍ୟ ନଥିଲା ।"

(ଖୁତ୍‌ବାତେ ମହମୁଦ୍, ଗ୍ରନ୍ଥଖଣ୍ଡ-30, ପୃଷ୍ଠା-321)

ହୁଜୁର୍ ଅନୱର୍ ଅ.ବ କହିଲେ, ପୁନଶ୍ଚ ହ. ମୁସ୍‌ଲେହ୍ ମଉଦ୍ ର.ଅ ଆଉ ଏକ ଘଟଣା ବର୍ଣ୍ଣନା କରନ୍ତି ଯେ "ହ. ମସିହ ମଉଦ୍ ଅ.ସ କହୁଥିଲେ । ଜଣେ ସାଧୁ ପୁରୁଷଙ୍କୁ କେହି ଜଣେ ପଚାରିଲା ଯେ, ଆଜ୍ଞା ! ଜାକାତ୍ (ଦାନ) ସମ୍ପର୍କରେ କ'ଣ ନିର୍ଦ୍ଦେଶ (ପବିତ୍ର କୁରଆନ୍ କରୀମ୍ର କ'ଣ ଆଦେଶ ରହିଛି) ଅଛି ? ସେ କହିଲେ ଯେ, ଜାକାତ୍ ସମ୍ପର୍କରେ ଦୁଇଟି ନିର୍ଦ୍ଦେଶ ରହିଛି । ଗୋଟିଏ ତୁମ ପାଇଁ ଏବଂ ଗୋଟିଏ ମୋ ପାଇଁ । ତୁମ ପାଇଁ ତ' ଏହି ନିର୍ଦ୍ଦେଶ ରହିଛି ଯେ, ତୁମେ ଚାଳିଶ ଟଙ୍କାରେ ଗୋଟିଏ ଟଙ୍କା ଜାକାତ୍ ଦିଅ।" (ଚାଳିଶ ଟଙ୍କାରେ ଗୋଟିଏ ଟଙ୍କା ଦେଇଦିଅ, ଚାଳିଶ ଭାଗରୁ ଏକ ଭାଗ ଜାକାତ୍ ଅଟେ) "କିନ୍ତୁ ମୋ ପାଇଁ ଏହି ନିର୍ଦ୍ଦେଶ ଅଛି ଯେ ଚାଳିଶ ଟଙ୍କାରେ 41 ଟଙ୍କା ଜକାତ୍ ଦେବି ।" ସେ କହିଲେ, ଏପରି ପାର୍ଥକ୍ୟ କାହିଁକି ? ଏକ ସମ୍ପୂର୍ଣ୍ଣ ପରିମାଣ ମଧ୍ୟ ଦେଇ ଦିଅନ୍ତୁ ଏବଂ ଗୋଟିଏ ଟଙ୍କା ଅଧିକ ମଧ୍ୟ ଆପଣ ଦେବ ? ସେ କହିବାକୁ ଲାଗିଲେ ଯେ, ମୋତେ ଅଲ୍ଲାଃତାଲା ଈଶ୍ୱର ଭରସା ସ୍ଥାନରେ ଠିଆ (ଦଣ୍ଡାୟମାନ) କରାଇଛନ୍ତି ଏବଂ ତୁମକୁ ତଦବୀର (ଚେଷ୍ଟା) କରିବାର ସ୍ଥାନରେ ଛିଡ଼ା କରିଛନ୍ତି । ତୁମେ ଯଦି ଧନ ସଞ୍ଚୟ କର ତେବେ ତୁମ ପାଇଁ ଏହି ନିର୍ଦ୍ଦେଶ ରହିଛି ଯେ, ଚାଳିଶ ଟଙ୍କାରେ ଗୋଟିଏ ଟଙ୍କା ଜକାତ୍ ଦିଅ । କିନ୍ତୁ ମୁଁ ଯେହେତୁ ତୱକ୍କୁଲ୍‌ର (ଈଶ୍ୱର ଭରସା) ସ୍ଥାନରେ ଅଛି, ସେଇଥିପାଇଁ ଯଦି ମୋ ପାଖରେ ଚାଳିଶ ଟଙ୍କା ସଞ୍ଚୟ ହୋଇଯାଏ, ତେବେ ସେଇଥିପାଇଁ ମୁଁ ଏକଚାଳିଶ (41) ଟଙ୍କା ଦିଏ । କିନ୍ତୁ ମୋତେ ଅର୍ଥ ସଞ୍ଚୟ କରିବାର ଅନୁମତି ନାହିଁ ଏବଂ ସଞ୍ଚୟ କରିବା ଉପରେ ମୋତେ ଗୋଟିଏ ଟଙ୍କା ଅଧିକ ସଞ୍ଚୟ ହୋଇଥିବା ଧନରୁ ଜରିମାନା ସ୍ୱରୂପ ଦେବା ଉଚିତ୍ ।"

(ଖୁତ୍‌ବାତେ ଶୁରା, ଗ୍ରନ୍ଥଖଣ୍ଡ-1, ପୃଷ୍ଠା-465)

ହୁଜୁର୍ ଅନୱର୍ ଅ.ବ କହିଲେ, ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ: "ଆପଣ ଅ.ସ ଙ୍କୁ ନିଜର ପ୍ରେରକ ଈଶ୍ୱରଙ୍କ ସହାୟତା ଉପରେ ସମ୍ପୂର୍ଣ୍ଣ ଭରସା ରହିଥିଲା ଯେ, ଯେଉଁ ବୃକ୍ଷଟି ସେ ନିଜ ହାତରେ ଲଗାଇଛନ୍ତି, ସେ ତାହାକୁ କେବେ ହେଲେ ନଷ୍ଟ ହେବାକୁ ଦେବେ ନାହିଁ ।" ତେଣୁ ଏକ ସ୍ଥାନରେ ଆପଣ ଅ.ସ କୁହନ୍ତି:

اے آنکہ سوئے من بدَویدی بصَد تبَر
از باغباں بترَس کہ مَن شاخِ مثمِرَم

ଅର୍ଥାତ୍ ହେ ସେହି ବ୍ୟକ୍ତି ଯିଏ ମୋ ଆଡ଼କୁ କ୍ରୋଧରେ ପରିପୂର୍ଣ୍ଣ ହୋଇ ଶହେଟି କୁରାଢ଼ୀ ଧରି ଦୌଡ଼ି ଆସୁଛ ! ତୁମେ ଆକାଶର ବାଗ୍‌ବାନ୍ (ମାଳି) ଠାରୁ ଭୟ କର । କାରଣ ମୁଁ ତାଙ୍କର ନିଜ ହାତର ଲଗାଯାଇଥିବା ଫଳ ଦେଉଥିବା ବୃକ୍ଷ ଅଟେ ।"

ହୁଜୁର୍ ଅନୱର୍ ଅ.ବ କହିଲେ, ଜମାଅତ ଅହମଦିୟାର ଯୁବକମାନେ ଏବଂ ସ୍ଥାନୀୟ ଜମାଅତମାନଙ୍କର ଅମୀରମାନେ ଏବଂ ଅନ୍‌ସାରୁଲ୍ଲାହ ଏବଂ ଖୁଦାମୁଲ୍ ଅହମଦିୟାଙ୍କ ପଦାଧିକାରୀମାନେ ଏବଂ ସର୍ବୋପରି ଜମାଅତର ମବଲ୍ଲିଗ୍‌ମାନେ (ପ୍ରଚାରକ) ଏବଂ ମୁରବୀମାନେ ଏବଂ କେନ୍ଦ୍ରୀୟ କର୍ମକର୍ତ୍ତାମାନେ ହ. ମସିହ୍ ମଉଦ୍ ଅ.ସ୍‌ଙ୍କ ଏହି ଅସାଧାରଣ ଧୈର୍ଯ୍ୟ ଏବଂ ଅବିଚଳତା ତଥା ଏହି ଅସାଧାରଣ ସଂକଳ୍ପ ଓ ଏହି ଅସାଧାରଣ ଈଶ୍ୱର ବିଶ୍ୱାସରୁ ଶିକ୍ଷା ଗ୍ରହଣ କରିବା ଉଚିତ୍ । କାରଣ ଯଦି ସେମାନେ ବି ଧୈର୍ଯ୍ୟ ଓ ଦୃଢ଼ତାର ସହିତ କାର୍ଯ୍ୟ କରିବେ ଏବଂ ଈଶ୍ୱରଙ୍କର ଦାସ ହୋଇ ରହିବେ

ଏବଂ ନିଜକୁ ଫଳଦାୟୀ ବୃକ୍ଷ ରୂପରେ ଗଢ଼ିବେ ତେବେ ଅଲ୍ଲାଃତାଲା ମଧ୍ୟ ସେମାନଙ୍କର ସେହିପରି ସୁରକ୍ଷା କରିବେ ଏବଂ ସେମାନଙ୍କ ପାଇଁ ମଧ୍ୟ ସେହିପରି ଅଭିମାନ ପ୍ରକାଶ କରିବେ ଯେପରି ସେ ସର୍ବଦା ନିଜର ସତ୍ୟବାଦୀ ସଦାଚାରୀ ବ୍ୟକ୍ତିମାନଙ୍କ ପାଇଁ ପ୍ରକାଶ କରି ଆସିଛନ୍ତି ।" **(ସିରତେ ତୈୟେବା, ମିର୍ଜା ବଶୀର୍ ଅହମଦ ସାହେବ ର.ଅ ଏମ୍. ଏଙ୍କ କୃତ, ପୃଷ୍ଠା-96-97)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ୍‌ଙ୍କ ଅସାଧାରଣ ଈଶ୍ୱର ଭରସା ଏବଂ ହ. ମୌଲାନା ନୁରୁଦ୍ଦୀନ୍ ସାହେବ ର.ଅ ଅର୍ଥାତ୍ ହ. ଖଲିଫା ଅୱଲ୍ ର.ଅଙ୍କ ସହିତ ହ. ମସିହ୍ ମଉଦ୍ ଅ.ସଙ୍କର ସ୍ନେହ ଓ ଅନ୍ତରୀକତାରର ଉଲ୍ଲେଖ କରି ହ. ମୌଲାନା ଅବଦ୍ଦୁଲ୍ କରୀମ ସାହେବ ର.ଅ ସିଆଲକୋଟୀ ର.ଅ ନିଜର ପୁସ୍ତକ "ସିରତ୍ ମସିହ ମଉଦ ଅ.ସ"ରେ ଉଲ୍ଲେଖ କରନ୍ତି ଯେ, "ଥରେ ଏପରି ଏକ ସଂଯୋଗ ଘଟିଲା ଯେ, ଯେଉଁ ଦିନମାନଙ୍କରେ ହ. ମସିହ ମଉଦ୍ ଅ.ସ ନିଜର ପୁସ୍ତକ 'ଆଇନା କମାଲାତେ ଇସଲାମ୍'ର ଆରବୀ ଭାଗ ଲେଖୁଥିଲେ ହୁଜୁର୍ ଅ.ସ ମୌଲାନା ହକିମ୍ ନୁରୁଦ୍ଦୀନ ସାହେବ ର.ଅ (ଖଲିଫା ଅୱଲ୍) ଙ୍କୁ ଏହି ରଚନାଧୀନ ପୁସ୍ତକର ମୁସୱଦା (ଡ୍ରାଫ୍ଟ୍) ର ଏକ ବଡ଼ ଦୁଇ ପୃଷ୍ଠିଆ କାଗଜ ଏହି ଉଦ୍ଦେଶ୍ୟରେ ଦେଲେ ଯେ ଫାର୍ସୀରେ ଅନୁବାଦ କରିବା ପାଇଁ ମୋ ନିକଟକୁ ପହଞ୍ଚାଇ ଦିଆଯାଉ ।" ସେ ଯେଉଁ ଘଟଣା ବର୍ଣ୍ଣନା କରୁଛନ୍ତି, କହିଲେ ଯେ ଘଟଣାଟି ମୌଲବୀ ଅବଦ୍ଦୁଲ୍ କରୀମ୍ ସାହେବ ର.ଅ ସିଆଲକୋଟୀ ର.ଅଙ୍କୁ ଫାର୍ସୀରେ ଅନୁବାଦ କରିବା ପାଇଁ ପହଞ୍ଚାଇ ଦେବାକୁ ଥିଲା । ହ. ଖଲିଫା ଅୱଲ୍ ର.ଅଙ୍କୁ ଏହି ଦୁଇଟି ପୃଷ୍ଠା ଦିଆଗଲା। ତେଣୁ "ତାହା ଏପରି ଏକ ବିଷୟବସ୍ତୁ ଥିଲା ଯେ, ଏହାର ଈଶ୍ୱରପ୍ରଦତ୍ତ ବାଗ୍‌ମିତା, ଆଳଙ୍କାରିକତା ଏବଂ ପ୍ରଖରତା (ଫସାହତ୍ ଓ ବଲାଗତ୍) ଉପରେ ହୁଜୁର୍ ଅ.ସଙ୍କୁ ଗର୍ବ ଥିଲା ଯେ ଅଲ୍ଲାଃତାଲା ଅତ୍ୟନ୍ତ ଉଚ୍ଚକୋଟୀର ବିଷୟବସ୍ତୁ ବୁଝାଇଛନ୍ତି । କିନ୍ତୁ ମୌଲବୀ ସାହେବ ର.ଅଙ୍କ ଠାରୁ ଏହି ଦୁଇ ପୃଷ୍ଠିଆ କାଗଜ କେଉଁଠାରେ ହଜିଗଲା (ପଡ଼ିଗଲା)।" ଏହି କାଗଜଗୁଡ଼ିକ ଦୁଇଟି ପୃଷ୍ଠା ବିଶିଷ୍ଟ ଥିଲା ତାହା କେଉଁଠାରେ ହଜି ଯାଇଥିଲା । ଯେହେତୁ ହ. ମସିହ ମଉଦ୍ ଅ.ସ ମୋତେ ପ୍ରତ୍ୟେକ ଦିନର ତାଜା ଆରବୀ ମୁସୱଦା (ଡ୍ରାଫ୍ଟ ବା ଆରବୀ ଲେଖା) ଫାର୍ସୀ ଅନୁବାଦ ପାଇଁ ପଠାଉଥିଲେ ସେହି କାରଣରୁ ସେହିଦିନ ଅସାଧାରଣ ବିଳମ୍ବ ହେବାରୁ ମୋର ସ୍ୱାଭାବିକ ଭାବରେ ଚିନ୍ତା ସୃଷ୍ଟି ହେଲା ଏବଂ ମୁଁ ମୌଲବୀ ନୁରୁଦ୍ଦୀନ୍ ସାହେବ ର.ଅଙ୍କ ସହିତ ଆଲୋଚନା କଲି ଯେ, ଆଜି ହୁଜୁର୍ ଅ.ସଙ୍କ ପକ୍ଷରୁ ବିଷୟବସ୍ତୁ ଆସି ନାହିଁ ଏବଂ ଅଭିଲେଖକ ମୁଣ୍ଡ ଉପରେ ଠିଆ ହୋଇଛି ଏବଂ ବିଳମ୍ବ ହେଉଛି, ଜଣାପଡୁ ନାହିଁ ଯେ, ଘଟଣାଟି କ'ଣ ?" ମୌଲବୀ ଅବଦ୍ଦୁଲ୍ କରୀମ ସାହେବ ର.ଅ କୁହନ୍ତି ଯେ "ଏହି ଶବ୍ଦଗୁଡ଼ିକ ମୋ ମୁହଁରୁ ବାହାରିବା ଥିଲା କି ମୌଲବୀ ନୁରୁଦ୍ଦୀନ୍ ସାହେବ ର.ଅଙ୍କ ଚେହେରାର ରଙ୍ଗ ଫିକା ପଡ଼ିଗଲା (ବଦଳିଗଲା) । କାରଣ ଏହି ଦୁଇ ପୃଷ୍ଠିଆ କାଗଜଟି ମୌଲବୀ ସାହେବ ର.ଅଙ୍କ ଠାରୁ କେଉଁଠାରେ ହଜି ଯାଇଥିଲା । ବହୁତ ଖୋଜାଖୋଜି କରାଗଲା କିନ୍ତୁ ବିଷୟବସ୍ତୁ ମିଳିଲା ନାହିଁ ଏବଂ ମୌଲବୀ ସାହେବ ର.ଅ ଅତ୍ୟନ୍ତ ଚିନ୍ତିତ ଓ ବିବ୍ରତ ଥିଲେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସଙ୍କୁ ଯେତେବେଳେ ଏସଂପର୍କରେ ସୂଚନା ମିଳିଲା ସେତେବେଳେ ଆପଣ ଅ.ସ ନିୟମାନୁଯାୟୀ ହସହସ ମୁହଁରେ ସ୍ମିତହାସ୍ୟ ପ୍ରକାଶ କରି ବାହାରକୁ ଆସିଲେ ଏବଂ କ୍ରୋଧ ପ୍ରକାଶ କରିବା ଏବଂ ଅସ୍ଥିରତା ଭାବ ପ୍ରଦର୍ଶନ କରିବା ତ' ଦୂରର କଥା ଓଲଟା ନିଜ ପକ୍ଷରୁ କ୍ଷମା ପ୍ରାର୍ଥନା କରିବାକୁ ଲାଗିଲେ ଯେ, ମୌଲବୀ ସାହେବ ର.ଅଙ୍କୁ ମୁସୱଦା (ପାଣ୍ଡୁଲିପି) ହଜିଯିବା କାରଣରୁ ଅନାବଶ୍ୟକ ଚିନ୍ତା କରିବାକୁ ପଡ଼ିଲା । ମୋତେ ମୌଲବୀ ସାହେବ ର.ଅଙ୍କ କଷ୍ଟ କାରଣରୁ ବହୁତ ଦୁଃଖ ହୋଇଛି । ମୋର ତ' ଏହି ବିଶ୍ୱାସ ରହିଛି ଯେ, ଅଲ୍ଲାଃତାଲା ନିଜର ଅନୁଗ୍ରହରୁ ହଜିଯାଇଥିବା କାଗଜ ଠାରୁ ମଧ୍ୟ ଭଲ ବିଷୟବସ୍ତୁ ଲେଖିବାର ସୌଭାଗ୍ୟ ପ୍ରଦାନ କରିଦେବେ ।" ହ. ଅବଦ୍ଦୁଲ୍ କରୀମ୍ ସାହେବ ର.ଅ ଉଲ୍ଲେଖ କରନ୍ତି ଯେ: "ଏହି ସୂକ୍ଷ୍ମ ଘଟଣାରୁ ଗୋଟିଏ ପଟେ ହ. ମସିହ୍ ମଉଦ୍ ଅ.ସଙ୍କର ଅସାଧାରଣ ସ୍ନେହର ଭାବନା ଏବଂ ଅନ୍ୟପଟେ ନିଜର ଆକାଶୀୟ ପ୍ରଭୁଙ୍କର ସହାୟତା ଉପରେ ଅସାଧାରଣ ତୱକ୍କୁଲ୍ (ଭରସା) ଉପରେ ଏକ ସ୍ୱତନ୍ତ୍ର ଆଲୋକପାତ ହୋଇଥାଏ।" "ଭୁଲ୍ ହ. ମୌଲାନା ନୁରୁଦ୍ଦୀନ ସାହେବ ର.ଅ ଙ୍କଠାରୁ ହୋଇଥିଲା ଯେ ଏକ ମୂଲ୍ୟବାନ ମସଉଦାର ପୂର୍ଣ୍ଣ ସୁରକ୍ଷା କରି ନଥିଲେ ଏବଂ ଏହାକୁ ନଷ୍ଟ କରିଦେଇଥିଲେ, କିନ୍ତୁ ହ. ମସିହ୍ ମଉଦ୍ ଅ.ସଙ୍କର ସ୍ନେହର ଏହି ସ୍ଥାନ ଅଟେ ଯେ ନିଜେ ଚିନ୍ତିତ ହୋଇଯାଉଛନ୍ତି ଏବଂ କ୍ଷମାପ୍ରାର୍ଥନା କରୁଛନ୍ତି ଯେ ମୌଲବୀ ସାହେବ ର.ଅଙ୍କୁ ମସଉଦା ହଜିଯିବା କାରଣରୁ ଏତେ କଷ୍ଟ ହେଲା ଏବଂ ପୁଣି...

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ତୱକ୍କୁଲ୍‌ର ଏହି ସ୍ଥାନ ଅଟେ ଯେ, ଏକ ବିଷୟ ବସ୍ତୁର ଫସାହତ୍ ଓ ବଲାଘତ୍ (ଆଳଂକାରିକତା, ବାଗ୍‌ମିତା ଓ ପ୍ରଖରତା) ଏବଂ ଏହାର ଆଧ୍ୟାତ୍ମିକ ଗୁଣାବଳୀ ଉପରେ ଗର୍ବ ଥିବା ସତ୍ତ୍ୱେ ଏହା (ହାତଲେଖା ପାଣ୍ଡୁଲିପି ପୃଷ୍ଠାଟି) ହଜିଯିବା ଯୋଗୁଁ କିପରି ଏକ ବୈରାଗ୍ୟ (ଇସ୍ତିଗ୍ନା)ର ଭାବରେ କହୁଛନ୍ତି ଯେ, ହଉ କୌଣସି ଚିନ୍ତା କରିବାର ଆବଶ୍ୟକତା ନାହିଁ । ଈଶ୍ୱର ମୋତେ ଏହାଠୁ ଭଲ ବିଷୟବସ୍ତୁ ପ୍ରଦାନ କରିଦେବେ ! ଏହି ସ୍ନେହ ଏବଂ ଏହି ଈଶ୍ୱର ଭରସା ଏବଂ ଏହି ସହନଶୀଳତା ଈଶ୍ୱରଙ୍କର ବିଶେଷ ଭକ୍ତମାନଙ୍କ ବ୍ୟତୀତ ଅନ୍ୟ କାହାଠାରେ ପାଇବା ସମ୍ଭବ ନୁହେଁ।" **(ସିରତେ ତୈୟେବା, ମିର୍ଜା ବଶୀର୍ ଅହମଦ ସାହେବ ର.ଅ ଏମ୍.ଏଙ୍କ କୃତ, ପୃଷ୍ଠା-55-56)** ହୁଜୁର୍ ଅନୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ୍ କୁହନ୍ତି: "ପବିତ୍ର କୁରଆନ୍ ଶରୀଫ୍‌ରେ ସାହାବାମାନଙ୍କ ର.ଅଙ୍କ ସମ୍ପର୍କରେ ଅଲ୍ଲାଃତାଲା କହିଛନ୍ତି ଏବଂ ନବୀ କରିମ୍ ସ.ଅଙ୍କୁ ସମ୍ବୋଧନ କରିଛନ୍ତି: 'هُوَ الَّذِیۡۤ اَیَّدَکَ بِنَصۡرِہٖ وَ بِالۡمُؤۡمِنِیۡنَ وَ اَلَّفَ بَیۡنَ قُلُوۡبِہِمۡ ؕ لَوۡ اَنۡفَقۡتَ مَا فِی الۡاَرۡضِ جَمِیۡعًا مَّاۤ اَلَّفۡتَ بَیۡنَ قُلُوۡبِہِمۡ وَ لٰکِنَّ اللّٰہَ اَلَّفَ بَیۡنَہُمۡ ؕ اِنَّہٗ عَزِیۡزٌ حَکِیۡمٌ' (ଅଲ୍ ଅନ୍‌ଫାଲ୍: 63-64) ସେହି ଈଶ୍ୱର ଯିଏ ନିଜର ସହାୟତା ଦ୍ୱାରା ଏବଂ ବିଶ୍ୱାସକାରୀମାନଙ୍କ ଦ୍ୱାରା ତୁମର ସହାୟତା କଲେ ଏବଂ ସେମାନଙ୍କ ହୃଦୟରେ ଏପରି ପ୍ରେମ ସୃଷ୍ଟି କଲେ ଯେ ଯଦି ତୁମେ ସମସ୍ତ ପୃଥିବୀର ଭଣ୍ଡାର ଖର୍ଚ୍ଚ କରିଥାଆନ୍ତ, ତଥାପି ସେମାନଙ୍କ ହୃଦୟରେ ଏପରି ପ୍ରେମ ସୃଷ୍ଟି କରିପାରି ନଥାଆନ୍ତ । କିନ୍ତୁ ଈଶ୍ୱର ସେମାନଙ୍କ ମଧ୍ୟରେ ଏହି ପ୍ରେମ ସୃଷ୍ଟି କରିଦେଲେ, ସେ ପ୍ରଭାବଶାଳୀ ଏବଂ ଜ୍ଞାନୀ ଈଶ୍ୱର ଅଟନ୍ତି ।" ଆପଣ ଅ.ସ କୁହନ୍ତି: "ଯେଉଁ ଈଶ୍ୱର ପୂର୍ବରୁ ଏହି କାମ କରିଥିଲେ, ସେ ବର୍ତ୍ତମାନ ମଧ୍ୟ କରିପାରନ୍ତି । ଆଗାମୀ ସମୟରେ ମଧ୍ୟ ତାଙ୍କରି ଉପରେ ତୱକ୍କୁଲ୍ (ଈଶ୍ୱର ବିଶ୍ୱାସ) ରହିଛି । ଯେଉଁ କାମ ହେବାର ଥାଏ ସେଥିରେ ଈଶ୍ୱରଙ୍କ ଅନୁଗ୍ରହର ଆତ୍ମା ଫୁଙ୍କା ଯାଇଥାଏ ।" ଯେପରି ମାଳି ନିଜ ବଗିଚାରେ ଜଳସେଚନ କରେ, ତେବେ ତାହା ତତଜ୍ଜୀବିତ ଓ ସତେଜ ହୋଇଥାଏ । ଠିକ୍ ସେହିପରି ଅଲ୍ଲାଃତାଲା ନିଜର ମୁର୍ସଲିନ୍ (ପ୍ରେରିତ ଅବତାର) ମାନଙ୍କ ସଂପ୍ରଦାୟକୁ ଉନ୍ନତି ଏବଂ ସତେଜତା ପ୍ରଦାନ କରିଥାଆନ୍ତି। ଯେଉଁ ଦଳ (ସଂପ୍ରଦାୟ)ଗୁଡ଼ିକ କେବଳ ନିଜସ୍ୱ ପ୍ରଚେଷ୍ଟାରୁ ଗଢି ଉଠନ୍ତି ସେମାନଙ୍କ ମଧ୍ୟରେ କିଛି ଦିନ ମଧ୍ୟରେ ହିଁ ପାର୍ଥକ୍ୟ ସୃଷ୍ଟି ହୋଇଯାଏ । ଯେପରିକି ବ୍ରାହ୍ମୋ (ସମାଜ) କିଛି ଦିନ ପର୍ଯ୍ୟନ୍ତ ଉନ୍ନତି କରିକି ଶେଷରେ ଅଟକିଗଲେ ଏବଂ ଦିନକୁ ଦିନ ନଷ୍ଟ ହେବାରେ ଲାଗିଛନ୍ତି । କାରଣ ସେମାନଙ୍କର ଭିତ୍ତି କେବଳ ମାନବ ଚିନ୍ତାଧାରା ଉପରେ ପ୍ରତିଷ୍ଠିତ (ଆଧାରିତ) ଅଟେ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ,"ଆମର ଜମାଅତ ସମ୍ପର୍କରେ ଅଲ୍ଲାଃତାଲାଙ୍କର ବଡ଼ ବଡ଼ ପ୍ରତିଶ୍ରୁତି ରହିଛି । କୌଣସି ମାନବିକ ବୁଦ୍ଧି, ଦୂରଦୃଷ୍ଟି ବା ସାଂସାରିକ ସାଧନ ଏହି ପ୍ରତିଶ୍ରୁତିଗୁଡ଼ିକ ପର୍ଯ୍ୟନ୍ତ ଆମକୁ ପହଞ୍ଚାଇ ପାରିବ ନାହିଁ । ଯେତେବେଳେ ଅଲ୍ଲାଃତାଲା ନିଜେ ହିଁ ସମସ୍ତ ସାଧନ ଯୋଗାଇଦେବେ ସେତେବେଳେ ଏହି କାମ ସମାପ୍ତ ହେବ ।" "ଯଦି ସମ୍ଭାବନା ଅନୁଯାୟୀ ଆମ ଜମାଅତର ସଂଖ୍ୟା କୋଡ଼ିଏ ପଚିଶ ଲକ୍ଷ ପର୍ଯ୍ୟନ୍ତ ପହଞ୍ଚି ଅଟକିଯାଏ ତେବେ ମଧ୍ୟ କ'ଣ ହେଲା ? କିଛି ବି ନାହିଁ, ଏତିକି ସଂଖ୍ୟା ତ' ଶିଖ୍‌ମାନଙ୍କର ମଧ୍ୟ ଅଛି ।" ଆମେ ତ' ଚାହୁଁଛୁ ଯେ ସମଗ୍ର ବିଶ୍ୱ ଏହି ଜମାଅତରେ ପରିପୂର୍ଣ୍ଣ ହୋଇଯାଉ ଏବଂ ଏହା ମନୁଷ୍ୟର କାମ ନୁହେଁ । ମନୁଷ୍ୟର ଜୀବନର ତ' ଗୋଟିଏ ମୁହୂର୍ତ୍ତର ମଧ୍ୟ ଭରସା ନାହିଁ । ସେ କ'ଣ କରିପାରେ ? କିନ୍ତୁ ଈଶ୍ୱର ସବୁକିଛି କରିପାରନ୍ତି ।" **(ମଲଫୁଜାତ୍, ଗ୍ରନ୍ଥଖଣ୍ଡ-7, ପୃ-198-199, ସଂସ୍କରଣ-2022)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏତିକି ସଂଖ୍ୟା ହୋଇଗଲେ ମଧ୍ୟ ଏହି ସଂଖ୍ୟାଗୁଡ଼ିକ ଉପରେ ଗର୍ବ କରିବାର କୌଣସି କଥା ନାହିଁ । ପ୍ରକୃତ ପ୍ରସଙ୍ଗ ତ' ଏହା ଅଟେ ଯେ, ଆମମାନଙ୍କୁ ସଂସାର ନିକଟରେ ବାର୍ତ୍ତା ପହଞ୍ଚାଇବାର ଅଛି ଏବଂ ସମସ୍ତ ସଂସାରକୁ ଆଁହ. ସ.ଅଙ୍କ ଧ୍ୱଜା ତଳକୁ ଆଣିବାର ଅଛି ଏବଂ ଏହା ମାନବ ପ୍ରଚେଷ୍ଟା ଦ୍ୱାରା କଦାପି ହୋଇପାରିବ ନାହିଁ ଏବଂ ଏହା ଈଶ୍ୱରଙ୍କ ଅନୁଗ୍ରହରୁ ହିଁ ହେବ ଏବଂ ଈଶ୍ୱରଙ୍କ ଅନୁଗ୍ରହ ପ୍ରତ୍ୟୁତ୍ତରରେ ପୂର୍ଣ୍ଣ ଈମାନ (ବିଶ୍ୱାସ) ରଖିବା ଦ୍ୱାରା ହିଁ ପ୍ରାପ୍ତ ହୋଇଥାଏ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମୁନସୀ ଜଫର୍ ଅହମଦ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ "ଥରେ ସ୍ୱର୍ଗତ ମୌଲବୀ ଅବଦ୍ଦୁଲ୍ କାଦିର ସାହେବ ର.ଅ ପ୍ରଶ୍ନ କଲେ ଯେ, ହୁଜୁର୍ ଅ.ସ ନିଦର୍ଶନ ଦେଖାଇବା (ନିଶାନ୍-ନୁମାଇ) ପାଇଁ କୌଣସି ସମୟସୀମା ନିର୍ଦ୍ଧାରିତ କରି ଦିଅନ୍ତୁ ଯେ ଏହି ନିଦର୍ଶନ ଏତିକି ସମୟ ମଧ୍ୟରେ ପ୍ରକାଶ ପାଇବ । କେବେ ବର୍ଷର, କେବେ ଛଅ ମାସର । କ'ଣ ଆପଣ ଏହା ଦିବ୍ୟ ଐଶୀବାଣୀ (ଐଶୀବାଣୀ) ଅଧୀନରେ କରିପାରନ୍ତି କିମ୍ବା ଏହାର ଆପଣଙ୍କୁ ଅନୁମତି ଅଛି ଯେ, ଯେତେ ପରିମାଣରେ ଚାହାଁନ୍ତି ସେତେ ସମୟସୀମା ନିର୍ଦ୍ଧାରିତ କରିଦିଅନ୍ତୁ ? ହୁଜୁର୍ ଅ.ସ କହିଲେ: ନା ! "ମୋତେ ଅଲ୍ଲାଃତାଲାଙ୍କ ଉପରେ ଏପରି ବିଶ୍ୱାସ ଏବଂ ପୂର୍ଣ୍ଣ ଭରସା ଅଛି ଯେ, ମୁଁ ପ୍ରାର୍ଥନା (ଦୁଆ) ମାଧ୍ୟମରେ ଅଲ୍ଲାଃତାଲାଙ୍କ ଠାରୁ ସେହି ନିଦର୍ଶନକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପରିପ୍ରକାଶିତ କରାଇ ନେଇଥାଏ ।"

(ରିୱାୟାତେ ଅସ୍‌ହାବେ ଅହମଦ, ଗ୍ରନ୍ଥଖଣ୍ଡ-1, ପୃଷ୍ଠା-211)

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏହା ହେଉଛି ତୱକ୍କୁଲ୍ (ଈଶ୍ୱର ବିଶ୍ୱାସ) ଏବଂ ଏହା ହେଉଛି ଈଶ୍ୱରଙ୍କ ଉପରେ ଥିବା ଭରସା । ହ. ମିଆଁ ଅବଦ୍ଦୁଲ୍ଲାଃ ସାହେବ ର.ଅ ସନୱରୀ ର.ଅ ଙ୍କ ଅସୁସ୍ଥତା ସମୟରେ ହ. ଅକଦସ୍ (ପୁଣ୍ୟଶ୍ଲୋକ) ମସିହ ମଉଦ୍ ଅ.ସ ତାଙ୍କୁ ଉକ୍ତ ପତ୍ର ଲେଖିଥିଲେ, ଯେଉଁଥିରେ ଦୁଆ ଏବଂ ଔଷଧ ସହିତ ଈଶ୍ୱର ବିଶ୍ୱାସର ଉପଦେଶ ଦେଇ ଆପଣ ଅ.ସ ଉଲ୍ଲେଖ କଲେ ଯେ, "ଆପଣ ଅ.ସଙ୍କର ଏକ ଅତ୍ୟନ୍ତ ମର୍ମନ୍ତୁଦ ପତ୍ର ପହଞ୍ଚିଲା । ପ୍ରକୃତରେ ଏଭଳି ଦୁଃଖ ଏବଂ ଆଘାତ ଯାହା ଚତୁର୍ଦ୍ଦିଗରୁ ଆପଣଙ୍କ ହୃଦୟକୁ ଘେରି ରହିଛି ଏହା ଅଲ୍ଲାଃତାଲାଙ୍କର ଏକ ବଡ଼ ପରୀକ୍ଷା ଅଟେ । ଈଶ୍ୱର କରନ୍ତୁ ଯେ, ଆପଣ ଏହି ପରୀକ୍ଷାରେ ସତ୍ୟବାଦୀ (ସାଦିକ୍) ପ୍ରମାଣିତ ହୁଅନ୍ତୁ । ମୁଁ ଉକ୍ତ (ଏହି) ପତ୍ର ଲେଖିବା ପୂର୍ବରୁ ଦିବ୍ୟ ଦରବାରରେ ବହୁତ ଦୁଆ (ପ୍ରାର୍ଥନା) କରିଛି। ଯଦି ତକଦୀରେ ମୁବ୍ରମ୍ (ଅର୍ଥାତ୍ ଅଟଳ ଭାଗ୍ୟ) ନଥାଏ ତେବେ ଗ୍ରହଣ ହେବାର ଆଶା ଅଛି । ଆପଣ ଏପର୍ଯ୍ୟନ୍ତ ମୋତେ ଜଣାଇ ନାହାନ୍ତି ଯେ, ରୋଗର ଅବସ୍ଥା କ'ଣ ?" (ରୋଗର ବିସ୍ତୃତ ବିବରଣୀ ଆପଣ ଅ.ସ ପଚାରିଛନ୍ତି । ମହୋଦୟ ! କ'ଣ ଝାଡ଼ା ହେଉ ନାହିଁ ତ'ଣ ? ଶରୀର ବହୁତ କ୍ଷୀଣ ହୋଇଯାଇ ନାହିଁ? କେଉଁ ସ୍ତରରେ ଜ୍ୱର ଅନୁଭବ ହେଉଛି? ଏହା ହେଉଛି ଠିକଣା ଏବଂ ଜ୍ୱରକୁ କେତେ ଦିନ ହୋଇଗଲାଣି?" ଆପଣ ଅ.ସ ପୁଣି କହିଲେ, "ଏବଂ ମୁଁ ଏହି ପତ୍ର ସହିତ ଏକ ନୁସଖା (ଫର୍ମୁଲା ବା ପଥ୍ୟ) ପଠାଉଛି ବିଳମ୍ବ ନକରି ଖାଇବା ଆରମ୍ଭ କରି ଦିଅନ୍ତୁ ଏବଂ ନିରାଶ ହୁଅନ୍ତୁ ନାହିଁ। ଈଶ୍ୱର

ସମସ୍ତ ବିଷୟରେ ଶକ୍ତିମାନ ଅଟନ୍ତି ।" ପୁନଶ୍ଚ ଆଗକୁ ଆପଣ ଅ.ସ ଉଲ୍ଲେଖ କରିଛନ୍ତି ଯେ, "ଦୁଇ ତିନି ମାସ ସମୟ ବିତିଗଲା, ମୋର ପୁତ୍ର ମୁବାରକ ଅହମଦ ଯାହାଙ୍କୁ ତାଙ୍କ ମାଆ ବହୁତ ଭଲ ପାଉଥିଲେ ସେ ଜ୍ୱରରେ ପୀଡ଼ିତ ହୋଇ ପରିଶେଷରେ ମୃତ୍ୟୁବରଣ କଲା।" ଜ୍ୱର ହୋଇଥିଲା ତାଙ୍କୁ, ତେଣୁ ସେ ମୃତ୍ୟୁବରଣ କଲେ । ତାଙ୍କର ଅନ୍ତିମ ନିକଟ ସମୟରେ ମୁଁ ତାଙ୍କୁ କହିଦେଲି "ଅର୍ଥାତ୍ ପିଲାଟିର ମାଆଙ୍କୁ ଯେ, ଦେଖନ୍ତୁ ଏବେ ଏହି ପୁତ୍ର ମରିବାକୁ ଯାଉଛି ଏବଂ ଆମର ତ' ଏହି ଧର୍ମ ଅଟେ ଯେ, ଯିଏ ମାରିଲାବାଲା ଅଟନ୍ତି ସେ ମୃତ୍ୟୁବରଣ କରୁଥିବା ବ୍ୟକ୍ତି ଠାରୁ ଆମକୁ ଅଧିକ ଭଲ ପାଆନ୍ତି ଏବଂ ଏହା ହିଁ ପୂର୍ଣ୍ଣ ବିଶ୍ୱାସର ପଦ୍ଧତି ଅଟେ । ଅର୍ଥାତ୍ କେବଳ ଏତିକି କୁହନ୍ତୁ ଯେ: 'ଇନ୍ନାଲିଲ୍ଲାହି ଓୟା ଇନ୍ନା ଇଲାଇହି ରାଜିଉନ୍' ଈଶ୍ୱରଙ୍କର ଅମାନତ୍ (ସନ୍ତକ) ଥିଲା ଈଶ୍ୱର ନେଇଗଲେ । ତେଣୁ ସେ ପୁତ୍ରର ମୃତ୍ୟୁ ସମୟରେ ଏହିପରି ହିଁ କହିଲେ । ତହିଁରୁ ଏହା ସ୍ପଷ୍ଟ ଯେ, ଯଦି କିଏ ମୃତ୍ୟୁବରଣ କରେ ତେବେ ଏହା କୌଣସି ଅସାଧାରଣ କଥା ନୁହେଁ ଆମେ ମଧ୍ୟ ସବୁଦିନ ପାଇଁ ଏହି ଦୁନିଆରେ ରହିବୁ ନାହିଁ । ଈଶ୍ୱରଙ୍କ ନିକଟରେ ସେମାନଙ୍କୁ ହିଁ ମର୍ଯ୍ୟାଦା ମିଳିଥାଏ ଯେଉଁମାନେ ଏହି କିଛି ଦିନିଆ ଜୀବନରେ କଷ୍ଟ ଦେଖନ୍ତି ଏବଂ ଅଲ୍ଲାଃତାଲା ଯଦି ପ୍ରସନ୍ନ ହୁଅନ୍ତି ତେବେ ପ୍ରତିଦାନ ପ୍ରଦାନ କରନ୍ତି । ତଣୁ ସାଧାରଣ ଲୋକଙ୍କର ପଛାକୁ କଦାପି କଦାପି ଅବଲମ୍ବନ କରାଯିବା ଉଚିତ୍ ନୁହେଁ । ତେଣୁ ଧୈର୍ଯ୍ୟ ଧରନ୍ତୁ, ଅଲ୍ଲାଃତାଲାଙ୍କ ନିକଟରେ ପ୍ରାର୍ଥନା କରନ୍ତୁ, ତେବେ ଯାଇ ଅଲ୍ଲାଃତାଲା ଏହା ବଦଳରେ ପୁନର୍ବାର ନିଜର ଆଶୀର୍ବାଦରେ ସମ୍ମାନିତ କରନ୍ତି । ଈଶ୍ୱର ଯାହାକୁ ଭଲ ପାଆନ୍ତି, ତା' ସକାଶେ କୌଣସି ବିପଦ ମଧ୍ୟ ପଠାନ୍ତି । ତେଣୁ ଅତ୍ୟନ୍ତ ଦୃଢ଼ତାର ସହିତ ଅଲ୍ଲାଃତାଲାଙ୍କ ଉପରେ ଭରସା କରନ୍ତୁ ଏବଂ ତାହାଙ୍କ ଠାରୁ ନିରାଶ ହୁଅନ୍ତୁ ନାହିଁ ଓ ମୋତେ ଜଣାଉଥାଆନ୍ତୁ। ୱସସଲାମ୍।"**(ମକ୍ତୁବାତେ ଅହମଦ, ଗ୍ରନ୍ଥଖଣ୍ଡ-3, ପୃ-243, ପତ୍ର ସଂଖ୍ୟା-777)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, 'ଜିକ୍ରେ ହବିବ୍'ରେ ଉଲ୍ଲେଖ ଅଛି ଯେ, ପୁଣ୍ୟଶ୍ଲୋକ ହ. ମସିହ ମଉଦ୍ ଅ.ସ ମୁଫ୍ତି ମୁହମ୍ମଦ ସାଦିକ୍ ସାହେବ ର.ଅଙ୍କୁ କହିଲେ, ଯେତେବେଳେ ସେ ମିଷ୍ଟର୍ ୱେବ୍ (ସମ୍ପୂର୍ଣ୍ଣ ନାମ: (Alexander Russell Webb) "ଙ୍କର ଏକ ପତ୍ର ଶୁଣାଇଲେ ଯେ, ତାଙ୍କୁ ଲେଖି ଦିଅନ୍ତୁ ଯେ, ବୟସ ଅତିକ୍ରମ ହୋଇଯାଉଛି ଯାହା କରିବାର ଅଛି ଏବଂ ବର୍ତ୍ତମାନ କରି ନିଅନ୍ତୁ । ଦିନକୁ ଦିନ ଶକ୍ତି ଦୁର୍ବଳ ହେବାରେ ଲାଗିଛି। ଦଶ ବର୍ଷ ପୂର୍ବେ ଯେଉଁ ଶକ୍ତି ଥିଲା ତାହା ଆଜି କେଉଁଠାରେ ଅଛି ? ଅତୀତର ହିସାବ କିଛି ନାହିଁ । ଭବିଷ୍ୟତର ଭରସା ନାହିଁ । ଯାହାକିଛି କରିବାକୁ ହେବ ମନୁଷ୍ୟକୁ ବର୍ତ୍ତମାନର ସମୟକୁ ମୂଲ୍ୟବାନ୍ (ଗନିମତ୍) ଭାବି କରିବା ଉଚିତ୍ ।" ଜଣେ ଇଂରେଜ ବ୍ୟକ୍ତି ଥିଲେ, ତାଙ୍କୁ ଆପଣ ଅ.ସ ପତ୍ର ଲେଖିଥିଲେ । ବର୍ତ୍ତମାନ ଇସଲାମ ଧର୍ମର ସେବା କରି ନିଅନ୍ତୁ । ପ୍ରଥମେ ପରିଚୟ ସୃଷ୍ଟି କରନ୍ତୁ ଯେ, ସଠିକ୍ ଇସଲାମ କ'ଣ ଅଟେ।" ଇସଲାମ୍ ଶିଖନ୍ତୁ ଏବଂ ପୁଣି ଏହାର ସେବା କରନ୍ତୁ ।" ଇସଲାମ୍ ଧର୍ମର ସେବା ଯେଉଁ ବ୍ୟକ୍ତି ଦାରିଦ୍ର୍ୟତା (ନିଃସ୍ୱାର୍ଥପରତା) ଏବଂ ସନ୍ତୋଷ ତଥା ମିତବ୍ୟୟତା ସହିତ କରେ ତେବେ ତାହା ଏକ ଚମତ୍କାର ଏବଂ ନିଦର୍ଶନ ହୋଇଯାଇଥାଏ । ଯିଏ ସାମୂହିକ ଗୋଷ୍ଠୀ ସହିତ ମିଶି ସେବା କରେ ତେବେ ତାହାର ଆନନ୍ଦ ଆସେ ନାହିଁ କାରଣ । ଈଶ୍ୱର ବିଶ୍ୱାସର ପୂର୍ଣ୍ଣ ଆନନ୍ଦ ରହେ ନାହିଁ ଏବଂ ଯେତେବେଳେ ଭରସା ଓ ବିଶ୍ୱାସ ଉପରେ କାମ କରାଯାଏ ତେବେ ଈଶ୍ୱର ସାହାଯ୍ୟ କରନ୍ତି । ଉକ୍ତ କଥାଗୁଡ଼ିକ ଆଧ୍ୟାତ୍ମିକତାରୁ ସୃଷ୍ଟି ହୋଇଥାଏ । ଯେତେବେଳେ ଆଧ୍ୟାତ୍ମିକତା ମନୁଷ୍ୟ ଭିତରେ ସୃଷ୍ଟି ହୁଏ ସେତେବେଳେ ତାହା ଅବସ୍ଥାକୁ ପରିବର୍ତ୍ତନ କରିଦେଇଥାଏ ।" "ଈଶ୍ୱରଙ୍କ ବାର୍ତ୍ତାବହ ହ. ମୁହମ୍ମଦ ସ.ଅ କିପରି ସାହାବାର.ଅଙ୍କ ଅବସ୍ଥାକୁ ପରିବର୍ତ୍ତନ କରିଦେଲେ ? ଏହି ସମସ୍ତ କାର୍ଯ୍ୟ ସେହି ଆକର୍ଷଣ ଦ୍ୱାରା ସମ୍ପାଦିତ ହେଲା ଯାହା ସତ୍ୟବାଦୀଙ୍କ ଭିତରେ ଥାଏ । ଏହି ଭୁଲ୍ ଚିନ୍ତାଧାରା ରହିଛି ଯେ, ଅନେକ ଲକ୍ଷ ଟଙ୍କା ଥିଲେ କାମ ଚାଲିବ । ଈଶ୍ୱରଙ୍କ ଉପରେ ଭରସା ଏବଂ ବିଶ୍ୱାସ କରି ଯେତେବେଳେ କୌଣସି କାର୍ଯ୍ୟ ଆରମ୍ଭ କରାଯାଏ ଏବଂ ମୂଳ ଉଦ୍ଦେଶ୍ୟ ସେଥିରୁ ଧର୍ମର ସେବା ହୋଇଥାଏ ତେବେ ସେ ଅର୍ଥାତ୍ ଈଶ୍ୱର ନିଜେ ସହାୟକ ହୋଇଯାଆନ୍ତି । ସେ ସମସ୍ତ ସାମଗ୍ରୀ ଓ ସାଧନ ଯୋଗାଇ ଦିଅନ୍ତି ।"

(ଜିକ୍ରେ ହବିବ୍, ହ. ମୁଫ୍ତି ମୁହମ୍ମଦ ସାଦିକ୍ ସାହେବ ର.ଅଙ୍କ କୃତ, ପୃ-261-262)

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ସେଇଥିପାଇଁ ଆପଣମାନେ ଚିନ୍ତା କରନ୍ତୁ ନାହିଁ ଯେ ଆର୍ଥିକ ଦୁର୍ବଳତା କିମ୍ବା ଅନ୍ୟ କିଛି ସମସ୍ୟା ଅଛି । ଅଲ୍ଲାଃତାଲାଙ୍କ ଉପରେ ଭରସା କରନ୍ତୁ ଏବଂ କାମ କରନ୍ତୁ । ଇସଲାମ ଧର୍ମର ଯେଉଁ ସେବା ଆପଣ କରିପାରିବେ ତାହା ଆପଣମାନେ ସମ୍ପାଦନ କରନ୍ତୁ । ହୁଜୁର୍ ଅନୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ୍ କୁହନ୍ତି: "ପ୍ରକୃତରେ ତୱକ୍କୁଲ୍ (ଈଶ୍ୱର ବିଶ୍ୱାସ ଏବଂ ଈଶ୍ୱରଙ୍କ ଉପରେ ଭରସା) ହିଁ ଏପରି ଏକ ପ୍ରସଙ୍ଗ ଯାହା ମନୁଷ୍ୟକୁ ସଫଳ ଏବଂ କୃତକାର୍ଯ୍ୟ କରାଇଥାଏ।

ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲଫୁଜାତ୍, ଗ୍ରନ୍ଥଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

ଅଲ୍ଲାଃତାଲା କୁହନ୍ତି ଯେ: 'ଓମାଁ ୟାତାୱାକ୍କଲ୍ ଆଲାଲ୍ଲାହି ଫହୁୱା ହସ୍ବୁହୁ' **(ଅତ୍ ତଲାକ୍: 4)** ଅର୍ଥାତ୍ ଯିଏ ଅଲ୍ଲାଃତାଲାଙ୍କ ଉପରେ ଭରସା କରେ ଈଶ୍ୱର ତାହା ପାଇଁ ଯଥେଷ୍ଟ ଅଟନ୍ତି । ଯଦି ସେ ସଚ୍ଚୋଟ ହୃଦୟର ସହିତ ଈଶ୍ୱର ବିଶ୍ୱାସର ପ୍ରକୃତ ଅର୍ଥକୁ ହୃଦୟଙ୍ଗମ (ବୁଝି) କରି ସତ୍ୟନିଷ୍ଠତାର ସହିତ ପାଦ ରଖିବାବାଲା ବ୍ୟକ୍ତି ହୁଏ ଏବଂ ଧୈର୍ଯ୍ୟଶାଳୀ ଏବଂ ଦୃଢ଼ମନା ହୁଏ । ସମସ୍ୟାଗୁଡ଼ିକରୁ ଭୟଭୀତ ହୋଇ ପଛକୁ ହଟିଯାଏ ନାହିଁ । ସଂସାର ହେଉଛିନଶ୍ୱର ଓ କ୍ଷଣଭଙ୍ଗୁର" ଅର୍ଥାତ୍ ଅତିକ୍ରମ କରି ଚାଲିଯିବାବାଲା । ତ୍ୟାଗକାରୀ ଅର୍ଥାତ୍ ଏହାକୁ ଛାଡ଼ିଦେବା ଉଚିତ୍ । ଏହାର କାମଗୁଡ଼ିକ ମଧ୍ୟ ସେହିପରି ଅଟେ । ତେଣୁ ମନୁଷ୍ୟ ପାଇଁ ଆବଶ୍ୟକ ଯେ ସେ ସଂସାରର ଚିନ୍ତା କମ୍ କରୁ ଏବଂ ପରକାଳର ଚିନ୍ତା ଅଧିକ ରଖୁ । ଯଦି ଧର୍ମର ଚିନ୍ତା ମନୁଷ୍ୟ ଉପରେ ପ୍ରଭାବଶାଳୀ ହୋଇଯାଏ ତେବେ ପାର୍ଥିବ ବ୍ୟାପାରର ଦାୟିତ୍ୱ ସ୍ୱୟଂ ଈଶ୍ୱର ବହନ କରନ୍ତି । ଅଲ୍ଲାଃତାଲା ଆମମାନଙ୍କୁ ଏହି ନୀତିକୁ ବୁଝିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଆପଣ ଅ.ସ କୁହନ୍ତି ଯେ "ଦୁଃଖର କଥା ଯେ, ବଡ଼ ବଡ଼ ବିପଦ ପ୍ରତିଦିନ ଘଟୁଛି । କିନ୍ତୁ ଲୋକମାନେ ଏପରି ଅଟନ୍ତି ଯେ, ସେମାନେ ଧ୍ୟାନ ହିଁ ଦେଉ ନାହାନ୍ତି । ଏଥିପ୍ରତି ଭ୍ରୁକ୍ଷେପ କରୁନାହାନ୍ତି । ହ. ମୁସା ଅ.ସଙ୍କ ଅବିଶ୍ୱାସକାରୀମାନେ ମଧ୍ୟ ଭଲ ଥିଲେ ଯେତେବେଳେ ସେମାନଙ୍କ ଉପରେ ଶାସ୍ତି ଅବତୀର୍ଣ୍ଣ ହେଉଥିଲା ସେତେବେଳେ ସେମାନେ ଧ୍ୟାନ ଦେଉଥିଲେ ଏବଂ କହୁଥିଲେ ଯେ, ଯଦି ଏହି ବିପତ୍ତି (ଶାସ୍ତି) ଟଳିଯାଏ ତେବେ ଆମେମାନେ ସ୍ୱୀକାର କରିନେବୁ, କିନ୍ତୁ ଆଜିକାଲିକା ଅବିଶ୍ୱାସକାରୀମାନେ ସେମାନଙ୍କଠାରୁ ମଧ୍ୟ ଅଧିକ ଜିଦ୍ଦୀ (ହଟ୍ଟଧର୍ମୀ) ଅଟନ୍ତି । ସେଇଥି ପାଇଁ ନୂତନ ନୂତନ ଶାସ୍ତି ଆସୁଛି । ନୂତନ ନୂତନ ରୂପରେ ଈଶ୍ୱରଙ୍କ କୋପ ଅବତୀର୍ଣ୍ଣ ହେଉଛି । କିନ୍ତୁ ଏମାନେ ଏପରି ଅଟନ୍ତି ଯେ, କାନରେ ତେଲ ପକାଇ ଶୋଇଛନ୍ତି। ପୁନଶ୍ଚ ଆପଣ ଅ.ସ ଉପମା ଦେଇ କୁହନ୍ତି ଯେ, "ଦେଖ ! ଗୋଟିଏ ମହାମାରୀ (ତାଉନ୍ ବା ପ୍ଲେଗ ମହାମାରୀ) ହିଁ କିମିତି କେମିତି ଭୟଙ୍କର ଆକ୍ରମଣ କଲା । କେମିତି କେମିତି ମର୍ମନ୍ତୁଦ ତଥା ପ୍ରାଣନାଶକ ବିନାଶ ଘଟାଇଲା ଯେ, ଏହାର କଥା ଶୁଣିବା ମାତ୍ରେ ଲୋମ ଟାଙ୍କୁରି ଉଠେ । କିନ୍ତୁ କାହା ଉପରେ କୌଣସି ପ୍ରଭାବ ପଡ଼ିଲା ନାହିଁ। ସେହି ଲୋକମାନେ ଥିଲେ ଯେଉଁମାନେ ଏପରି ସମୟରେ ହ. ମୁସା ଅ.ସଙ୍କ ନିକଟରେ ଦୁଆ କରାଉଥିଲେ । କିନ୍ତୁ ଏହି ଲୋକମାନେ (ସାଂପ୍ରତିକ ଯୁଗର ଲୋକମାନେ) ଅଟନ୍ତି । ସେମାନେ କହୁଛନ୍ତି କୌଣସି କଥା ନାହିଁ, ଏଇଟା ତ' ସାଧାରଣ କଥା ଅଟେ । ଏପରି ହୋଇଥାଏ ଏବଂ ଏପରି ଶାସ୍ତି ଆସିଥାଏ ।" ଆପଣ ଅ.ସକୁହନ୍ତି ଯେ, ଅଲ୍ଲାଃତାଲାଙ୍କର ପ୍ରାଚୀନକାଳରୁ ଏହି ପ୍ରତିଶ୍ରୁତି ରହିଥିଲା ଯେ, ଶେଷ ଯୁଗରେ ନାନା ପ୍ରକାର ଶାସ୍ତି ଆସିବ । ସେହି ସମୟରେ ସ୍ୱଳ୍ପ ଲୋକ ମାର୍ଗଦର୍ଶନ ପ୍ରାପ୍ତ କରିବେ ଏବଂ ଅଧିକାଂଶ ଲୋକ ନଷ୍ଟ (ମୃତ୍ୟୁବରଣ କରିବେ) ହୋଇଯିବେ ।" ଶାସ୍ତି ଆସୁଅଛି । ଏହା ଜରୁରୀ ନୁହେଁ ଯେ, ସମସ୍ତେ ମାର୍ଗଦର୍ଶନ ପ୍ରାପ୍ତ କରିନେବେ । ନା । ଆପଣ ଅ.ସ କହିଲେ ଯେ, ଅଲ୍ଲାଃତାଲାଙ୍କ ପ୍ରତିଶ୍ରୁତି ରହିଥିଲା ଯେ, କିଛି ଲୋକ ମାର୍ଗଦର୍ଶନ ପାଇବେ ଏବଂ ଅଧିକାଂଶ ଲୋକଙ୍କର ବିନାଶ ଘଟିବ । ଅଲ୍ଲାଃତାଲା ତ' ନିଦର୍ଶନ ଦେଖାନ୍ତି । କିନ୍ତୁ ନିଦର୍ଶନରୁ ମଧ୍ୟ ଲାଭ ସେହିମାନେ ହିଁ ଉଠାନ୍ତି ଯେଉଁମାନେ ବିଶ୍ୱାସକାରୀ ଅଟନ୍ତି ଏବଂ ସେମାନେ ସ୍ୱଳ୍ପ ସଂଖ୍ୟକ ଅଟନ୍ତି ।"

(ମଲଫୁଜାତ୍, ଗ୍ରନ୍ଥଖଣ୍ଡ-10, ପୃ-212-213, ସଂସ୍କରଣ ବର୍ଷ-2022 ମସିହା)

ସେମାନେ ସ୍ୱଳ୍ପ ସଂଖ୍ୟକ ହୋଇଥାଆନ୍ତି । ଅଲ୍ଲାଃତାଲା ଦୁନିଆଦାର(ସାଂସାରିକ ଲୋକ)ମାନଙ୍କୁ ସଦବୁଦ୍ଧି ପ୍ରଦାନ କରନ୍ତୁ ଯେ, ସେମାନେ ଅଲ୍ଲାଃତାଲାଙ୍କ ଆଡ଼କୁ ଫେରନ୍ତୁ ଏବଂ ନିଜର ଇହକାଳ ଓ ପରକାଳକୁ ସୁଧାରିଲାବାଲା ହୁଅନ୍ତୁ। ଆମେମାନେ ଯେଉଁମାନେ ହ. ମସିହ ମଉଦ୍ ଅ.ସଙ୍କର ଅନୁଗାମୀ ଅଟୁ । ଅଲ୍ଲାଃତାଲା ଆମର ବିଶ୍ୱାସ ଓ ଭରସାକୁ ବୃଦ୍ଧି କରନ୍ତୁ । ପ୍ରାର୍ଥନା (ଦୁଆ) ସହିତ ଭରସା ଏବଂ ଈଶ୍ୱର ବିଶ୍ୱାସର ଉଚ୍ଚ ସ୍ତର ପ୍ରାପ୍ତକାରୀ ବ୍ୟକ୍ତି ରୂପେ ବିବେଚିତ କରନ୍ତୁ ଓ ଆମମାନଙ୍କୁ ଈଶ୍ୱର ବିଶ୍ୱାସାରେ ଉନ୍ନତି କରିବାକୁ ମଧ୍ୟ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।"

☆☆☆



ପୃ-01 ରେ ବର୍ଣ୍ଣିତ ତଫସିର୍ କବିର୍‌ର ଅବଶିଷ୍ଟାଂଶ....

ସ୍ଥାପନ ହୋଇଯାଏ ସେତେବେଳେ ସେ ନିଜର ଅଦୃଶ୍ୟ ଜ୍ଞାନରୁ ନିଜର ସେବକକୁ ମଧ୍ୟ ଆବଶ୍ୟକତା ଅନୁଯାୟୀ ଅଂଶ ପ୍ରଦାନ କରିଥାଆନ୍ତି । ତେଣୁ ତାହାଙ୍କ ସହିତ ସମ୍ପର୍କ ରଖୁଥିବା ବ୍ୟକ୍ତି ସର୍ବଦା ନିର୍ଭୟ ଓ ଶାନ୍ତ ରହିଥାଏ ।"**(ତଫ୍‌ସୀରେ କବୀର୍, ଗ୍ରନ୍ଥଖଣ୍ଡ-5, ପୃ-67, ସୁରାଃ ଅର୍ ରାଆଦ୍-13, ଅନଲାଇନ୍ ସଂସ୍କରଣ) (ଖୁତ୍‌ବାତେ ମହମୁଦ, ଗ୍ରନ୍ଥଖଣ୍ଡ-27, ପୃଷ୍ଠା-473)** ☆☆☆

କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ" ।

(ମଲଫୁଜାତ୍, ଗ୍ରନ୍ଥଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ପୃ-02ରେ ବର୍ଣ୍ଣିତ ହୁଜୁର୍ ଅନ୍‌ୱର୍ ଅ.ବଙ୍କ ଜର୍ମାନୀ ଗସ୍ତର ଅବଶିଷ୍ଟାଂଶ

କର । ଯେତେବେଳେ ତୁମେମାନେ ଅନ୍ୟମାନଙ୍କର ଅଧିକାରଗୁଡ଼ିକୁ ପୂରଣ କରିବାର ଚେଷ୍ଟା କରିବ, ସେତେବେଳେ ସଂସାରରେ ଶାନ୍ତି ମଧ୍ୟ ପ୍ରତିଷ୍ଠିତ ହେବ ଏବଂ ପ୍ରେମ ଓ ଆନ୍ତରୀକତାର ସମାଜ ମଧ୍ୟ ପ୍ରତିଷ୍ଠିତ ହେବ । ଏହା ହିଁ ହେଉଛି ସେହି ପ୍ରସଙ୍ଗ ଯାହାର ଆବଶ୍ୟକତା ଆଜି ଆମକୁ ସଂସାରରେ ରହିଛି । ହୁଜୁର୍ ଅନୱର୍ ଅ.ବ କହିଲେ, ପାର୍ଲାମେଣ୍ଟର ସଦସ୍ୟ (ଏମ୍.ପି.) ସାହେବ ଅ.ସ ଆସିଥିଲେ, ତାଙ୍କ ସହିତ ଦୁଇ ଦିନ ପୂର୍ବରୁ ମଧ୍ୟ ସାକ୍ଷାତ୍ ହୋଇଥିଲା । ତାଙ୍କ କଥାଗୁଡ଼ିକ ମଧ୍ୟ ଶୁଣିଲି। ସେ ଆଜି ନିଜର ସେହି କଥାଗୁଡ଼ିକୁ ଏକ ନୂତନ ଅନ୍ଦାଜରେ (ଢଙ୍ଗରେ) ଉପସ୍ଥାପନ କଲେ ଏବଂ ଜମାଅତ୍ ଅହମଦିୟା ସହିତ ସମ୍ପର୍କର ପରିପ୍ରକାଶ କଲେ । ସେଥିପାଇଁ ମୁଁ ତାଙ୍କର ମଧ୍ୟ କୃତଜ୍ଞ ଅଟେ । ସେ ଉକ୍ତ କଥାର ମଧ୍ୟ ଉଲ୍ଲେଖ କଲେ ଯେ, କେତେକ ସ୍ଥାନରେ ଧର୍ମ ନାମରେ ରକ୍ତପାତ କରାଯାଉଛି, ଯାହାର ଅନୁମତି କେବେ ମଧ୍ୟ ଧର୍ମ ଦିଏ ନାହିଁ । ଧର୍ମ ତ" କହେ ଯେ, ଅନ୍ୟମାନଙ୍କର ସେବା କର । ଜମାଅତ୍ ଅହମଦିୟା, ଯେଉଁ ଯେଉଁଠାରେ ଆମର ଜମାଅତ୍ ପ୍ରତିଷ୍ଠିତ ଅଛି, ଯେଉଁ ଯେଉଁଠାରେ ଲୋକମାନେ ଆମ ଜମାଅତରେ ସାମିଲ ହେଉଛନ୍ତି । ବିଶେଷ କରି ଆଫ୍ରିକାର ଦେଶଗୁଡ଼ିକରେ, ଦକ୍ଷିଣ ଆମେରିକାର ଦେଶଗୁଡ଼ିକରେ, ସେଠାରେ ଆମେ କେବଳ ଅହମଦି ମୁସଲମାନମାନଙ୍କର ସେବା କରୁନାହୁଁ ବରଂ ପ୍ରତ୍ୟେକ ଧର୍ମର ଅନୁଗାମୀମାନଙ୍କର ଆମେ ସେବା କରୁଛୁ । ଆଫ୍ରିକାରେ ଆମର ବିଦ୍ୟାଳୟ ସ୍ଥାପିତ ହୋଇଛି, ହସ୍ପିଟାଲ୍ ସ୍ଥାପିତ ଅଛି। ସେହିପରି ଆମେ ମଡେଲ୍ ଭିଲେଜ୍ (ଆଦର୍ଶ ଗ୍ରାମ) ବନାଇଛୁ । ପାଣିର ସୁବିଧା ଯୋଗାଉଛୁ । ଏଥିରୁ ଲାଭ (ଉପକୃତ ହେଉଥିବା) ଉଠାଉଥିବା ୮୦ ପ୍ରତିଶତ ସେହି ଲୋକମାନେ ଅଟନ୍ତି ଯାହାଙ୍କର ଜମାଅତ୍ ଅହମଦିୟା ସହିତ କୌଣସି ସମ୍ପର୍କ ନାହିଁ, ସେମାନେ ଖ୍ରୀଷ୍ଟିଆନ୍ ଅଟନ୍ତି ବା ଅନ୍ୟ ଧର୍ମଗୁଡ଼ିକ ସହିତ ସମ୍ପର୍କ ରଖୁଥିବା ଲୋକ ଅଟନ୍ତି । ତେଣୁ ଜମାଅତ୍ ଅହମଦିୟା ତ' କେବଳ କଥାରେ ଧାର୍ମିକ ସ୍ୱାଧୀନତାର ପ୍ରଚାର କରେ ନାହିଁ ବରଂ ବ୍ୟାବହାରିକ ଭାବରେ ଆମେ ଦୁନିଆର ବିଭିନ୍ନ ଗରିବ ଦେଶଗୁଡ଼ିକରେ ଉକ୍ତ କଥାର ପ୍ରକାଶ କରୁଛୁ ଯେ, ଗରିବମାନଙ୍କୁ ଧର୍ମର ଭେଦଭାବ ବିନା ଶିକ୍ଷା ଯୋଗାଇ ଦିଆଯାଉ, ସେମାନଙ୍କର ଚିକିତ୍ସା କରାଯାଉ, ସେମାନଙ୍କୁ ପିଇବା ପାଣି ମିଳୁ । ଆମେ ଏଠାରେ ବିକଶିତ ଦେଶଗୁଡ଼ିକରେ ବାସ କରି ଉକ୍ତ କଥାର କଳ୍ପନା କରିପାରିବୁ ନାହିଁ ଯେ ପିଇବା ପାଣିର ଗୁରୁତ୍ୱ କ'ଣ ଅଟେ। ସରକାରଙ୍କ ପକ୍ଷରୁ ବାରମ୍ବାର ଏହା ମନେପକାଇ ଦିଆଯିବା ସତ୍ତ୍ୱେ କି ପାଣିକୁ ସତର୍କତାର ସହିତ ବ୍ୟବହାର କରନ୍ତୁ । ସେହି ଲୋକମାନେ ଯାହାଙ୍କୁ ପିଇବା ପାଣି କେଉଁଠାରୁ ମିଳିବ, ସେମାନଙ୍କର ପିଲାମାନଙ୍କୁ ତ' ଟିକିଏ ପାଣି ଆଣିବା ପାଇଁ ଅନେକ କିଲୋମିଟର ଯାତ୍ରା କରିବାକୁ ପଡ଼ିଥାଏ । ପୁଣି ସେମାନେ ଏକ ବାଲ୍ଟି ମୁଣ୍ଡରେ ଉଠାଇ ଆଣନ୍ତି ଏବଂ ଘରର ଦୈନନ୍ଦିନ ଆବଶ୍ୟକତା ପୂରଣ କରନ୍ତି ।

ଏହି ଦେଶମାନଙ୍କରେ ଦୂର ଦୂରାନ୍ତର ଗ୍ରାମମାନଙ୍କରେ...ଅଞ୍ଚଳଗୁଡ଼ିକରେ ଆମର ଭଲଣ୍ଟିୟର୍ (ସ୍ୱେଚ୍ଛାସେବୀ) ମାନେ ଯାଆନ୍ତି, କାମ କରନ୍ତି, ନଳକୂପ ଲଗାନ୍ତି, ପମ୍ପ୍ ଲଗାନ୍ତି ଏବଂ ସେମାନଙ୍କୁ ପାଣି ଯୋଗାଇଥାଆନ୍ତି। ଯେତେବେଳେ ସେମାନଙ୍କ ଘର ସାମ୍ନାରେ ସେମାନଙ୍କୁ ଟ୍ୟାପ୍ ୱାଟର୍ (ନଳ ପାଣି) ମିଳିଯାଏ, ପିଇବା ପାଇଁ ପରିଷ୍କାର ପାଣି ମିଳିଯାଏ, ସେତେବେଳେ ସେମାନଙ୍କର ଖୁସି ଦେଖିବା ଭଳି ହୋଇଥାଏ । ବୋଧହୁଏ ଏଠାରେ କାହାର ବଡ଼ ପରିମାଣର ଟଙ୍କାର ଲଟେରୀ ବାହାରିଗଲେ ତାକୁ ଯେତିକି ଖୁସି ମିଳିଥାଏ, ସେମାନଙ୍କୁ ପରିଷ୍କାର ପାଣି ଦେଖି ସେତିକି ଖୁସି ମିଳିଥାଏ ଯେ, ସେମାନେ ସେହି କଷ୍ଟରୁ ରକ୍ଷା ପାଇଗଲେ ଯେ, ଏତେ ଦୂର ଯାଇ ପାଣି ଆଣିବାକୁ ପଡୁଥିଲା ଏବଂ ସେହି ପାଣି ମଧ୍ୟ ଅପରିଷ୍କାର ଥିଲା ଯାହାକୁ ପିଇବା ପରେ ପୁଣି ରୋଗ ବ୍ୟାପିଥାଏ। ତେଣୁ ଜମାଅତ୍ ଅହମଦିୟା ଏହି ସେବାଗୁଡ଼ିକୁ ମଧ୍ୟ ସଂସାରେ ସମ୍ପାଦନ କରୁଛି। ଯେଉଁ ଯେଉଁଠାରେ ଆମର ଜମାଅତ୍ ପ୍ରତିଷ୍ଠିତ ହୁଏ, ମସଜିଦ୍ ନିର୍ମାଣ ହୁଏ, ସେଠାରେ ସାଙ୍ଗେସାଙ୍ଗେ ଏହି ପ୍ରକଳ୍ପଗୁଡ଼ିକ ହୋଇଥାଏ ଏବଂ ଏପରି କୌଣସି ସର୍ତ୍ତ ନାହିଁ ଯେ ଅହମଦି ମୁସଲମାନ ହେଲେ ହିଁ ଏହି ସୁବିଧାଗୁଡ଼ିକ ମିଳିବ ଅନ୍ୟଥା ନୁହେଁ । ବରଂ ଯେପରି ମୁଁ ପୂର୍ବରୁ ବର୍ଣ୍ଣନା କରିଛି, ୪୦ ପ୍ରତିଶତ ସେହି ଲୋକମାନେ ଆମର ପ୍ରକଳ୍ପରୁ ଲାଭ ଉଠାନ୍ତି ଯେଉଁମାନେ ଅହମଦି ନୁହଁନ୍ତି । ସେ ଆଫଗାନିସ୍ତାନର ଉଦାହରଣ ଦେଲେ ଯେ, ସେଠାରେ ମହିଳାମାନଙ୍କର ଅଧିକାରଗୁଡ଼ିକ ସମ୍ପାଦନ କରାଯାଉ ନାହିଁ। ଇସ୍‌ଲାମ ଧର୍ମ ଏବଂ ପବିତ୍ର କୁରଆନ୍ କରୀମର ଶିକ୍ଷା ତ' ଏହା ଯେ, ମହିଳାମାନଙ୍କ ପ୍ରତି ସଦ୍‌ବ୍ୟବହାର ପ୍ରଦର୍ଶନ କରନ୍ତୁ । କେବଳ ସେତିକି ନୁହେଁ ବରଂ ଉତ୍ତମ ରୂପରେ ସେମାନଙ୍କ ସହିତ ସଦ୍‌ବ୍ୟବହାର ପ୍ରଦର୍ଶ କରନ୍ତୁ । ପବିତ୍ର କୁରଆନ୍‌ର ଏହି ନିର୍ଦ୍ଦେଶ ଅଛି ଯେ, ଯେପରି ତୁମମାନଙ୍କର ଭାବନା ରହିଛି । ଠିକ୍ ସେହିପରି ମହିଳାମାନଙ୍କର ମଧ୍ୟ ଭାବନା ରହିଛି । ଯେପରି ଆପଣମାନଙ୍କର ଇଚ୍ଛା ରହିଛି । ଠିକ୍ ସେହିପରି ସେମାନଙ୍କର ମଧ୍ୟ ଇଚ୍ଛା ରହିଛି । ସେମାନଙ୍କୁ ସମ୍ମାନ ଓ ଆଦରର ସହିତ ଦେଖନ୍ତୁ ଏବଂ ସେମାନଙ୍କର ଇଚ୍ଛାଗୁଡ଼ିକୁ ପୂରଣ କରିବା ନିମନ୍ତେ ଚେଷ୍ଟା କରନ୍ତୁ । ହୁଜୁର୍ ଅନୱର୍ ଅ.ବ କହିଲେ, ସେ ଯାହା ହେଉ ଧାର୍ମିକ ଇସ୍‌ଲାମୀ ଶିକ୍ଷା ମଧ୍ୟରେ ରହି ମହିଳାମାନଙ୍କୁ ପ୍ରତ୍ୟେକ ପ୍ରକାରର ସ୍ୱାଧୀନତା ପ୍ରାପ୍ତ ଅଛି । ଆମର ଅହମଦି ମହିଳାମାନଙ୍କ ମଧ୍ୟରୁ ଅନେକ ମହିଳା ଡାକ୍ତର ଅଛନ୍ତି, ଇଞ୍ଜିନିୟର୍ ଅଛନ୍ତି, କୃଷିବିତ୍ (ଏଗ୍ରିକଲ୍‌ଚରିଷ୍ଟ ବା କୃଷକ ଅଧିକାରୀଣୀ) ଅଛନ୍ତି, ଅର୍ଥଶାସ୍ତ୍ରୀ (ଇକୋନୋମିଷ୍ଟ) ଅଛନ୍ତି ଏବଂ ବିଭିନ୍ନ ବୃତ୍ତି ସହିତ ଜଡ଼ିତ ଅଛନ୍ତି ଏବଂ ସେବା ପାଇଁ ବାହାରକୁ ମଧ୍ୟ ଯାଆନ୍ତି ଏବଂ ନିଜର ଜୀବନକୁ ମାନବ ସେବା (ଖଲ୍‌କ୍) ର କାମ ପାଇଁ ଉତ୍ସର୍ଗ କରନ୍ତି । ତେଣୁ ଏହି ଦୃଷ୍ଟିରୁ ମହିଳାମାନଙ୍କର ଏହି ସମସ୍ତ ଅଧିକାର ଅଛି। ଠିକ୍ ସେହିପରି ସମ୍ପତ୍ତିର ଅଧିକାର ଅଛି, ଇସ୍‌ଲାମ୍ ଧର୍ମ ମହିଳାମାନଙ୍କୁ ପ୍ରତ୍ୟେକ ପ୍ରକାରର ଅଧିକାର ପ୍ରଦାନ କରିଛି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେ ଯାହାହେଉ, ଧର୍ମଗୁଡ଼ିକର ସମ୍ମାନ ଅତ୍ୟନ୍ତ ଜରୁରୀ ଅଟେ । ସମସ୍ତ ଧର୍ମକୁ ଏକାଠି ରହିବା ପାଇଁ ଏବଂ ସଂସାରରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ, ସମାଜରେ ପ୍ରେମ ଓ ଭଲପାଇବା ପରିବ୍ୟାପ୍ତ କରିବା ପାଇଁ ଏହା ଜରୁରୀ ଅଟେ ଯେ, ପରସ୍ପରର ପ୍ରତି ସମ୍ମାନ ପ୍ରଦର୍ଶନ କରାଯାଉ ଏବଂ ଇସ୍‌ଲାମ୍ ଧର୍ମ ପ୍ରତ୍ୟେକ ଧର୍ମର ସମ୍ମାନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥାଏ । ମୁଁ ବିଗତ ଦିନମାନଙ୍କରେ ଯେଉଁଠାରେ ଆମ ମସଜିଦର ଉଦଘାଟନ ହୋଇଥିଲା, କହିଥିଲି ଯେ, ଇସ୍‌ଲାମ୍ ଧର୍ମ କେବଳ ନିଜର ମସଜିଦର ସୁରକ୍ଷା କରିବା ନିମନ୍ତେ ଶିକ୍ଷା ଦିଏ ନାହିଁ । ବରଂ ଇସ୍‌ଲାମ୍ ଏହା କହେ ଯେ ଯଦି କେହି ଚର୍ଚ୍ଚ ଉପରେ ଆକ୍ରମଣ କରେ, ତେବେ ତୁମକୁ ତାହାର ମଧ୍ୟ ସୁରକ୍ଷା କରିବାକୁ ପଡ଼ିବ । ଯଦି କେହି ସିନାଗୋଗ୍ (Synagogue - ୟିହୁଦୀ ପ୍ରାର୍ଥନାଳୟ) ଉପରେ ଆକ୍ରମଣ କରେ, ତେବେ ତୁମକୁ ତାହାର ମଧ୍ୟ ସୁରକ୍ଷା କରିବାକୁ ପଡ଼ିବ । ଯଦି କେହି ମନ୍ଦିର (Temple) ଉପରେ ଆକ୍ରମଣ କରେ, ତେବେ ତାହାର ମଧ୍ୟ ସୁରକ୍ଷା କରିବାକୁ ପଡ଼ିବ । ତେଣୁ ଯେଉଁମାନେ ଇସ୍‌ଲାମ୍ ଧର୍ମ ନାମରେ ଚର୍ଚ୍ଚଗୁଡ଼ିକୁ ଜାଳି ଦିଅନ୍ତି ଏବଂ ବିଭିନ୍ନ ପ୍ରକାରର ଆକ୍ରମଣ କରନ୍ତି, ଏହା ଇସ୍‌ଲାମ୍ ଧର୍ମର ଶିକ୍ଷା ନୁହେଁ । ପବିତ୍ର କୁରଆନ୍ କରୀମର ଶିକ୍ଷା ତ' ଯେପରିକି ମୁଁ ବର୍ଣ୍ଣନା କରିଛି, ଏହାର ସମ୍ପୂର୍ଣ୍ଣ ବିପରୀତ ଅଟେ । ପବିତ୍ର କୁରଆନ୍ ତ' ଏହା କହେ ଯେ, ସେହି ସମସ୍ତ ଧର୍ମ ଓ ଧର୍ମପୀଠର ସୁରକ୍ଷା କର ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ: "ମେୟର୍ ସାହେବ ମଧ୍ୟ ବହୁତ ଉତ୍ତମ କଥା କହିଲେ। ରାଜନୈତିକ ଦଳଗୁଡ଼ିକ ସଂପର୍କରେ ସେ ଉଲ୍ଲେଖ କଲେ ଯେ, ଆଜି ଏହି ସଭାରେ ବିଭିନ୍ନ ରାଜନୈତିକ ଦଳର ଲୋକମାନେ ସାମିଲ ଅଛନ୍ତି । ଉକ୍ତ କଥାଟି ଏହା ପ୍ରମାଣ କରୁଛି ଯେ ଜମାଅତ୍ ଅହମଦିୟା ନିଜକୁ ଏହି ସମାଜରେ କେବଳ integrate (ସଂଯୁକ୍ତ) କରୁନାହିଁ । ବରଂ ସମସ୍ତଙ୍କୁ ଏକାଠି କରି ଗୋଟିଏ ପ୍ଲାଟଫର୍ମକୁ ଆଣୁଛି। ଏହାର କାରଣ ଏହା ହିଁ ଅଟେ ଯେ, ଆମେ ଚାହୁଁଛୁ ଯେ ପରସ୍ପର ମଧ୍ୟରେ ପ୍ରେମ ଓ ଭଲପାଇବା ଏବଂ ଭାଇଚାରାର ପରିବେଶ ସୃଷ୍ଟି ହେଉ । ମନୁଷ୍ୟକୁ ମନୁଷ୍ୟ ଭାବରେ ପରସ୍ପରର ସମ୍ମାନ ଓ ଆଦର କରିବା ଉଚିତ୍ । ଏହି ଜିନିଷଟି ହିଁ ଆମକୁ ପରସ୍ପରର ଅଧିକାର ପ୍ରଦାନକାରୀ ବନାଇବ । ଏହା ହିଁ ଇସ୍‌ଲାମର ଆଦେଶ ଅଟେ । ପବିତ୍ର କୁରଆନ୍ କରୀମ୍ କହିଛି ଯେ, ତୁମ ପାଇଁ ଦୁଇଟି ନିର୍ଦ୍ଦେଶ ରହିଛି । ଗୋଟିଏ ନିଜର ସୃଷ୍ଟିକର୍ତ୍ତାଙ୍କର ଅଧିକାର ସମ୍ପାଦନ କର ଏବଂ ଦ୍ୱିତୀୟଟି ହେଲା, ତାହାଙ୍କ ଭକ୍ତମାନେ ପରସ୍ପର ସହିତ ଜଣେ ଅନ୍ୟର ଅଧିକାର ସମ୍ପାଦନ କରନ୍ତୁ ଏବଂ ଏହା ପାଇଁ ପୁଣି ଆପଣ ଅ.ସ ବିଭିନ୍ନ ବିବରଣୀ ପ୍ରଦାନ କଲେ ଯେ, କିପରି ଅଧିକାର ସମ୍ପାଦନ କରିବାକୁ ହେବ । ଯଦି ଏହିସବୁ ଜିନିଷ ସୃଷ୍ଟି ହୋଇଯାଏ ଯେ, କେବଳ ନିଜର ଅଧିକାର ପାଇଁ ଲଢିବେ ନାହିଁ, ବରଂ ଅନ୍ୟର ଅଧିକାର ସମ୍ପାଦନ କରିବା ପ୍ରତି ଧ୍ୟାନ ଦେବେ ତେବେ ଯାଇ ପ୍ରକୃତ ଶାନ୍ତି ଏବଂ ପ୍ରେମର ପରିବେଶ ସ୍ଥାପିତ ହେବ। ତେଣୁ ଆମେମାନେ ତ' ଅଧିକାର ପ୍ରଦାନକାରୀ ଏବଂ ପ୍ରକୃତ ଶାନ୍ତି ପ୍ରତିଷ୍ଠାକାରୀ ଲୋକ ଅଟୁ । ସେ ପଡ଼ୋଶୀମାନଙ୍କର ଅଧିକାର କଥା କହିଛନ୍ତି, ତେଣୁ ପଡ଼ୋଶୀମାନଙ୍କର ଅଧିକାର ସମ୍ପର୍କରେ କେବଳ ଏତିକି କଥା କହି ଦେଉଛି ଯେ, ଇସ୍‌ଲାମ୍ ଧର୍ମର ପ୍ରଣେତା ହଜ. ମୁହମ୍ମଦ୍ ମୁସ୍ତଫା ସ.ଅ ପଡ଼ୋଶୀମାନଙ୍କର ଅଧିକାର ସମ୍ପାଦାନ ଉପରେ ଏତେ ଜୋର୍ ଦେଲେ ଯେ, ଆପଣ ସ.ଅଙ୍କର ସାହାବାମାନେ ଏହି ଧାରଣା କରିନେଲେ ଯେ, ବୋଧ ହୁଏ ଉତ୍ତରାଧିକାରୀର ଅଧିକାରରେ ମଧ୍ୟ ସେମାନଙ୍କୁ ଅର୍ଥାତ୍ ପଡ଼ୋଶୀମାନଙ୍କୁ ସାମିଲ୍ କରିଦିଆଯିବ । ତେଣୁ ଏହି ସୀମା ପର୍ଯ୍ୟନ୍ତ ଇସ୍‌ଲାମ୍ ଧର୍ମର ଶିକ୍ଷା ରହିଛି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ତେଣୁ ଉପରୋକ୍ତ କଥାଗୁଡ଼ିକ ଏପରି ଅଟନ୍ତି ଯେ, ତାହା ପ୍ରେମ

କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଗ୍ରନ୍ଥଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

ଅଲ୍ଲାଃତାଲାଙ୍କ ବାଣୀ

ଅଲ୍ଲାଃତାଲା କୁହନ୍ତି: كُونُوا مَعَ الصّٰدِقِيْنَ

(ଅତ୍ ତୌବା :119)

ଅନୁବାଦ୍: ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

ତାଲିବେ ଦୁଆ: Amina Begum Saheba, W/o- Late Mianjan Khan, Jamat Ahmadiya Nargaon, Dist- Cuttack, (Odisha)

ଏବଂ ଶାନ୍ତି ଏବଂ ଭାଇଚାରାକୁ ପ୍ରୋତ୍ସାହିତ କରିଥାଏ । ଏହାକୁ ପରିବ୍ୟାପ୍ତ କରିଥାଏ । ଉକ୍ତ ପ୍ରସଙ୍ଗ ଯାହା ପାଇଁ ଆଜି ଆମେମାନେ ସମଗ୍ର ଦୁନିଆରେ କାର୍ଯ୍ୟ କରୁଛୁ। ଏହା ହିଁ ସେହି ଶିକ୍ଷା ଅଟେ ଯାହା ପାଇଁ ଆମେମାନେ ପ୍ରତ୍ୟେକ ବ୍ୟକ୍ତି ସହିତ ଧର୍ମର ଭେଦଭାବ ଭୁଲି ସୁସମ୍ପର୍କ ରଖିବାକୁ ଚାହୁଁଛୁ ଏବଂ ଏହା ହିଁ ସେହି ସୁଶିକ୍ଷା ଯାହା ସଂସାରରେ ପ୍ରକୃତ ଶାନ୍ତି ଏବଂ ଭାଇଚାରା ସ୍ଥାପନକାରୀ ହେବ ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ: ମୁଁ ଆଶା କରୁଛି ଯେ, ଏହି ମସଜିଦ୍ ନିର୍ମାଣ ହେବା ପରେ ଏହାର କୋଠା ଆପଣମାନଙ୍କୁ ଇସ୍‌ଲାମ୍ ଧର୍ମର ଶିକ୍ଷା ସହିତ ଅଧିକ ପରିଚିତ କରାଇବ ଏବଂ ଆପଣମାନେ ଜାଣିପାରିବେ ଯେ, ଇସ୍‌ଲାମ୍ ଧର୍ମ ସମ୍ପର୍କରେ କେତେକ ଲୋକମାନେ ଅନ୍ୟ ଲୋକମାନଙ୍କ ମନରେ ଯେଉଁ ଭୁଲ୍ ଧାରଣାଗୁଡ଼ିକ ସୃଷ୍ଟି କରିଦେଇଛନ୍ତି ତାହା ସେହି ଲୋକମାନଙ୍କର ନିଜର ବ୍ୟକ୍ତିଗତ ସ୍ୱାର୍ଥ ଅଟେ । ଏହା ସେମାନଙ୍କର ପାଶ୍ଚାତ୍ୟ ସ୍ୱାର୍ଥ (western interests) ଅଟେ । ସେମାନଙ୍କର ଇସ୍‌ଲାମ୍ ଧର୍ମର ପ୍ରକୃତ ଶିକ୍ଷା ସହିତ କୌଣସି ସମ୍ପର୍କ ନାହିଁ । ଇସ୍‌ଲାମ୍ ଧର୍ମର ଶିକ୍ଷା ତ' ପ୍ରେମ, ଆନ୍ତରୀକତା ଏବଂ ଭାଇଚାରାର ଶିକ୍ଷା ଅଟେ। ମୁଁ ପ୍ରାର୍ଥନା କରୁଛି ଯେ, ଅଲ୍ଲାଃତାଲା ସଂସାରର ମନୁଷ୍ୟମାନଙ୍କୁ ଏହି ସାମର୍ଥ୍ୟ ପ୍ରଦାନ କରନ୍ତୁ ଯେ, ସେମାନେ ପରସ୍ପର ମଧ୍ୟରେ ପ୍ରେମ ଏବଂ ଆନ୍ତରୀକତା ଓ ଭାଇଚାରା ସହିତ ବାସକାରୀ ହୁଅନ୍ତୁ । ସବୁଠାରୁ ବଡ଼ କଥା ଏହିକି ଯେ, ନିଜର ସୃଷ୍ଟିକର୍ତ୍ତା ଈଶ୍ୱରଙ୍କୁ ଆପଣମାନେ ଚିହ୍ନିବାବାଲା ବ୍ୟକ୍ତି ହୁଅନ୍ତୁ ଏବଂ ତାହାଙ୍କର ଉପାସନାକାରୀ ହୁଅନ୍ତୁ । ଯଜାକୁମୁଲ୍ଲାଃ । ଧନ୍ୟବଦ୍ । ଏହାପରେ ହୁଜୁର୍ ଅନୱର୍ ଅ.ବ ଦୁଆ କରାଇଲେ ।

ଅନୁଭୂତି (ତାଆସ୍ସୁରାତ୍) :

ଆଜିର ଏହି ଉତ୍ସବରେ ସାମିଲ ହୋଇଥିବା ଅନେକ ଅତିଥିମାନେ ନିଜର ଭାବନା ଏବଂ ଅନୁଭୂତିଗୁଡ଼ିକୁ ପ୍ରକାଶ ନକରି ରହିପାରିଲେ ନାହିଁ । ଏଠାରେ କେତେକ ଅତିଥିମାନଙ୍କର ଅନୁଭୂତି ପ୍ରଦାନ କରାଗଲା: ମାରିଓ ବେକ୍ (Mario Beck) ଯିଏକି ସିଡିୟୁ (CDU)ର ଲୋକାଲ୍ ପାର୍ଟିର ଲିଡର୍ ଅଟନ୍ତି, ସେ କହିଲେ ଯେ, ମୁଁ ପୂର୍ବରୁ କେବେ କୌଣସି ଧାର୍ମିକ ଏବଂ ଆଧାତ୍ମିକ ବ୍ୟକ୍ତିତ୍ୱକୁ ଭେଟି ନଥିଲି ଏବଂ ଖଲିଫାଙ୍କୁ ଭେଟିବା ମୋ ପାଇଁ ଗୌରବର କଥା ଅଟେ । ଯେତେବେଳେ ଖଲିଫା ଉଦବୋଧନ ଦେବା ଆରମ୍ଭ କଲେ ସେତେବେଳେ ମୋତେ ଭଲ ଲାଗିଲା ଯେ, ଆପଣ ଜଣେ ସାଧାରଣ ମନୁଷ୍ୟ ପରି ଉଦବୋଧ ଦେଉଥିଲେ ଏବଂ ଏତେ ବଡ଼ ବ୍ୟକ୍ତିତ୍ୱ ହେବା ସତ୍ତ୍ୱେ ଆପଣଙ୍କ ଠାରୁ ଆପଣାପଣ (ଘନିଷ୍ଠତା) ଅନୁଭୂତ ହେଉଥିଲା । ମୋତେ ଉକ୍ତ କଥାଟି ବହୁତ ଭଲ ଲାଗିଲା ଯେ, ଆପଣ ଆପଣଙ୍କ ପୂର୍ବରୁ ବକ୍ତବ୍ୟ ରଖିଥିବା ବକ୍ତାମାନଙ୍କର ବକ୍ତବ୍ୟ ସମ୍ପର୍କରେ କଥା କହିଲେ, ଯାଦ୍ୱାରା ଏହା ପ୍ରକାଶ ପାଉଛି ଯେ, ଆପଣ କେବଳ ନିଜର କଥା କହିବା ପାଇଁ ପୂର୍ବରୁ କୌଣସି ଭାଷଣ ପ୍ରସ୍ତୁତ କରି ନଥିଲେ ବରଂ ସ୍ଥାନୀୟ ଆବଶ୍ୟକତା ଅନୁଯାୟୀ ନିର୍ଦ୍ଦେଶାବଳୀ ମଧ୍ୟ ପ୍ରଦାନ କରିଥିଲେ । ଖଲିଫାଙ୍କର ଏହି କଥା କହିବା ଯେ, ମସଜିଦର ସହରର ମଧ୍ୟଭାଗରେ ରହିବା ବହୁତ ଭଲ କଥା ଅଟେ। ଏହାଦ୍ୱାରା ଏହା ପ୍ରକାଶ ପାଉଛି ଯେ, ଜମାଅତ୍ ଆମ ସହିତ ରହିବାକୁ ଚାହୁଁଛି ଏବଂ ପ୍ରେମ ଓ ଆନ୍ତରୀକତାର ପରିବେଶ ସ୍ଥାପନ କରିବାକୁ ଚାହୁଁଛି । ଯେପରି ଖଲିଫା ମହୋଦୟ କହିଲେ ଯେ, ଯେଉଁମାନେ ଆରମ୍ଭରେ ମସଜିଦର ବିରୋଧୀ ଥିଲେ, ବର୍ତ୍ତମାନ ସେମାନେ ଆମର ବନ୍ଧୁ ଅଟନ୍ତି । ଏହା ହିଁ ମୁଁ ମଧ୍ୟ ଅନୁଭବ କରିଛି ଯେ, ସମସ୍ତଙ୍କ ହୃଦୟରୁ ସନ୍ଦେହଗୁଡ଼ିକ ଦୂର ହୋଇଯାଇଛି । ଖଲିଫାଙ୍କ ଉଦବୋଧନରୁ ଆମେ ଜାଣିବାକୁ ପାଇଲୁ ଯେ, ଇସ୍‌ଲାମ୍ ଧର୍ମ ହିଂସାକାରୀ ଧର୍ମ ନୁହେଁ । ଲୋକମାନେ ସାଧାରଣତଃ ସାଉଦି ଆରବ ଆଡ଼କୁ ଦେଖନ୍ତି ଏବଂ ଭାବନ୍ତି ଯେ, ସେହି ଇସ୍‌ଲାମ୍ ଧର୍ମ ହିଁ ପ୍ରକୃତ ଇସ୍‌ଲାମ୍ ଧର୍ମ ଅଟେ । କିନ୍ତୁ ଆପଣଙ୍କ ଖଲିଫା ସ୍ପଷ୍ଟ କରିଦେଇଛନ୍ତି ଯେ, ଇସ୍‌ଲାମ୍ ଧର୍ମ କ'ଣ ଏବଂ କ'ଣ ନୁହେଁ ।

ମାର୍ଗେଟ୍ ହାସ୍ (Margret Haas) ନାମକ ଜଣେ ମହିଳା ଅତିଥି ଯାହାଙ୍କର ସମ୍ପର୍କ ନ୍ୟୁଜିଲାଣ୍ଡ (New Zealand) ସହିତ ଅଛି । କିନ୍ତୁ ସେ ବର୍ତ୍ତମାନ ଜର୍ମାନୀରେ ବାସ କରୁଛନ୍ତି । ସେ 1998 ମସିହାରେ ଜର୍ମାନୀରେ ହ. ଖଲିଫତୁଲ୍ ମସିହ୍ ରାବେ (ଚତୁର୍ଥ ଖଲିଫା) ରହେମହୁଲ୍ଲାଃହୁ ଅଲୈହଙ୍କୁ ଭେଟିବାର ସୁଯୋଗ ପାଇଥିଲେ । ସେ କହିଲେ ଯେ, ଖଲିଫାଙ୍କ ଉଦବୋଧ ଅତ୍ୟନ୍ତ ରୋମାଞ୍ଚକର ଥିଲା । ବିଶେଷ କରି ଖଲିଫା ଯାହା କହିଲେ ଯେ ଧର୍ମଗୁଡ଼ିକ ତ' ଶାନ୍ତିର ମାଧ୍ୟମ ଅଟନ୍ତି ଏବଂ ଯେକୌଣସି ଧର୍ମ ସହିତ ଯାହାର ସମ୍ପର୍କ ଥାଉ ନା କାହିଁକି ସେ ଅନ୍ୟ ଧର୍ମ ପ୍ରତି ସହିଷ୍ଣୁ (tolerant) ହେବା ଉଚିତ୍ । ମୁଁ ଏହି ବିଶ୍ୱାସ କରେ ଯେ, ଉକ୍ତ କଥାଟି ଶାନ୍ତି ପ୍ରତିଷ୍ଠା କରିବାରେ ବହୁତ ଗୁରୁତ୍ୱ ରଖିଥାଏ । ମୋତେ ଉପସ୍ଥିତ ଖଲିଫା ଅତ୍ୟନ୍ତ ବିନମ୍ରତା ଅବଲମ୍ବନକାରୀ ବ୍ୟକ୍ତି ରୂପେ ଜଣାପଡ଼ିଲେ ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଆଲ୍‌ବାନ୍ କ୍ରାସନିକି (Alban Krasniqi) ନାମକ ଜଣେ ସ୍ଥାନୀୟ ରାଜନେତା ଅଟନ୍ତି, ସେ କହିଲେ ଯେ, ଆଜି ମୁଁ ଏହା ଶିଖିଲି ଯେ, ଇସ୍‌ଲାମ୍ ଧର୍ମ ସମସ୍ତ ମାନବଜାତିର କଲ୍ୟାଣ ଚାହେଁ । ଖଲିଫାଙ୍କ ଅସ୍ତିତ୍ୱ ଦ୍ୱାରା ମୁଁ ବେଶ୍ ପ୍ରଭାବିତ ହୋଇଛି ଏବଂ ମୋ ପାଇଁ ଏହା ଏକ ବହୁତ ବଡ଼ ଗୌରବର କଥା ଯେ, ଖଲିଫାଙ୍କୁ ଭେଟିବାର ସୁଯୋଗ ମୋତେ ମିଳିଲା ଏବଂ ଇସ୍‌ଲାମ୍ ଧର୍ମର ସତ୍ୟତା ସମ୍ପର୍କରେ ଶିଖିବାକୁ ମିଳିଲା । ମୋତେ ଉପସ୍ଥିତ ଖଲିଫାଙ୍କର ଏହି କଥାଟି ବିଶେଷ ଭାବରେ ବହୁତ ଭଲ ଲାଗିଲା ଯେ, ଆମକୁ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ପ୍ରତ୍ୟେକ ସମ୍ଭାବ୍ୟ ଚେଷ୍ଟା କରିବା ଉଚିତ୍ ଏବଂ ଏହି କାର୍ଯ୍ୟରେ ଅନ୍ୟମାନଙ୍କୁ ମଧ୍ୟ ସହାୟତା କରିବା ଉଚିତ୍ । ଆମ ପାଇଁ ତ' ଏହା ଏକ ସାଧାରଣ କଥା ଯେ, ଆମକୁ ଧାର୍ମିକ ସ୍ୱାଧୀନତା ପ୍ରାପ୍ତ ଅଛି । କିନ୍ତୁ ଆଜି ମୁଁ ଶିଖିଲି ଯେ, ଏପରି ଶାନ୍ତିପ୍ରିୟ ଲୋକମାନେ ମଧ୍ୟ ଦୁନିଆରେ ଅଛନ୍ତି ଯେଉଁମାନଙ୍କୁ କଷ୍ଟ ଦିଆଯାଏ ଏବଂ ସେମାନଙ୍କୁ ଧାର୍ମିକ ସ୍ୱାଧୀନତା ପ୍ରାପ୍ତ ନାହିଁ । ଖଲିଫା ଆଫ୍ରିକାରେ ବାସ କରୁଥିବା ଲୋକମାନଙ୍କର ଏବଂ ବିଶେଷ କରି ଆଫ୍ରିକୀୟ ଶିଶୁମାନଙ୍କର ଯେଉଁ ପରିସ୍ଥିତି ବର୍ଣ୍ଣନା କଲେ ଏବଂ ଜମାଅତ୍ ଯେପରି ଭାବରେ ନିଃସ୍ୱାର୍ଥପର ଭାବରେ ସେବା କରୁଛି, ସେଥିରେ ମୋର ହୃଦୟ କାନ୍ଦି ଉଠିଲା। ଖଲିଫାଙ୍କ କଥା କହିବାର ଶୈଳୀ ବହୁତ ଭଲ ଅଟେ ଏବଂ ଆପଣଙ୍କ ଠାରୁ ଶାନ୍ତି ଓ ସୌହାର୍ଦ୍ଦ୍ୟର ରଶ୍ମି ଅନୁଭୂତ ହୋଇଥାଏ । ଆପଣଙ୍କ ଆଦେଶାଗୁଡ଼ିକ ଅତ୍ୟନ୍ତ ଗଭୀର ତାତ୍ପର୍ଯ୍ୟପୂର୍ଣ୍ଣ ଅଧିକାରୀ ଅଟନ୍ତି ।

କ୍ରିଷ୍ଟିନା ଶୁଷ୍ଟର୍ (Kristina Schuster) ନାମକ ଜଣେ ମହିଳା ଅତିଥି ଯାହାଙ୍କର ସମ୍ପର୍କ ସ୍ଥାନୀୟ କ୍ୟାଥୋଲିକ୍ ସମ୍ପ୍ରଦାୟ (catholic community) ସହିତ ଅଛି। ସେ କହିଲେ ଯେ, ଖଲିଫାଙ୍କ ଉଦବୋଧନରୁ ମୁଁ ବେଶ୍ ପ୍ରଭାବିତ ହୋଇଛି । ଖଲିଫା ଜଣେ ଧାର୍ମିକ ନେତା ହୋଇଥିବାରୁ ମୁଁ ଆଶା କରୁଥିଲି ଯେ, ସେ କେବଳ ନିଜର ଧର୍ମ ଏବଂ ଏହାର ଶିକ୍ଷା ଏବଂ ଏହାର ମହତ୍ତ୍ୱ ବିଷୟରେ କଥା କହିବେ । ଯଦି ଖଲିଫା ଏପରି କରନ୍ତେ ତେବେ ମଧ୍ୟ ଆପଣଙ୍କ କଥାଗୁଡ଼ିକ ମୋତେ ଭଲ ହିଁ ଲାଗିଥାଆନ୍ତା। କିନ୍ତୁ ମୋତେ ଏହି କଥାଟି ବହୁତ ପସନ୍ଦ ଆସିଲା (ଭଲ ଲାଗିଲା) ଯେ, ଆପଣ ସାଧାରଣ ପ୍ରସଙ୍ଗଗୁଡ଼ିକ ସମ୍ପର୍କରେ ଉପଦେଶାବଳୀ ପ୍ରଦାନ କଲେ ଯାହା ଆମ ସମସ୍ତଙ୍କ ସହିତ ଜଡ଼ିତ ଥିଲା । ଖଲିଫାଙ୍କ ଉଦବୋଧନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ମୋତେ ଏହା ଲାଗିଲା ଯେ, ଆମମାନଙ୍କୁ ଏକାଠି ଶାନ୍ତି ଏବଂ ପ୍ରେମ ଓ ଆନ୍ତରୀକତାର ସହିତ ରହିବା ଉଚିତ୍ ଏବଂ ଏହା ଇସ୍‌ଲାମ ଧର୍ମର ମୌଳିକ ଶିକ୍ଷା ଅଟେ । ଏହା ହେବା ଉଚିତ୍ ଥିଲା ଯେ, ଖ୍ରୀଷ୍ଟିଆନ୍ ଧର୍ମରେ ଏହି ପ୍ରସଙ୍ଗଗୁଡ଼ିକ ପ୍ରତି ଅଧିକ ଧ୍ୟାନ ଦିଆଯାଇଥାଆନ୍ତା । ଆଜି ଖଲିଫାଙ୍କ ଉଦବୋଧନରୁ ମୋତେ ପୁନର୍ବାର ଏହି ଜରୁରୀ ପ୍ରସଙ୍ଗଗୁଡ଼ିକ ସଂପର୍କରେ ମନେପକାଇ ଦିଆଯାଇଛି । ଖଲିଫାଙ୍କ ଅସ୍ତିତ୍ୱ ପାଇଁ ମୋ ହୃଦୟରେ ଏକ ସ୍ୱତନ୍ତ୍ର ସମ୍ମାନ ସୃଷ୍ଟି ହୋଇଛି । ଯେପରି ଆମ ପାଇଁ ପୋପ୍‌ଙ୍କୁ ଭେଟିବା ଏକ ବହୁତ ବଡ଼ ଗୌରବ ଓ ସମ୍ମାନର କଥା ଅଟେ । ସେହିପରି ନିଶ୍ଚିତ ଭାବରେ ଅହମଦିମାନଙ୍କ ପାଇଁ ମଧ୍ୟ ନିଜର ଖଲିଫାଙ୍କ ସହିତ ସାକ୍ଷାତ୍ କରିବା ଏକ ଗୌରବର କଥା ହେବ । କିନ୍ତୁ ମୋ ପାଇଁ ମଧ୍ୟ ଖଲିଫାଙ୍କ ସଭାରେ ସାମିଲ୍ ହେବା ଯେକୌଣସି ପ୍ରକାରେ ଏକ ବହୁତ ବଡ଼ ଗୌରବର କଥା ଅଟେ ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଗାବ୍ରିଏଲ୍ ରାଟାଜି ଶଟୋଲ୍ (Gabrielle Ratazzi Stoll) ନାମକ ଆଉ ଜଣେ ମହିଳା ଅତିଥି ଅଟନ୍ତି ଯିଏକି ଏକ କଲ୍ୟାଣକାରୀ ସଂସ୍ଥାର କର୍ମଚାରୀ ଅଟନ୍ତି । ସେ କହିଲେ ଯେସ ଖଲିଫାଙ୍କ ଉଦବୋଧନ ଏକ ଶାନ୍ତିର ଉଦବୋଧନ ଥିଲା । ମୋତେ ଆପଣଙ୍କ ଉଦବୋଧନରେ ଏହି କଥାଟି ବହୁତ ପସନ୍ଦ ଆସିଲା (ଭଲ ଲାଗିଲା) ଯେ, ଯଦି ସମ୍ମାନ ଏବଂ ପରସ୍ପରର ଯତ୍ନ ନେବା ଭଳି ମୌଳିକ ନୀତିଗୁଡ଼ିକ ପ୍ରତି ଧ୍ୟାନ ଦିଆଯାଏ, ତେବେ ଆମେ ସମସ୍ତେ ଶାନ୍ତି ଏବଂ ପ୍ରେମ ସହିତ, ପରସ୍ପର ସହିତ ବାସ କରିପାରିବା । ସେ ଯେକୌଣସି ରଙ୍ଗ, ବର୍ଣ୍ଣ ବା ଜାତିର ହୋଇଥାଆନ୍ତୁ ନା କାହିଁକି । ଖଲିଫା ଯାହାକିଛି ମୌଳିକ ନୀତି ବର୍ଣ୍ଣନା କରିଛନ୍ତି, ସେଗୁଡ଼ିକ ଉପରେ କାର୍ଯ୍ୟାନୁସରଣ କରିବା ଜରୁରୀ ଅଟେ । ଖଲିଫାଙ୍କ ଉଦବୋଧନରୁ ମୁଁ ଏହା ମଧ୍ୟ ଜାଣିବାକୁ ପାଇଲି ଯେ, ଅହମଦିୟତ୍ ସେହି ଇସ୍‌ଲାମ ନୁହେଁ ଯାହା ଟିଭି ଏବଂ ମିଡିଆରେ ଦେଖାଯାଇଥାଏ । ଖଲିଫାଙ୍କ କଥା କହିବାର ଶୈଳୀ ବହୁତ ଗଭୀର ଏବଂ ପ୍ରଜ୍ଞାପୂର୍ଣ୍ଣ ଅଟେ । କାରଣ ଖଲିଫାଙ୍କ ଅସ୍ତିତ୍ୱରେ ଶାନ୍ତି ଓ ସନ୍ତୁଷ୍ଟି ଅନୁଭବ ହୋଇଥାଏ ଏବଂ ଆପଣଙ୍କ ନିର୍ଦ୍ଦେଶାବଳୀଗୁଡ଼ିକ ଅତ୍ୟନ୍ତ ପ୍ରାମାଣିକ ବୋଲି ଜଣାପଡ଼େ । ମୁଁ ଉକ୍ତ କଥାରୁ ମଧ୍ୟ ବେଶ୍ ପ୍ରଭାବିତ ହୋଇଛି ଯେ, ଉପସ୍ଥିତ ଖଲିଫା ଏଠାକୁ ଆସି କେବଳ ଇସ୍‌ଲାମ୍ ଧର୍ମର ପ୍ରଚାର (propaganda) କରି ନାହାନ୍ତି ବରଂ ଏପରି ପ୍ରସଙ୍ଗଗୁଡ଼ିକ ସମ୍ପର୍କରେ ଉଦବୋଧନ ଦେଇଛନ୍ତି ଯାହାର ସମ୍ପର୍କ ସମସ୍ତଙ୍କ ସହିତ ଅଛି ଏବଂ ସମସ୍ତଙ୍କ ପାଇଁ ଜରୁରୀ ଅଟେ । ଯେଉଁ କାରଣରୁ ଆପଣଙ୍କ ଉଦବୋଧନ ଶୁଣିବାରେ ବହୁତ ଆନନ୍ଦ ମିଳିଲା ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଆନ୍ଦ୍ରିଆସ୍ ଲିଙ୍କେ (Andreas Linke) ନାମନକ ଜଣେ ଅତିଥି ଥିଲେ । ଯିଏକି ମସଜିଦର ସେହି ପଡ଼ୋଶୀମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ସେ ଆରମ୍ଭରେ ମସଜିଦର ବିରୋଧୀ ଥିଲେ । କିନ୍ତୁ ପରେ ଜମାଅତର ବନ୍ଧୁ ପାଲଟିଗଲେ । ସେ କହିଲେ ଯେ, ମୋ ପାଇଁ ପ୍ରକୃତ ସମସ୍ୟା ଏହା ସୃଷ୍ଟି ହୋଇଥିଲା ଯେ, ସହରୀ ପ୍ରଶାସନ ମୋତେ ସତ ଏବଂ ସିଧା କଥା କହି ନଥିଲା । ଉଦାହରଣ ସ୍ୱରୂପ ମୋତେ ଏହା କୁହାଯାଇ ନଥିଲା ଯେ ଯେଉଁ ସମ୍ପତ୍ତି (property) ମୁଁ କିଣିବାକୁ ଯାଉଥିଲି, ତାହାର ପାଖ ପ୍ଲଟ୍‌ରେ ଏକ ମସଜିଦ ନିର୍ମାଣ ହେବାକୁ ଯାଉଛି, ଯାହାକି ଆମ ସମାଜରେ କୌଣସି ସାଧାରଣ କଥା ନୁହେଁ । ପୁଣି ମୋ ପ୍ଲଟ୍ ସହିତ ଏକ ଛୋଟ ଅଂଶ ଥିଲା ଯାହାକୁ ମୁଁ କିଣିବାକୁ ଚାହୁଁଥିଲି, ଯାହାକୁ କିଣିବାକୁ ସହରୀ ପ୍ରଶାସନ ମୋତେ ବାରଣ କରିଥିଲା । କିନ୍ତୁ ପରେ ଜମାଅତକୁ ମସଜିଦର ପାର୍କିଂ ପାଇଁ ଦେଇଦେଲା । ଏହି କାରଣରୁ ମୋତେ ଅନ୍ୟାୟ ଅନୁଭବ ହେଲା ଏବଂ ମୋତେ ରାଗ ମଧ୍ୟ ଲାଗିଲା। ଅନ୍ୟଥା ମୋର ସମ୍ବନ୍ଧ ଜମାଅତର ସଦର ୱାର୍କ ସାହେବ ଅ.ସଙ୍କ ସହିତ ମଧ୍ୟ ଭଲ ଏବଂ ସମ୍ମାନଜନକ ଅଟେ । ମୁଁ ବିଶ୍ୱାସ କରେ ଯେ ଖଲିଫାଙ୍କ ଉଦବୋଧନ ଅତ୍ୟୁତ୍ତମ ଥିଲା । କାରଣ ଜର୍ମାନୀରେ ଇସ୍‌ଲାମ୍ ଧର୍ମର ପ୍ରତିଛବି ବହୁତ ଖରାପ ଅଟେ ଏବଂ ଖଲିଫା ଆମକୁ ଜଣାଇଲେ ଯେ, ଇସ୍‌ଲାମ୍ ଧର୍ମର ପ୍ରକୃତ ପ୍ରତିଛବି କ'ଣ ଅଟେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଖଲିଫାଙ୍କ ଉଦବୋଧନର ଏହା ଥିଲା ଯେ, ଆମକୁ ପରସ୍ପର

ସହିତ ଭଲ ସମ୍ପରକ୍ ରଖିବା ଉଚିତ୍ ଏବଂ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ପରସ୍ପର ସହିତ ଯୋଗାଯୋଗ ମଧ୍ୟ ରଖିବା ଉଚିତ୍ ଏବଂ ପରସ୍ପରର ସମ୍ମାନ ମଧ୍ୟ କରିବା ଉଚିତ୍ ।

ହୁଜୁର୍ ଅନୱର୍ ଅ.ବ କହିଲେ, ନର୍ବର୍ଟ ଗ୍ରେଉଲିଚ୍ (Norbert Greulich) ନାମକ ଜଣେ ଅତିଥି ଅଟନ୍ତି । ତାଙ୍କର ସମ୍ପର୍କ ପ୍ରୋଟେଷ୍ଟାଣ୍ଟ ଚର୍ଚ୍ଚ (protestant church) ସହିତ ଅଛି । ଅବସର (retirement) ପରେ ସେ ବର୍ତ୍ତମାନ କେବଳ ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟ ସ୍ୱେଚ୍ଛାକୃତ ଭାବରେ କରୁଛନ୍ତି । ସେ କହିଲେ ଯେ, ମୋତେ ବହୁତ ଭଲ ଲାଗିଲା ଯେ, ଖଲିଫା ନିଜର ଉଦବୋଧନ ଅତ୍ୟନ୍ତ ଶାନ୍ତ ଏବଂ ଧୈର୍ଯ୍ୟର ସହିତ ଦେଲେ ଓ ନିଜର ଉଦବୋଧନକୁ ସ୍ଥାନୀୟ ପରିସ୍ଥିତି ଅନୁଯାୟୀ ପ୍ରଦାନ କଲେ। ଗୋଟିଏ କଥା ମୋତେ ବହୁତ ଭଲ ଲାଗିଲା ଯେ, ଉପସ୍ଥିତ ଖଲିଫା ବହୁତ ସରଳ ଢଙ୍ଗରେ ଅତ୍ୟନ୍ତ ଜରୁରୀ ପ୍ରସଙ୍ଗଗୁଡ଼ିକ ସମ୍ପର୍କରେ ଉଦବୋଧନ ଦେଲେ। ଖଲିଫାଙ୍କ ଉଦବୋଧନର ମୁଁ ତ କେବଳ ଅନୁବାଦ ହିଁ ଶୁଣିଛି କିନ୍ତୁ ତତସହିତ ମୁଁ ଖଲିଫାଙ୍କ ସ୍ୱର ମଧ୍ୟ ଶୁଣିଛି ଯାହାକି ବହୁତ ଶାନ୍ତି ପ୍ରଦାନକାରୀ ଅଟେ । ମୋତେ ଉକ୍ତ କଥାଟି ମଧ୍ୟ ବହୁତ ଭଲ ଲାଗିଲା ଯେ, ଉପସ୍ଥିତ ଖଲିଫା ବିଶେଷ ଭାବରେ ପରସ୍ପର ମଧ୍ୟରେ ମଧ୍ୟରେ ସମ୍ପର୍କ ରଖିବାର ଗୁରୁତ୍ୱ ପ୍ରତି ଧ୍ୟାନ ଆକର୍ଷଣ କରିଛନ୍ତି । ମୋ ପାଇଁ ଇସ୍‌ଲାମ୍ ଧର୍ମ ଅହମଦିୟତ୍ ସମ୍ପର୍କରେ କୌଣସି କଥା ନୂଆ ନଥିଲା କାରଣ ମୁଁ ଜମାଅତ୍ ଅହମଦିୟାକୁ ଦୀର୍ଘ ସମୟରୁ ଜାଣିଛି ଏବଂ ମୋତେ ଜଣାଅଛି ଯେ, ଜମାଅତ୍ ଅହମଦିୟା ଯାହା କହେ, ତାହା ବ୍ୟାବହାରିକ ଭାବରେ କରିକି ମଧ୍ୟ ଦେଖାଇଥାଏ ।

ୱାଲ୍ଟର୍ ହୋର୍ଟସ୍ (Walter Horz) ନାମକ ଜଣେ ଅତିଥି, ଯେକି ସ୍ଥାନୀୟ ଯୋଜନା ବିଭାଗ (planning department) ସହିତ ସମ୍ପର୍କ ରଖନ୍ତି । ସେ କହିଲେ ଯେ, ମୁଁ କୌଣସି ବିଶେଷ ଚିନ୍ତା ବା ଆଶା ସହିତ ଏଠାକୁ ଆସି ନଥିଲି । କିନ୍ତୁ ମୁଁ ଆଶ୍ଚର୍ଯ୍ୟ ହୋଇଯାଇଛି ଯେ, ଏହା କିପରି ଏକ ମହାନ ସଭା ଥିଲା ଏବଂ କେତେ ମହାନ କଥାଗୁଡ଼ିକ ଏଠାରେ ହେଲା ଏବଂ ଆତିଥ୍ୟତା (ମେହମାନ ନୱାଜୀ) କେତେ ଭଲ ଥିଲା । ମୁଁ ଆଖପାଖ ଗାଁର ଅଟେ ଏବଂ ମୋର ଇଚ୍ଛା ଅଛି ଯେ, ଆପଣ ଆମ ପାଖକୁ ମଧ୍ୟ ଆସନ୍ତୁ । ମୋତେ ଉକ୍ତ କଥାଟି ମଧ୍ୟ ବହୁତ ଭଲ ଲାଗିଲା ଯେ, ଖଲିଫା ଉଦବୋଧନ ପୂର୍ବରୁ ପ୍ରସ୍ତୁତ କରି ନଥିଲେ ଯାହାକୁ ସେ କେବଳ ପଢି ଶୁଣାଇଦେଲେ ବରଂ ସ୍ଥାନୀୟ ପରିସ୍ଥିତି ଏବଂ ଆବଶ୍ୟକତା ସମ୍ପର୍କରେ ଉଦବୋଧନ ପ୍ରଦାନ କରିଦେଲେ ଏବଂ ନିଜ ପୂର୍ବ ବକ୍ତାମାନଙ୍କର ଉଦବୋଧନକୁ ମଧ୍ୟ ନିଜ ନିର୍ଦ୍ଦେଶରେ ସାମିଲ କଲେ। କିନ୍ତୁ ଏହାଠାରୁ ମଧ୍ୟ ଅଧିକ ମୋତେ ଉକ୍ତ କଥାଟି ଭଲ ଲାଗିଲା ଯେ, ଖଲିଫା ଯାହାକିଛି ବୁଝାଇଲେ, ତାହା ଉତ୍ତେଜନାଶୂନ୍ୟ ହୋଇ ଅତ୍ୟନ୍ତ ଧୈର୍ଯ୍ୟ ଏବଂ ସୁସଜ୍ଜିତ ଢଙ୍ଗରେ ଓ ଅତ୍ୟନ୍ତ ଉତ୍ତମ ଭାବରେ ବର୍ଣ୍ଣନା କଲେ । ମୁଁ ଉକ୍ତ କଥାରୁ ମଧ୍ୟ ପ୍ରଭାବିତ ହୋଇଛି ଯେ, ଖଲିଫାଙ୍କ ଆଗମନ ମଧ୍ୟ ଅତ୍ୟନ୍ତ ଶାନ୍ତ ଏବଂ ବିନମ୍ର ଭାବରେ ହେଲା ଏବଂ କୌଣସି ଆଡ଼ମ୍ବରପୂର୍ଣ୍ଣ ଏବଂ ଉତ୍ସାହୀ ଶୈଳୀ ଅବଲମ୍ବନ କରାଯାଇ ନଥିଲା । ଖଲିଫା ନିଜର କଥାଗୁଡ଼ିକୁ ଶାନ୍ତ ଭାବରେ, ଧୈର୍ଯ୍ୟର ସହିତ ଏବଂ ନିରପେକ୍ଷ ହୋଇ ବର୍ଣ୍ଣନା କରିଛନ୍ତି। କିନ୍ତୁ ଏହାର ପ୍ରଭାବ ବହୁତ ଗଭୀର ଅଟେ। ମୁଁ ପୁଣିଥରେ କହୁଛି ଯେ, ଖଲିଫାଙ୍କ ଅସ୍ତିତ୍ୱ ଅତ୍ୟନ୍ତ ସମ୍ମାନ ଏବଂ ସହିଷ୍ଣୁତାପୂର୍ଣ୍ଣ ଅଟେ ।

ହୁଜୁର୍ ଅନୱର୍ ଅ.ବ କହିଲେ, ଗୋର୍କମେନ୍ ଅବ୍‌ସାର୍‌ସଲାନ୍ (Gorkmen Absarsalan) ନାମକ ଜଣେ ଅତିଥି, ଯିଏକି ହାନାଉ (Hanau) ରୁ ଆସିଥିଲେ, ସେ କହିଲେ, ଯେ ମୁଁ ଖଲିଫାଙ୍କୁ ଭେଟିବା ପୂର୍ବରୁ ବହୁତ ସ୍ନାୟବିକ (nervous) ଥିଲି ଏବଂ ଯେତେବେଳେ ମୁଁ ଆପଣଙ୍କୁ ପ୍ରତ୍ୟକ୍ଷ ଭାବରେ ଦେଖିଲି ସେତେବେଳେ ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଖଲିଫାଙ୍କ ଉଦବୋଧନ ମୋ ପାଇଁ ବହୁତ ପ୍ରଭାବଶାଳୀ ଥିଲା ଏବଂ ସମ୍ପୂର୍ଣ୍ଣ ସଠିକ୍ ଥିଲା ଏବଂ ବହୁତ ଜରୁରୀ ଥିଲା । କାରଣ ଯେଉଁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶଗୁଡ଼ିକୁ ଉପସ୍ଥିତ ଖଲିଫା ପ୍ରଦାନ କଲେ, ତାହା ଆମେ ବେଳେବେଳେ ଭୁଲି ଯାଇଥାଉ । ଯେତେବେଳେ ତାଙ୍କୁ ପଚରାଗଲା ଯେ ହୁଜୁର୍‌ଙ୍କ ଉଦବୋଧନର କେଉଁ ଅଂଶଟି ତାଙ୍କୁ ସବୁଠାରୁ ଅଧିକ ପସନ୍ଦ ଆସିଛି ? ତେବେ ସେ ଉତ୍ତର ଦେଲେ ଯେ, ମୋତେ ସମସ୍ତ ଉଦବୋଧନ ବହୁତ ଭଲ ଲାଗିଲା । ଗୋଟିଏ ବି ଏପରି କଥା ନାହିଁ ଯାହା ମୋତେ କମ୍ ପସନ୍ଦ ଆସିଛି । ହୁଜୁର୍ ଅନୱର୍ ଅ.ବ କହିଲେ, ଆଷ୍ଟ୍ରିଡ୍ ବର୍ଗମ୍ୟାନ୍ (Astrid Bergman) ନାମକ ଜଣେ ମହିଳା ଅତିଥି ଯିଏକି ଆଗାମୀ ପ୍ରାଦେଶିକ ନିର୍ବାଚନରେ ପ୍ରାର୍ଥୀ ଅଟନ୍ତି, ସେ କହିଲେ, 'ଜଣେ ମହିଳା ହେବା ଦୃଷ୍ଟିରୁ ମୋତେ ଖଲିଫାଙ୍କ ଉଦବୋଧନରେ ସବୁଠାରୁ ଭଲ ମହିଳାମାନଙ୍କ ଅଧିକାର ସମ୍ପର୍କିତ କଥାଟି ଲାଗିଲା । ଏଥିରୁ ମୁଁ ବେଶ୍ ପ୍ରଭାବିତ ହୋଇଛି । ମୁଁ ଏହା ସ୍ୱୀକାର କରିବାକୁ ବାଧ୍ୟ ଯେ, ଖଲିଫାଙ୍କ ଅସ୍ତିତ୍ୱ ଅତ୍ୟନ୍ତ ଶାନ୍ତପୂର୍ଣ୍ଣ ବୋଲି ଜଣାପଡ଼େ । ଖଲିଫାଙ୍କ ବ୍ୟକ୍ତିତ୍ୱ ଅତ୍ୟନ୍ତ ସୁନ୍ଦର ଅଟେ । ଧନ୍ୟବାଦ ଯେ, ଆମକୁ କେବଳ ଖଲିଫାଙ୍କ ଉଦବୋଧନର ଅନୁବାଦ ନୁହେଁ ବରଂ ଆପଣଙ୍କ ସ୍ୱର ମଧ୍ୟ ଶୁଣିବାର ସୁଯୋଗ ମିଳିଲା । କାରଣ ଆପଣଙ୍କ ସ୍ୱର ମଧ୍ୟ ଖୁବ୍ ସୁନ୍ଦର ଅଟେ । ହୁଜୁର୍ ଅନୱର୍ ଅ.ବ କହିଲେ, ଜାବିନେ (Sabine F) ନାମକ ଜଣେ ମହିଳା ଅତିଥି, ଯିଏକି ଜଣେ ସାମାଜିକ କର୍ମୀ (social worker) ଅଟନ୍ତି । ସେ ନିଜର ଅନୁଭୂତି ପ୍ରକାଶ କରିବାକୁ ଯାଇ ଅଧିକାଂଶ ସମୟ କାର୍ଯ୍ୟକ୍ରମ ଏବଂ ଜମାଅତର ମଟୋ (ଆଦର୍ଶ ଉକ୍ତି) 'ପ୍ରେମ ସମସ୍ତଙ୍କ ପାଇଁ, ଘୃଣା କାହା ପାଇଁ ନୁହେଁ' (Love for all hatred for none) ର ପ୍ରଶଂସା କଲେ । କିନ୍ତୁ ଯେତେବେଳେ ତାଙ୍କୁ ପଚରାଗଲା ଯେ, କାର୍ଯ୍ୟକ୍ରମର ସବୁଠାରୁ ଭଲ ଜିନିଷ ତାଙ୍କୁ କ'ଣ ଲାଗିଲା ? ସେତେବେଳେ ସେ ଉତ୍ତର ଦେଲେ ଯେ, ଏହି ସମସ୍ତ କାର୍ଯ୍ୟକ୍ରମର ସବୁଠାରୁ ଭଲ ଜିନିଷ ତାଙ୍କୁ ଖଲିଫାଙ୍କ ଅସ୍ତିତ୍ୱ ଲାଗିଲା । କାରଣ ସେଥିରେ ଏକ ବିଶେଷ ଆକର୍ଷଣ ରହିଛି ଏବଂ ଆପଣ ଜଣେ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଅଟନ୍ତି ।

ହୁଜୁର୍ ଅନୱର୍ ଅ.ବ କହିଲେ, ଲୁସିଆ ୱୋର୍ନର୍ (Lucia Worner) ନାମକ ଜଣେ ମହିଳା ଅତିଥି ଯିଏ କି ଏକ ବ୍ୟାଙ୍କରେ କାମ କରନ୍ତି ଏବଂ ପାଖଆଖ ଏକ ଗାଁରେ ସିଡିୟୁ (CDU) ପାର୍ଟିର ପ୍ରତିନିଧି ଅଟନ୍ତି । ସେ କହିଲେ ଯେ, ସେ ବହୁତ ଖୁସି ଅଛନ୍ତି ଯେ, ତାଙ୍କୁ ଏହି ସଭାରେ ଆମନ୍ତ୍ରିତ କରାଯାଇଛି ଏବଂ ତାଙ୍କର କଳ୍ପନାରେ ମଧ୍ୟ ନଥିଲା ଯେ ଏହି ସଭାଟି କେତେ ମହାନ୍ ଓ ଭବ୍ୟପୂର୍ଣ୍ଣ ହେବ । ଖଲିଫାଙ୍କ ଉଦବୋଧନରୁ ମୋତେ ଜାଣିବାକୁ ମିଳିଲା ଯେ ଆମର ପରସ୍ପର ମଧ୍ୟରେ ସାଧାରଣ (ସମାନ) ଜିନିଷଗୁଡ଼ିକ ବହୁତ ଅଧିକ ଅଛି । ଖଲିଫାଙ୍କ ଉଦବୋଧନ ଭଲ ଲାଗିଲା । ମୋ ପାଇଁ ଇସ୍‌ଲାମ ଧର୍ମରେ ମହିଳାମାନଙ୍କ ଅଧିକାର ସମ୍ପର୍କରେ ଯେଉଁ ଶିକ୍ଷା ରହିଛି, ତାହା ଏଇଥିପାଇଁ ନୂଆ ନଥିଲା। କାରଣ ମୁଁ ଯେଉଁ ବ୍ୟାଙ୍କରେ କାମ କରେ ସେଠାରେ ମୁସଲମାନ ମହିଳାମାନେ ମଧ୍ୟ ଅଛନ୍ତି ଏବଂ ସେମାନଙ୍କ ଜରିଆରେ ଇସ୍‌ଲାମ୍ ଧର୍ମର ମହିଳାମାନଙ୍କ ସମ୍ପର୍କରେ ଶିକ୍ଷାର ସତ୍ୟତା ଜାଣିବାକୁ ମିଳି ଆସୁଛି । ତାଙ୍କର ସ୍ୱାମୀ ମଧ୍ୟ ତାଙ୍କ ସହିତ ଥିଲେ । ସେ କହିଲେ ଯେ ଖଲିଫାଙ୍କ ଉଦବୋଧନ ଏପରି ଥିଲା ଯାହା ସାଧାରଣତଃ ଜର୍ମାନୀରେ ଶୁଣିବାକୁ ମିଳେ ନାହିଁ କିନ୍ତୁ ଏହା ଏକ ବହୁତ ମହାନ ଉଦବୋଧନ ଥିଲା କାରଣ ଏହାଦ୍ୱାରା ଏହା ସ୍ପଷ୍ଟ ହୋଇଛି ଯେ ଆମ ମନୁଷ୍ୟମାନଙ୍କ ଭିତରେ ବହୁତ ସମାନ ଜିନିଷ ଅଛି ଯାହା ଉପରେ ଧ୍ୟାନ ଦେବା ଦ୍ୱାରା ଆମେ ଶାନ୍ତିକୁ ଉତ୍ତମ ରୂପରେ ପ୍ରତିଷ୍ଠିତ କରିପାରିବା । ☆☆☆



ସାପ୍ତାହିକ ବଦରର ସହାୟତା ପାଇଁ ପାଠକବୃନ୍ଦ ଦୟାକରି ଧ୍ୟାନ ଦିଅନ୍ତୁ ।

ସାପ୍ତାହିକ ବଦରକୁ ଏହି ଗୌରବ ପ୍ରାପ୍ତ ହୋଇଛି ଯେ, ଏହି ସମ୍ବାଦପତ୍ର ସମ୍ପୂର୍ଣ୍ଣ ରୂପେ ହ. ମୁହମ୍ମଦ ସ.ଅଙ୍କ ପ୍ରକୃତ ସେବକ ଯୁଗାବତାର ପୁଣ୍ୟଶ୍ଲୋକ ହ୍. ମସିହ ମଉଦ୍ ଅ.ସଙ୍କ ପବିତ୍ର ଛାତ୍ର ଛାୟା ତଳେ ଗଢ଼ି ଉଠିଛି । ଆରମ୍ଭରୁ ଆଜି ପର୍ଯ୍ୟନ୍ତ ପ୍ରଥମେ ନବୁୱତ୍ (ଅବତାରତ୍ୱ) ଏବଂ ପରେ ଖିଲାଫତ୍ ଅଲା ମିନ୍‌ହାଜେ ନବୁୱତ୍ (ଅବତାରତ୍ୱ ପଛାନୁଯାୟୀ ସ୍ଥାପିତ ଖିଲାଫତ୍)ଙ୍କ ନେତୃତ୍ୱରେ ଏହି ସମ୍ବାଦପତ୍ର ପ୍ରଚାରିକ, ସାଂସ୍କାରିକ ଓ ଶିକ୍ଷାଦାନର ଏକ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ ନିଷ୍ଠାର ସହକାରେ ସମ୍ପଦାନ କରି ଆସୁଛି। ଉକ୍ତ ସମ୍ବାଦପତ୍ର ମାଧ୍ୟମରେ ଅନେକ ପବିତ୍ରାତ୍ମାମାନେ ଅହମଦିୟା ସମ୍ପ୍ରଦାୟରେ ସାମିଲ୍ ହୋଇଛନ୍ତି । ଉକ୍ତ ସମ୍ବାଦପତ୍ର ଜରିଆରେ ଖିଲାଫତେ ଅହମଦିୟାଙ୍କ ନିର୍ଦ୍ଦେଶକ୍ରମେ ଅହମଦି ପରିବାରଗୁଡ଼ିକର ଆଧ୍ୟାତ୍ମିକ ସଂସ୍କାର ହେଉଅଛି ଏବଂ ଆଗକୁ ମଧ୍ୟ **ଇନ୍‌ଶାଅଲ୍ଲାଃ** (ଈଶ୍ୱର ଚାହିଁଲେ) ସଂସ୍କାର ହେଉଥିବ ।

ସମ୍ବାଦପତ୍ରର ପ୍ରସ୍ତୁତି, ପ୍ରକାଶନ, ପ୍ୟାକିଂ ଏବଂ ପଠାଇବାରେ ବିପୁଳ ଅର୍ଥ ଖର୍ଚ୍ଚ ହୋଇଥାଏ । କେବଳ ସାଧାରଣ ଗ୍ରାହକ ଶୁଳ୍କରୁ ଏହି ସବୁ ଖର୍ଚ୍ଚ ଭରଣା ଓ ପୂରଣ କରିବା ସମ୍ଭବପର ନୁହେଁ । ତେଣୁ ଏଥିପାଇଁ ବିଶେଷ ସାହଯ୍ୟ ଓ ସହଯୋଗୀମାନଙ୍କର ଯଥେଷ୍ଟ ଆବଶ୍ୟକତା ରହିଛି । ଅତଏବ୍ ଯେଉଁମାନେ ଯୁଗାବତାର ହ. ମସିହ୍ ମଉଦ୍ ଅ.ସଙ୍କର ଏହି ସମ୍ବାଦପତ୍ରର ଖର୍ଚ୍ଚ ବହନ କରିବାକୁ ଆଗେଇ ଆସିବେ । ଏହି ସମ୍ବାଦପତ୍ରକୁ ସହାୟତା କରୁଥିବା ଲୋକମାନଙ୍କୁ ଈଶ୍ୱର କେବେ ହେଲେ ନିରାଶ କରିବେ ନାହିଁ । କାରଣ ଈଶ୍ୱରଙ୍କ ପ୍ରତିଶ୍ରୁତି ରହିଛି ଯେ, "انی معین من اراد اعانتک" (ଅର୍ଥାତ୍: "ଯିଏ ତୁମକୁ ସାହାଯ୍ୟ କରିବାକୁ ଚାହିଁବ, ମୁଁ ତାକୁ ସାହାଯ୍ୟ କରିବି")। ସାହଯ୍ୟକାରୀଙ୍କର ସମସ୍ତ ବିଷୟର ରକ୍ଷାକର୍ତ୍ତା ଈଶ୍ୱର ନିଜେ ହେବେ ଏବଂ ନିଜ ପ୍ରତିଶ୍ରୁତି ଅନୁଯାୟୀ ସେମାନଙ୍କର ବାଣିଜ୍ୟ ବ୍ୟବସାୟ, ଚାକିରି, ବଗିଚା, ଫସଲ ଏବଂ ସମ୍ପତ୍ତିରେ ବହୁ ଗୁଣା ବୃଦ୍ଧି କରିବେ ଓ ଅଜସ୍ର କଲ୍ୟାଣ ପ୍ରଦାନ କରିବେ । **ଇନ୍‌ଶାଆଲ୍ଲାଃ** । ଯେକୌଣସି ପ୍ରକାରର ମାର୍ଗଦର୍ଶନ ପାଇଁ ସାପ୍ତାହିକ ବଦରର ମ୍ୟାନେଜର କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ । ଯୋଗାଯୋଗ ସଂଖ୍ୟା-: **9815639670**

ଅଲ୍ଲାଃତାଲାଙ୍କ ବାଣୀ

"ୱମା ଅର୍‌ସଲ୍‌ନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan, Jamat Ahmadiya Karadapalli (Odisha)

ଅଲ୍ଲାଃତାଲାଙ୍କ ବାଣୀ

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Bhadrak (Odisha)

Editor : Qamarul Haque Khan
Sub- Editor : Sayed Ataul Wahab
Mob : (+91) 8437782443
akhbaarbadarodiaqdn@gmail.com
www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No. GDP- 40/2026-2028 Vol. 11 Thursday- 12 Nov 2026 Issue No. 46
ANNUAL SUBSCRIPTION: 600/- (PER ISSUE: 12/-) (WEIGHT: 20-50 gms/issue)

Act. MANAGER
ATHAR AHMAD SHAMIM
Mobile. : +91 9815639670
e-mail : managerbadrqnd@gmail.com
www.alislam.org/badr

ଗତ ସଂଖ୍ୟାର ପ୍ରକାଶିତ ସିରତ୍ ଖାତମୁନ୍ ନବୀୟୀନ୍ସ.ଅର ଅବିଶିଷ୍ଟାଂଶ

ଏହିପରି ଘଟଣାଗୁଡ଼ିକରୁ ମକ୍କାବାସୀଙ୍କ ମଧ୍ୟରେ ଆପଣ ସ.ଅଙ୍କ ନାମ 'ଅମୀନ୍' (ବିଶ୍ୱସ୍ତ) ବୋଲି ବିଖ୍ୟାତ ହୋଇଯାଇଥିଲା । ଆପଣ ସ.ଅଙ୍କ ବିଶ୍ୱସ୍ତତା ଓ ଅମାନତଦାରୀ (ବିଶ୍ୱାସଯୋଗ୍ୟତା) କାରଣରୁ ସମସ୍ତେ ଆପଣ ସ.ଅଙ୍କୁ ବହୁତ ସମ୍ମାନ ଜଣାଉଥିଲେ ଏବଂ ଆପଣ ସ.ଅଙ୍କୁ ଅତ୍ୟନ୍ତ ସତ୍ୟବାଦୀ ଓ ସାଦିକୁଲ୍ କୌଲ୍ (ସତ୍ୟବାଦୀ) ବୋଲି ବିଶ୍ୱାସ କରୁଥିଲେ ।

ବାଣିଜ୍ୟିକ କାରବାରର ଶୁଭାରମ୍ଭ ଏହିପରି ହେଲା ଯେ, ଯେତେବେଳେ ହ. ମୁହମ୍ମଦ ସ.ଅଙ୍କ ବୟସ ପଚିଶ ବର୍ଷ ପାଖାପାଖି ହେଲା, ସେତେବେଳେ ହ. ଖଦିଜା ର.ଅ ବିନ୍ତେ ଖୁୱୈଲେଦ୍, ଯେକି ବନୁ ଅସଦ୍ ଗୋଷ୍ଠୀର ଜଣେ ଅତ୍ୟନ୍ତ ସମ୍ମାନିତା ଏବଂ ଧନୀ ମହିଳା ଥିଲେ ଏବଂ ମକ୍କାର ବ୍ୟବସାୟରେ ତାଙ୍କର ଏକ ବଡ଼ ଭାଗ ଥିଲା, ସେ ଆପଣ ସ.ଅଙ୍କୁ ବ୍ୟବସାୟିକ ଦ୍ରବ୍ୟ ଦେଇ ସିରୀଆ ଆଡ଼କୁ ବ୍ୟବସାୟର ଉଦ୍ଦେଶ୍ୟରେ ପଠାଇଲେ ଏବଂ ନିଜର ଦାସ (ଗୁଲାମ୍) ମୈସରାକୁ ଆପଣ ସ.ଅଙ୍କ ସହିତ ପଠାଇଦେଲେ । ଏହି ଯାତ୍ରାରେ ଆପଣ ସ.ଅଙ୍କ ପରିଶ୍ରମ, କଲ୍ୟାଣ ଏବଂ ବିଶ୍ୱସ୍ତତା ବଳରେ ଅଲ୍ଲାଃତାଲାଙ୍କ ଅନୁଗ୍ରହରୁ ବହୁତ ଲାଭ ପ୍ରାପ୍ତ ହେଲା ଏବଂ ଆପଣ ସ.ଅ ଅତ୍ୟନ୍ତ ସଫଳ ହୋଇ ଫେରିଲେ । ଏହିପରି ଆପଣ ସ.ଅ ଦୁଇ ତିନୋଟି ବ୍ୟବସାୟିକ ଯାତ୍ରା ଅନ୍ୟାନ୍ୟ ଅଞ୍ଚଳକୁ ମଧ୍ୟ କରିଥିଲେ ।

ହ. ଖଦୀଜା ର.ଅଙ୍କ ସହିତ ଆଁହ. ସ.ଅଙ୍କ ବିବାହ: ହ. ଖଦୀଜା ର.ଅ ଜଣେ ବିଧବା ଏବଂ ସନ୍ତାନବତୀ ମହିଳା ଥିଲେ ଏବଂ ଜଣକ ପରେ ଜଣେ ଦୁଇଜଣ ସ୍ୱାମୀଙ୍କୁ ବିବାହ କରିଥିଲେ । କିନ୍ତୁ ଉଭୟେ ମୃତ୍ୟୁବରଣ କରିଥିଲେ । ଯେହେତୁ ସେ ଅତ୍ୟନ୍ତ ସମ୍ମାନିତା, ଧନୀ ଏବଂ କୁଳୀନ ପରିବାରର ମହିଳାଟିଏ ଥିଲେ । ଏପରିକି ତାଙ୍କର କୁଳୀନତା କାରଣରୁ ତାଙ୍କର ନାମ 'ତାହିରା' ବୋଲି ପ୍ରସିଦ୍ଧ ହୋଇ ଯାଇଥିଲା । ସେଇଥିପାଇଁ ମକ୍କାର ଅନେକ ଲୋକ ତାଙ୍କୁ ବିବାହର ପ୍ରସ୍ତାବ (ପୈଗାମ୍) ମଧ୍ୟ ପଠାଇଥିଲେ । କିନ୍ତୁ ସେ ସମସ୍ତଙ୍କୁ ମନା କରିଦେଲେ । ବର୍ତ୍ତମାନ ଯେତେବେଳେ ହ. ମୁହମ୍ମଦ ସ.ଅଙ୍କ ସହିତ ତାଙ୍କର କାରବାର ହେଲା ଏବଂ ସେ ଆପଣ ସ.ଅଙ୍କର ଉଚ୍ଚ ଆଚରଣ (ଅଖ୍‌ଲାକେ ଫାଜିଲା) ଏବଂ ଯୋଗ୍ୟତାକୁ ଦେଖିଲେ ଏବଂ ନିଜର ସେବକ ମୈସରାକୁ ମଧ୍ୟ ଆପଣ ସ.ଅଙ୍କ ପ୍ରଶଂସାରେ ପଞ୍ଚମୁଖ ପାଇଲେ । ତେଣୁ ସେ ନିଜେ ଆପଣ ସ.ଅଙ୍କୁ ବିବାହର ପ୍ରସ୍ତାବ ପଠାଇଲେ । ହ. ମୁହମ୍ମଦ ସ.ଅ ଅବୁ ତାଲିବଙ୍କ ପରାମର୍ଶ ପରେ ତାହା (ପ୍ରସ୍ତାବ) ଗ୍ରହଣ କରିନେଲେ । ତେଣୁ ଆପଣ ସ.ଅଙ୍କ ଆତ୍ମୀୟମାନେ ଏବଂ ଖଦୀଜା ର.ଅଙ୍କ ନିକଟ ସଂପର୍କୀୟମାନେ ଏକତ୍ରିତ ହେଲେ ଏବଂ ଅବୁ ତାଲିବ୍ ପାଞ୍ଚ ଶହ ଦିରହମ୍ ମେହରରେ ହ. ଖଦୀଜା ର.ଅଙ୍କ ସହିତ ହ. ମୁହମ୍ମଦ ସ.ଅଙ୍କର ନିକାହ ପାଠ କରାଇଲେ । ଏହି ସମୟରେ ହ. ମୁହମ୍ମଦ ସ.ଅଙ୍କ ବୟସ ପଚିଶ ବର୍ଷ ଥିଲା ଏବଂ ହ. ଖଦୀଜା ର.ଅଙ୍କ ବୟସ ଚାଳିଶ ବର୍ଷ ଥିଲା । ଅର୍ଥାତ୍ ହ. ଖଦୀଜା ର.ଅ ହ. ମୁହମ୍ମଦ ସ.ଅଙ୍କ ଠାରୁ ପନ୍ଦର ବର୍ଷ ବଡ଼ ଥିଲେ । ଏହି ନିକାହ୍ (ବିବାହ) ସମୟରେ ହ. ଖଦୀଜା ର.ଅ ଙ୍କ ପିତା ଖୁୱୈଲଦ୍ ବିନ୍ ଅସଦ୍ ମୃତ୍ୟୁବରଣ କରି ସାରିଥିଲେ । ସେଇଥି ପାଇଁ ହ. ଖଦୀଜା ର.ଅଙ୍କ ପକ୍ଷରୁ ତାଙ୍କର କକା (ଚାଚା) ଅମ୍ର ବିନ୍ ଅସଦ୍ ଅଂଶଗ୍ରହଣ କରିଥିଲେ ।

ଆଁହଜରତ୍ ସଲ୍ଲାଲ୍ଲାହୁ ଆଲୈହିୱା ସଲ୍ଲମଙ୍କ ସନ୍ତାନ ସନ୍ତତି: ଆଁହଜରତ୍ ସ.ଅଙ୍କର ଯେତେ ସନ୍ତାନ ହୋଇଥିଲେ, ସେଗୁଡ଼ିକ ସମସ୍ତେ କେବଳ ଇବ୍ରାହିମ୍‌ଙ୍କୁ ଛାଡ଼ି ଯିଏକି ଆଁହଜରତ୍ ସ.ଅଙ୍କ ଶେଷ ବୟସରେ ମାରିଆ କିବ୍‌ତିୟା ର.ଅଙ୍କ ଗର୍ଭରୁ ଜନ୍ମଗ୍ରହଣ କରିଥିଲେ । ଅନ୍ୟ ସମସ୍ତ ସନ୍ତାନ ହ. ଖଦୀଜା ର.ଅଙ୍କ ଗର୍ଭରୁ ଜାତ ଲ ହୋଇଥିଲେ । ତେଣୁ ହଜରତ୍ ଖଦୀଜା ର.ଅଙ୍କ ଠାରୁ ଆପଣ ସ.ଅଙ୍କର ତିନିଜଣ ପୁତ୍ର ସନ୍ତାନ ଏବଂ ଚାରିଜଣ କନ୍ୟା ଜନ୍ମ ହୋଇଥିଲେ । ପୁତ୍ରମାନଙ୍କର ନାମ କାସିମ୍, ତାହିର୍ ଏବଂ ତୈୟେବ୍ ଥିଲା । କେତେକ ବର୍ଣ୍ଣନାରେ ଜଣେ ଚତୁର୍ଥ ପୁତ୍ର ଅବ୍‌ଦୁଲ୍ଲାଃ ମଧ୍ୟ ବର୍ଣ୍ଣନା କରାଯାଇଛି । କିନ୍ତୁ ସାଧାରଣ ଧାରଣା ଏହା ଅଟେ ଯେ, ତୋୟେବ୍‌ଙ୍କର ଅନ୍ୟ ଏକ ନାମ ଅବ୍‌ଦୁଲ୍ଲାଃ ମଧ୍ୟ ଥିଲା।

କନ୍ୟାମାନଙ୍କର ନାମ ଜୈନବ ର.ଅ, ରୁକୈୟା ର.ଅ, ଉମ୍ କୁଲ୍‌ସୁମ୍ ର.ଅ ଏବଂ ଫାତିମା ର.ଅ ଥିଲା । ଆଁହଜରତ୍ ସ.ଅଙ୍କର ସମସ୍ତ ସନ୍ତାନ ଯେଉଁମାନେ ହ. ଖଦୀଜା ର.ଅଙ୍କ ଗର୍ଭରୁ ଜନ୍ମ ହୋଇଥିଲେ, ସେମାନେ ଆପଣ ସ.ଅଙ୍କ ନବୁଅତ୍ (ଅବତାରତ୍ୱ) ର ଦାବି କରିବା ପୂର୍ବରୁ ହିଁ ଜନ୍ମଗ୍ରହଣ କରି ସାରିଥିଲେ ଏବଂ ଆଁହଜରତ୍ ସ.ଅଙ୍କ କୁନିୟତ୍ (ଉପନାମ ବା ଗୋତ୍ର) 'ଅବୁଲ୍ କାସିମ୍' ଆପଣ ସ.ଅଙ୍କ ବଡ଼ ପୁତ୍ର କାସିମ୍‌ଙ୍କ ନାମାନୁସାରେ ଥିଲା । ଆଁହଜରତ୍ ସ.ଅଙ୍କ ପୁତ୍ରସନ୍ତାନମାନେ ସମସ୍ତେ ଶୈଶବକାଳରେ ହିଁ ମୃତ୍ୟୁବରଣ କରିଥିଲେ, କିନ୍ତୁ କନ୍ୟାମାନେ ସମସ୍ତେ ବଡ଼ ହେଲେ ଏବଂ ଇସଲାମ୍ ଗ୍ରହଣ କଲେ ।

ଅବଶିଷ୍ଟାଂଶ...ପରବର୍ତ୍ତୀ ସଂଖ୍ୟାରେ

ସିରତୁଲ୍ଲୁ ମେହ୍‌ଦୀ

(ଲେଖକ. ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ)

ସେ ତାଙ୍କ ଚାକର ସାମ୍ନାରେ ବାଇଗଣର ପ୍ରଶଂସା କଲା । ତେଣୁ ସେ ମଧ୍ୟ ବହୁତ ପ୍ରଶଂସା କଲା । କିଛି ଦିନ ଗଲା ପରେ ମାଲିକ ନିନ୍ଦା କଲା । ତେଣୁ ଚାକର ମଧ୍ୟ ନିନ୍ଦା କରିବାକୁ ଲାଗିଲା । ମାଲିକ ପଚାରିଲା, ଏ କ'ଣ ଯେ ସେଦିନ ତୁମେ ଭାରି ପ୍ରଶଂସା କରୁଥିଲ ଏବଂ ଆଜି ନିନ୍ଦା କରୁଛ ? ଚାକର କହିଲା, ଆଜ୍ଞା ମୁଁ ତ ହୁଜୁର୍‌ଙ୍କର ଚାକର ଅଟେ ବାଇଗଣର ଚାକର ନୁହେଁ ।

{63} بسم اللہ الرحمن الرحیم ବିନୀତ କହୁଛି ଯେ ଥରେ ଆମେ ତିନି ଭାଇ ମିଶି ଏକ ଏୟାର ଗନ୍ (ବାୟୁ ବନ୍ଧୁକ) ମଗାଇବା ପାଇଁ ଇଚ୍ଛା କଲୁ, କିନ୍ତୁ ଆମେ ସ୍ଥିର କରିପାରିଲୁ ନାହିଁ ଯେ କେଉଁ ବନ୍ଧୁକଟି ମଗାଇବୁ । ଶେଷରେ ଆମେ ଏକ କୁର୍ରା (ଘୋଷଣାପତ୍ର/ ଲଟେରୀ ବା କାଗଜ ଗୁଳା) ଲେଖି ହ. ସାହେବ ଅ.ସଙ୍କ ଠାରୁ ଉଠାଇଲୁ ଏବଂ ଯେଉଁ ବନ୍ଧୁକ ବାହାରିଲା ଆମେ ତାହା ମଗାଇ ନେଲୁ । ପରେ ସେଥିରୁ ବହୁତ ଶିକାର କଲୁ । (ଏହା 22 ବୋରର ବି.ଏସ୍.ଏ. ଏୟାର ରାଇଫଲ୍ ବନ୍ଧୁକ ଥିଲା) ।

{64} بسم اللہ الرحمن الرحیم ବିନୀତ କହୁଛି ଯେ, ଥରେ ଆମ ଘରର ପିଲାମାନେ ମିଶି ହ. ସାହେବ ଅ.ସଙ୍କ ସମ୍ମୁଖରେ ମିଆଁ ଶରୀଫ୍ ଅହମଦଙ୍କୁ ଉତ୍ପାତ ଚିଡ଼େଇବାକୁ ଲାଗିଲୁ ଯେ, ବାବା (ପିତାଶ୍ରୀ ହ. ମସିହ୍ ମଉଦ୍ ଅ.ସ) ତୁମକୁ ସ୍ନେହ କରନ୍ତି ନାହିଁ ଏବଂ ଆମକୁ ସ୍ନେହ କରନ୍ତି । ମିଆଁ ଶରୀଫ ଅହମଦ ବହୁତ ଚିଡୁଥିଲେ । ହ. ସାହେବ ଅ.ସ ଆମକୁ ବାରଣ ମଧ୍ୟ କରିଥିଲେ ଯେ, ଅଧିକ ହଇରାଣ କର ନାହିଁ । କିନ୍ତୁ ଆମେମାନେ ପିଲା ଥିଲୁ ତେଣୁ ଚିଡ଼େଇବାକୁ ଲାଗିଲୁ । ଶେଷରେ ମିଆଁ ଶରୀଫ୍ କାନ୍ଦିବାକୁ ଲାଗିଲେ ଏବଂ ତାଙ୍କର ଅଭ୍ୟାସ ଥିଲା ଯେ, ଯେତେବେଳେ ସେ କାନ୍ଦୁଥିଲେ ସେତେବେଳେ ନାକରୁ ବହୁତ ତରଳ ପଦାର୍ଥ (ସିଂଘାଣି) ବହୁଥିଲା ।

ହୁଜୁର୍ ଅ.ସ ଉଠିଲେ ଏବଂ ଚାହିଲେ ଯେ, ତାଙ୍କୁ ଆଲିଙ୍ଗନ କରି ନିଅନ୍ତୁ । କାରଣ ତାଙ୍କର ସନ୍ଦେହ ଦୂର ହୋଇଯିବ । କିନ୍ତୁ ସେ ଏହି କାରଣରୁ ଯେ, ନାକରୁ ପାଣି ବହୁଥିଲା ତେଣୁ ସେ ଦୂରେ ଦୂରେ ହଟି ଯାଉଥିଲେ । ହୁଜୁର୍ ଅ.ସ ବୁଝୁଥିଲେ ଯେ, ହୁଏତ ତାଙ୍କୁ କଷ୍ଟ ଅଛି, ସେଇଥିପାଇଁ ସେ ଦୂରକୁ ହଟି ଯାଉଛନ୍ତି । ତେଣୁ ଅନେକ ସମୟ ପର୍ଯ୍ୟନ୍ତ ଏହିପରି ହେଉଥିଲା ଯେ, ହୁଜୁର୍ ଅ.ସ ତାଙ୍କୁ ନିଜ ଆଡ଼କୁ ଟାଣୁଥିଲେ ଏବଂ ସେ ଦୂରେ ଦୂରେ ହଟି ଯାଉଥିଲେ । ଯେହେତୁ ଆମକୁ ଜଣାଥିଲା ଯେ, ପ୍ରକୃତ କଥା କ'ଣ ଅଟେ ? ସେଇଥିପାଇଁ ଆମେ ପାଖରେ ଠିଆ ହୋଇ ହସୁଥିଲୁ ।

{65} بسم اللہ الرحمن الرحیم ବିନୀତ କହୁଛି ଯେ, ଯେତେବେଳେ ଆମେ ଛୋଟ ପିଲା ଥିଲୁ ସେତେବେଳେ ହ. ମସିହ୍ ମଉଦ୍ ଅ.ସ ଯେକୌଣସି କାମ କରୁଥାଆନ୍ତୁ ବା ଅନ୍ୟ କୌଣସି ଅବସ୍ଥାରେ ଥାଆନ୍ତୁ ନା କାହିଁକି ଆମେ ଆପଣ ଅ.ସଙ୍କ ପାଖକୁ ଚାଲି ଯାଉଥିଲୁ ଯେ, ପିତାଶ୍ରୀ ! ପଇସା ଦିଅନ୍ତୁ । ଆପଣ ଅ.ସ ନିଜର ରୁମାଲରୁ ପଇସା କାଢ଼ି ଦେଇ ଦେଉଥିଲେ । ଯଦି ଆମେ କୌଣସି ସମୟରେ କୌଣସି କଥା ଉପରେ ଅଧିକ ଜିଦ୍ କରୁଥିଲୁ ସେତେବେଳେ ଆପଣ ଅ.ସ କହୁଥିଲେ ଯେ, ମିଆଁ ! ମୁଁ ଏହି ସମୟରେ କାମ କରୁଛି, ମୋତେ ଅଧିକ ହଇରାଣ କର ନାହିଁ । ବିନୀତ କହୁଛି ଯେ, ଆପଣ ଅ.ସ ସାଧାରଣ ନଗଦ (କୁଚୁରା ବା ରେଜ୍‌କା ପଇସା) ଟଙ୍କା ଇତ୍ୟାଦି ନିଜର ରୁମାଲରେ, ଯାହାକି ବଡ଼ ଆକାରର ମଲମଲ୍‌ରେ ପ୍ରସ୍ତୁତ ହୋଇଥିଲା, ବାନ୍ଧି ଦେଉଥିଲେ ଏବଂ ରୁମାଲରେ ଅନ୍ୟ କୋଣଟିକୁ ୱେଷ୍ଟକୋଟ୍ (କୁର୍ତ୍ତି) ସହିତ ସିଲେଇ କରି ଦେଉଥିଲେ ବା କାଜ୍ (ବଟମ୍ ହୋଲ୍)ରେ ବନ୍ଧାଇ ଦେଉଥିଲେ । ଚାବିଗୁଡ଼ିକୁ ଇଜାର୍‌ବନ୍ଦ (ପାଇଜାମା ଫିତା) ସହିତ ବାନ୍ଧୁଥିଲେ, ଯାହାକି ଓଜନ କାରଣରୁ ବେଳେବେଳେ ଝୁଲିପଡୁଥିଲା ।

ମତାଶ୍ରୀ ବର୍ଣ୍ଣନା କରନ୍ତି ଯେ ହ. ମସିହ ମଉଦ୍ ଅ.ସ ସାଧାରଣତଃ ପାଟ (ରେଶମ ବା ପଶମ) ଇଜାର୍‌ବନ୍ଦ ବସ୍ତ୍ର ବ୍ୟବହାର କରୁଥିଲେ । କାରଣ ଆପଣ ଅ.ସଙ୍କୁ ବାରମ୍ବାର ପରିଶ୍ରା ଲାଗୁଥିଲା । ସେଇଥିପାଇଁ ପାଟ ଇଜାର୍‌ବନ୍ଦ ରଖୁଥିଲେ । କାରଣ ତାହା ଖୋଲିବାରେ ସହଜ ହେବ ଏବଂ ଗଣ୍ଠି ପଡ଼ିଗଲେ ମଧ୍ୟ ଖୋଲିବାରେ ଅସୁବିଧା ହେବ ନାହିଁ । ସୂତା ଇଜାର୍‌ବନ୍ଦରେ ଆପଣଙ୍କର ବେଳେବେଳେ ଗଣ୍ଠି ପଡ଼ିଯାଉଥିଲା । ତେବେ ଆପଣ ଅ.ସଙ୍କୁ ବହୁତ କଷ୍ଟ ହେଉଥିଲା ।

{66} بسم اللہ الرحمن الرحیم ହ. ଅମ୍ମା ଜାନ୍ ମୋତେ କହିଲେ ଯେ, ଥରେ ତୁମର ଦଦାଙ୍କ ଜୀବନକାଳ ମଧ୍ୟରେ ହଜରତ୍ ସାହେବ ଅ.ସଙ୍କୁ ଯକ୍ଷ୍ମା (ଫୁସଫୁସ୍ ସଂକ୍ରମଣ) ହୋଇଗଲା ଏବଂ ଆପଣ ଅ.ସ ଛଅ ମାସ ପର୍ଯ୍ୟନ୍ତ ଅସୁସ୍ଥ ରହିଲେ ଏବଂ ଆପଣ ଅ.ସଙ୍କ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ସମ୍ବେଦନଶୀଳ ହୋଇଗଲା । ଏପରିକି ଜୀବନ ପ୍ରତି ନିରାଶା ଆସିଗଲା । ତେଣୁ ଥରେ ହ. ସାହେବ ଅ.ସଙ୍କ କକା (ଚଚା) ଆପଣ ଅ.ସଙ୍କ ପାଖକୁ ଆସି ବସିଲେ ଏବଂ କହିବାକୁ ଲାଗିଲେ ଯେ, ଦୁନିଆରେ ଏହିପରି ଅବସ୍ଥା ଅଛି । ସମସ୍ତଙ୍କୁ ମରିବାକୁ ପଡ଼ିବ କେହି ଆଗେ ଚାଲିଯାଏ, କେହି ପଛରେ ଯାଏ, ସେଇଥିପାଇଁ ଏଥିରେ ଆତଙ୍କିତ ହେବା ଉଚିତ୍ ନୁହେଁ ।

ଅବଶିଷ୍ଟାଂଶ...ପରବର୍ତ୍ତୀ ସଂଖ୍ୟାରେ

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan